# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live   mail Id: sanchardisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 32 | ISSUE 206 | ଭାଗ ୩୨ | ସଂଖ୍ୟା୨୦୬ | Bhubaneswar | Sunday 20 October 2024 | Page 8 Rs. 4.00 | ଭୁବନେଶ୍ୱର | ରବିବାର ୨୦ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




୯୦୦୦ ରନ୍ କ୍ଲବ୍‌ରେ ବିରାଟ କୋହଲି ପୃଷ୍ଠା ୬

## ମୋହନ ମ୍ୟାଜିକ୍: ରତ୍ନଗର୍ଭା ଓଡ଼ିଶାକୁ ସ୍ୱାଗତ

- ୩୪ ହଜାର କୋଟି ନିବେଶ କରିବ ହିଣ୍ଡାଲ୍ କୋ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୨ଶହରୁ ଅଧିକ ନିବେଶକ
- ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଯୋଗଦେବାକୁ ମୋହନ ଦେଲେ ନିମନ୍ତ୍ରଣ
- ବିଜେଡି ଶାସନର ୨୪ ବର୍ଷରେ ବ୍ୟାକ୍ ସିଟ୍ ନେଇଥିଲା ଶିଳ୍ପାୟନ
- କେବଳ ଖଣି ଉପରେ ନିର୍ଭର ଯୋଗୁଁ ସୁଯୋଗ ହରାଇଲା ଓଡ଼ିଶା
- ରାଜ୍ୟରେ ୫ ଲକ୍ଷ କୋଟି ପୁଞ୍ଜି ନିବେଶ ଲକ୍ଷ୍ୟ
- ଟୁରିଜିମ୍, ଟେକ୍ସଟାଇଲ୍ ସହ ଆଇଟି କ୍ଷେତ୍ରରେ ବଡ଼ ନିବେଶ

**ନୂଆଦିଲ୍ଲୀ, ୧୯।୧୦(ଏଜେନ୍ସି) :** ଦାୟିତ୍ୱ ନେବାର ମାତ୍ର ୪ ମାସ ଭିତରେ ଓଡ଼ିଶାରେ ଶିଳ୍ପାୟନ, ପୁଞ୍ଜିନିବେଶ ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ବିଜେପି ସରକାରଙ୍କ ବଡ଼ ପଦକ୍ଷେପ। ମୁମ୍ବାଇ ନିବେଶକ ସମ୍ମିଳନୀର ଦ୍ୱିତୀୟ ଦିନରେ ବହୁ ହାଇ ପ୍ରୋଫାଇଲ୍ ଶିଳ୍ପପତି, ନିର୍ଦ୍ଦେଶକ ଏବଂ ସିଇଓଙ୍କୁ ଭେଟିଛନ୍ତି ମୋହନ ମାଝୀ ଓ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ। ୨ଶହରୁ ଅଧିକ ନିବେଶକଙ୍କ ସହ ଆଲୋଚନା କରିଛନ୍ତି । ସେମାନଙ୍କ ସହ ମିଶି କରିଛନ୍ତି ରୋଡ୍ ସୋ'। ଲକ୍ଷ୍ୟ ଚଳିତବର୍ଷ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟକୁ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ଆଣିବା। ଓଡ଼ିଶାରେ ନିବେଶକଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାର ପ୍ରତିଶ୍ରୁତି ସହ ଆସନ୍ତା ଜାନୁଆରୀରେ ଭୁବନେଶ୍ୱରରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭରେ ଯୋଗଦେବାକୁ ନିବେଶକଙ୍କୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି ଆଗାମୀ ଦିନରେ ଓଡ଼ିଶା ହେବ ଇଣ୍ଡଷ୍ଟ୍ରିଆଲ୍ ହବ୍।

ବିଜେଡି ଶାସନର ୨୪ ବର୍ଷ ଭିତରେ ଓଡ଼ିଶାରେ ବ୍ୟାକ୍ ସିଟ୍ ନେଇଥିଲା ଶିଳ୍ପାୟନ। ନା ଥିଲା ସରକାରୀ ସହଯୋଗ ନା ନିବେଶକଙ୍କ ପାଇଁ ଅନୁକୂଳ ବାତାବରଣ। ଫଳରେ ପସ୍କୋ ଭଳି ବହୁ ବଡ଼ ବଡ଼ କମ୍ପାନୀ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି କରି ବି ଓହରିଗଲେ। ପୁଣି କେବଳ ଖଣି ଉପରେ ନିର୍ଭର କରି ଓଡ଼ିଶାରେ ଥିବା ଶିଳ୍ପାୟନ ଓ ନିଯୁକ୍ତି ସୃଷ୍ଟିର ଅନ୍ୟ ସମସ୍ତ ସମ୍ଭାବନାକୁ ଅଣଦେଖା କଲେ ବିଜେଡି ସରକାର। ଯାହାର ସବୁଠାରୁ ବଡ଼ ଉଦାହରଣ ହାଇଦ୍ରାବାଦ ଓ ବେଙ୍ଗାଲୁରୁ। ଆଇଟି ସେକ୍ଟରରେ ପର୍ଯ୍ୟାପ୍ତ ସୁଯୋଗ ପାଇଁ ଏ ଦୁଇ ସହରକୁ ଯାଉଛନ୍ତି ବହୁ ଓଡ଼ିଆ ଯୁବକ। କିନ୍ତୁ ସମ୍ଭାବନା ଥାଇ ବି ଆଇଟି ହବ୍ ହେବାର ସୁଯୋଗ ହରାଇଲା ଭୁବନେଶ୍ୱର। ଗତ କିଛି ଦଶକ ଭିତରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ଚନ୍ଦ୍ରବାବୁ ନାଇଡୁ ହାଇଦ୍ରାବାଦକୁ ଆଇଟି ହବ୍ କରିଥିବାବେଳେ ହାର୍ ମାନିଗଲେ ନବୀନ। କିନ୍ତୁ ଏବେ ବଦଳିଛି ସରକାର, ଆଉ ବଦଳିଛି ଚିତ୍ର। ଏବେ କେବଳ ଖଣି ଆଧାରିତ ନୁହେଁ ଶିଳ୍ପର ଡାଇଭର୍ସିଫିକେସନ୍ ବା ବିବିଧତା ପାଇଁ ଖୋଲିବ ରାସ୍ତା। ପର୍ଯ୍ୟଟନ ଓ ଟେକ୍ସଟାଇଲ୍ କ୍ଷେତ୍ରରେ ଓଡ଼ିଶାକୁ ସମୃଦ୍ଧ କରିବାକୁ ନିବେଶକଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ।



ମୁମ୍ବାଇରେ ଦୁଇ ଦିନ ଭିତରେ ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ବି ସାକ୍ଷାତ କରିଛନ୍ତି ଦେଶର ବହୁ ବଡ଼ ବଡ଼ ଉଦ୍ୟୋଗପତି। ଆଜି ଆଦିତ୍ୟ ବିର୍ଲା ଗ୍ରୁପର ଚେୟାରମ୍ୟାନ୍ କୁମାର ମଙ୍ଗଳମ୍ ବିର୍ଲା ମୋହନ ମାଝୀଙ୍କୁ ଭେଟି ଓଡ଼ିଶାରେ ନିବେଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଭାଡା ଗ୍ରୁପ୍, ଜେଏମ୍ ବକ୍ସି ଗ୍ରୁପ୍ ମିତ୍ତଲ ନିପ୍ପନ ଗ୍ରୁପ୍, ପାର୍ଲେ ଏବଂ ୱାରି ଏନର୍ଜିଜ୍ ➪ପୃଷ୍ଠା-୬

### ପ୍ରକାଶ ପାଇଲା ଓଏଏସ୍ ପରୀକ୍ଷା ଫଳ

## ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର



- ୬୮୩ ପରୀକ୍ଷାର୍ଥୀ କୃତକାର୍ଯ୍ୟ
- ଟପ୍ ୧୦ରେ ୫ ପୁରୁଷ ଓ ୫ ମହିଳା

**କଟକ, ୧୯।୧୦ (ସଂଚାର ବ୍ୟୁରୋ):** ଶନିବାର ପ୍ରକାଶ ପାଇଛି ୨୦୨୨ର ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ବା ଓଏଏସ୍ ପରୀକ୍ଷା ଫଳ। ଏଥିରେ ମୋଟ୍ ୬୮୩ (୨୨୭ ମହିଳା) ଜଣ ପରୀକ୍ଷାର୍ଥୀ ହୋଇଛନ୍ତି। ଟପ୍ ଟେନ୍‌ରେ ୫ ମହିଳା ଓ ୫ ପୁରୁଷ ପ୍ରାର୍ଥୀ ରହିଥିବା ବେଳେ ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର ହୋଇଛନ୍ତି। ପ୍ରିଙ୍ଗିଲ ପରବୀନ ପରିଡ଼ା ଦ୍ୱିତୀୟ, ଦୀପ୍ତିରଞ୍ଜନ ପତି ତୃତୀୟ ସ୍ଥାନରେ ରହିଛନ୍ତି। ଚତୁର୍ଥ ସ୍ଥାନରେ ପ୍ରଜ୍ଞା ପାରଙ୍ଗମ, ପଞ୍ଚମ ସ୍ଥାନରେ ଆଜାଦ ସାହୁ, ଷଷ୍ଠ ସ୍ଥାନରେ ଦୀପମ ରାଉତ, ସପ୍ତମ ସ୍ଥାନରେ ଦେବବ୍ରତ ଗୌଡ଼, ଅଷ୍ଟମ ସ୍ଥାନରେ ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ନବମ ସ୍ଥାନରେ କପିଳ କୁମାର ମହାନ୍ତି, ଦଶମ ସ୍ଥାନରେ ଅମ୍ରିତା ସାହୁ ରହିଛନ୍ତି। ସେହିପରି ଟପ୍ ୧୦୦ ରେ ୪୧ ଜଣ ଝିଅ ରହିଛନ୍ତି। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କୁ ରାଜ୍ୟ ପ୍ରଶାସନିକ ସେବାର ଗ୍ରୁପ ଏ ଓ ଗ୍ରୁପ୍ ବି ପଦରେ ନିଯୁକ୍ତି ଦିଆଯିବ।

ଓସିଏସ୍ ମେନ୍ ପରୀକ୍ଷା ୨୦୨୪ ଫେବୃଆରୀ ୨୫, ୨୬, ୨୮, ମାର୍ଚ୍ଚ ୧ ଓ ୩ରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଆଶାୟୀଙ୍କର ସେପ୍ଟେମ୍ବର ୧୦ରୁ ଅକ୍ଟୋବର ୧୦ ମଧ୍ୟରେ ପର୍ସନାଲିଟି ଟେଷ୍ଟ ହୋଇଥିଲା।

ପରୀକ୍ଷା ପାଇଁ ସମୁଦାୟ ୯୨୯୧୪ (୩୪୭୧୨-ମହିଳା) ପ୍ରାର୍ଥୀ ➪ପୃଷ୍ଠା-୬

### ସେବା ପାଇଁ ଚତୁର୍ଦ୍ଧା ଫାଉଣ୍ଡେସନ

## ଗୋପବନ୍ଧୁଙ୍କ ଆଦର୍ଶକୁ ଆପଣେଇବ ବିଜେଡି




**ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନରେ ବିଜେଡି ହାରିବା ପରେ ଏବେ ଭିନ୍ନ ରଣନୀତି ଆପଣେଇଛି। ରାଜନୀତି ସହ ସମାଜସେବା ପାଇଁ ଆଗେଇ ଆସିଛି ସର୍ବବୃହତ ଆଞ୍ଚଳିକ ଦଳ । ଏଥିପାଇଁ ଗୋପବନ୍ଧୁଙ୍କୁ ଆଦର୍ଶ ଭାବେ ଗ୍ରହଣ କରିଛି ଦଳ। ନୂଆ ରଣନୀତିରେ ଦଳ ପକ୍ଷରୁ ଗଢ଼ାଯାଇଛି ଏକ ଫାଉଣ୍ଡେସନ। ଯାହାର ନାମ ହେଉଛି ଚତୁର୍ଦ୍ଧା ଫାଉଣ୍ଡେସନ । ଏହି ଫାଉଣ୍ଡେସନ ସହ ବିଜେଡିର କିଛି ବରିଷ୍ଠ ନେତା, ସମାଜସେବୀ, ସମୀକ୍ଷକ, ଆଇନଜ୍ଞ, ନାରୀ ନେତ୍ରୀ ଯୋଡି ହେବେ ବୋଲି ଜଣାପଡିଛି । ଗୋପବନ୍ଧୁଙ୍କ 'ସମାଜ' ଅନୁଷ୍ଠାନ ଢାଞ୍ଚାରେ ଏହି ଫାଉଣ୍ଡେସନ ସମ୍ପୂର୍ଣ୍ଣ ଭାବେ ନିଜକୁ ଜନସେବାରେ ନିୟୋଜିତ କରିବ।

ମିଳିଥିବା ସୂଚନା ଅନୁଯାୟୀ ବିଜେଡି ରାଜ୍ୟରେ ସଶକ୍ତ ବିରୋଧିଦଳ ଭାବେ ସରକାରଙ୍କୁ ଜଗିବା ସହିତ ଏହି ଫାଉଣ୍ଡେସନ ଜରିଆରେ ବିଭିନ୍ନ ପ୍ରକାର ସେବା ମୂଳକ କାର୍ଯ୍ୟକୁ ଆଗେଇ ନେବ। ସରକାରରେ ଥିବାବେଳେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଭଳି କାର୍ଯ୍ୟକ୍ରମ ଜରିଆରେ ବିଜେଡି ସେବାମୂଳକ କାର୍ଯ୍ୟ ଚଳାଇଥିଲା । ଏବେ ଫାଉଣ୍ଡେସନ ଜରିଆରେ ରାଜ୍ୟବାସୀଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବ। ଏହି ଫାଉଣ୍ଡେସନ ସହ ଦୁଇଟି ବଡ ଆଞ୍ଚଳିକ ଗଣମାଧ୍ୟମ ସଂସ୍ଥା ମଧ୍ୟ ଯୋଡିହେବେ।

ରାଜ୍ୟର ସର୍ବ ପୁରାତନ ଗଣମାଧ୍ୟମ ସଂସ୍ଥା 'ସମାଜ' ଯେଭଳି ଏକାଧାରାରେ ଗଣମାଧ୍ୟମର ଦାୟିତ୍ୱ ତୁଲାଇବା ସହିତ ସମାଜସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଛି ଏହି ଫାଉଣ୍ଡେସନ ମଧ୍ୟ ସେହି ଢାଞ୍ଚାରେ କାମ କରିବ ବୋଲି ଲକ୍ଷ୍ୟ ➪ପୃଷ୍ଠା-୬

## ଏବେ ବିକଶିତ ଗାଁ, ବିକଶିତ ଓଡ଼ିଶା



**ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ) :** ପଞ୍ଚାୟତର ବିକାଶ ପାଇଁ ପୂର୍ବ ବିଜେଡି ସରକାର ଆରମ୍ଭ କରିଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ନାଁ ବଦଳାଇବାକୁ ବିଜେପି ସରକାର ନିଷ୍ପତ୍ତି ନେଇଛନ୍ତି।

ବିଜେପି ସରକାର ଏଓଏନଓ କାର୍ଯ୍ୟକ୍ରମକୁ 'ବିକାଶତ ଗାଁ ବିକାଶ ଓଡ଼ିଶା' (ବିକଶିତ ଗ୍ରାମ ବିକଶିତ ଓଡ଼ିଶା) ନାମରେ ନାମିତ କରିବାକୁ ଯୋଜନା କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି ଏହି ସୂଚନା ଦେଇଛନ୍ତି। ପୂର୍ବ ବିଜେଡି ସରକାର ପୂର୍ବ 'ଆମ ଗାଁ ଆମ ବିକାଶ'କୁ ସଂଶୋଧନ କରି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଆକାରରେ ଏକ ନୂଆ ଦିଗ ଦେଇଥିଲେ। ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖି ଗ୍ରାମୀଣ ଭିତ୍ତିଭୂମିବୃଦ୍ଧି ପାଇଁ ଗତବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏହି ଯୋଜନା ଆରମ୍ଭ ହୋଇଥିଲା।

ସ୍ଥାନୀୟ ଲୋକଙ୍କ ସକ୍ରିୟ ଅଂଶଗ୍ରହଣରେ ପୋଖରୀ, କ୍ରୀଡ଼ା, ସାଂସ୍କୃତିକ ଐତିହ୍ୟ ଆଦି ଗ୍ରାମର ବ୍ୟାପକ ବିକାଶ ନିମନ୍ତେ ଆମେ 'ବିକଶିତ ଗାଁ ବିକାଶ ଓଡ଼ିଶା' ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରୁଛୁ ବୋଲି ମନ୍ତ୍ରୀ କହିଛନ୍ତି।

ପଞ୍ଚାୟତ ଓ ଗ୍ରାମର ବିକାଶ ପାଇଁ ଗ୍ରାମସଭା ବା ପଲ୍ଲୀ ସଭା ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କଠାରୁ ମିଳିଥିବା ପ୍ରସ୍ତାବ ଅନୁଯାୟୀ ଗାଁଗୁଡ଼ିକର ବିକାଶ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବ ବିଜେଡି ସରକାର କୋଭିଡ-୧୯ ମହାମାରୀ ସମୟରେ ସରପଞ୍ଚମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି କ୍ଷମତା ପ୍ରତ୍ୟାହାର କରି ଅଧିକାରୀମାନେ ଏହି କ୍ଷମତାକୁ ଉପଭୋଗ କରୁଥିଲେ। ପୂର୍ବତନ ବିଜେଡି ➪ପୃଷ୍ଠା-୬

## ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡ଼ାଙ୍କ ପରଲୋକ



**ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡାର ପୂର୍ବତନ ବିଧାୟକ ତଥା ପୂର୍ବତନ ବିଜେଡି ଜିଲା ସଭାପତି ଉତ୍କଳ କେଶରୀ ପରିଡାଙ୍କର ଶନିବାର ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ଦୀର୍ଘ ଦିନଧରି ସେ ଅସୁସ୍ଥ ଥିଲେ ଓ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉତ୍କଳ କେଶରୀ ପରିଡା କେନ୍ଦ୍ରାପଡା ଡେରାବିଶ ବ୍ଲକ୍ ସଲାରୋ ଗ୍ରାମରେ ଜାନୁଆରୀ ୨୪, ୧୯୬୧ ଜନ୍ମ ଗ୍ରହଣ କରିଥିଲେ। ସେ ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରିଥିଲେ। ସାଲେପୁର କଲେଜ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ପରେ ଡେରାବିଶ ବ୍ଲକ ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଥିଲେ । ୨୦୦୪ରେ ସେ ଓଡ଼ିଶା ଗଣ ପରିଷଦ ଟିକେଟରେ ଲଢ଼ି କେନ୍ଦ୍ରାପଡାର ➪ପୃଷ୍ଠା-୬

## ବୁଝିଗଲେ ଚାଲାକ ଲିକୁ: ଜାରି କଲେ ଭିଡିଓ

### ପରିପକ୍ୱତାର ଦେଲେ ପରିଚୟ

### ଅଣ୍ଡାମାଡ଼ ପରେ ଘେରିଥିଲା ଗଣମାଧ୍ୟମ

**ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ):** ଅଣ୍ଡାମାଡ ଘଟଣାରେ ନିଜର ଭୁଲ୍ ବୁଝିବାପରେ ଧର୍ମଶାଳା ବିଧାୟକ ଲିକୁ ସାହୁ ନିଜ ଚତୁରତାର ପରିଚୟ ଦେବା ସହିତ ଏହି ଘଟଣାରେ ଭିଡିଓ ଜାରି କରିଛନ୍ତି। ଭିଡିଓରେ ଏଭଳି ଘଟଣାକୁ ନିନ୍ଦା କରିବା ସହିତ ସମର୍ଥକମାନଙ୍କୁ ଏଳି କାଣ୍ଡ ନଭିଆଇବାକୁ କହିଛନ୍ତି। ତେବେ ଗଣମାଧ୍ୟମ ଏହି ଘଟଣାରେ ଲିକୁଙ୍କୁ ଘେରିବା ପୂର୍ବରୁ ଯଦି ସିଏ ଭିଡିଓ ଜାରି କରିଥାନ୍ତେ ତେବେ ପରିସ୍ଥିତି ଭିନ୍ନ ହୋଇଥାନ୍ତା ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି।



ଉଲ୍ଲେଖନୀୟ ଯେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କୁ ଲିଙ୍କୁ ସମର୍ଥକମାନେ ବିଚ୍ ରାସ୍ତା ଉପରେ ଅଣ୍ଡାମାଡ କରିଥିଲେ। ଅଣ୍ଡାମାଡରେ ତାଙ୍କ ଗାଡି ଏକ ପ୍ରକାର ବୁଡି ଯାଇଥିଲା। ତେବେ ଏହି ଘଟଣାରେ ପୂର୍ବତନ ବିଧାୟକଙ୍କ ଗାଡିକୁ ଅଣ୍ଡା ବର୍ଷା ଖବର ପ୍ରକାଶ ପାଇବାପରେ ଲିକୁ ଓ ତାଙ୍କ ସମର୍ଥକମାନେ ଏହାକୁ ଏକ ପ୍ରକାର ବିଜୟ ବୋଲି ଧରି ନେଇଥିଲେ। ହେଲେ ଅସଲରେ କିନ୍ତୁ କେତେକ ଗଣମାଧ୍ୟମରେ ଲିକୁଙ୍କର ➪ପୃଷ୍ଠା-୬

## ବିଜେପି ବିଜୟର ଗୁମର କହିଲେ ଧର୍ମେନ୍ଦ୍ର



ଓଡ଼ିଆ ଅସ୍ମିତା ଓଡ଼ିଆଙ୍କ ସ୍ୱାଭିମାନ ବୋଲି ଦେଲେ ପରିଚୟ

**ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ନବୀନ ପଟ୍ଟନାୟକ ଲୋକପ୍ରିୟତାର ଶୀର୍ଷରେ ଥିବା ବେଳେ ବିଜେଡି କାହିଁକି ହାରିଲା, ଆଉ ବିଜେପି ପ୍ରତି ଓଡ଼ିଶାବାସୀ କେମିତି ଆକର୍ଷିତ ହେଲେ। ଏନେଇ ରାଜନୈତିକ ପଣ୍ଡିତଙ୍କ ଗଣନା ଏଯାଏଁ ସରୁନି। ଆଉ ଯାରି ଭିତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ବିଜେପି ସରକାର ଗଠନ କରିବାର ଗୁମର ଖୋଲିଛନ୍ତି । ଭୁବନେଶ୍ୱରରୁ ଦିଲ୍ଲୀଯାଏଁ ସମସ୍ତଙ୍କୁ ଜଣା ଯେ, ରାଜନୀତିରେ ଧର୍ମେନ୍ଦ୍ର ଜଣେ ସ୍ପଷ୍ଟବାଦୀ ଏବଂ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପରେ ରୋକଠୋକ କହୁଥିବା ନେତା। ତେଣୁ ତାଙ୍କର ଏହି ଗୁମର କଥାକୁ କେହି ଚ୍ୟାଲେଞ୍ଜ ମଧ୍ୟ କରିପାରୁନାହାଁନ୍ତି।

ଧର୍ମେନ୍ଦ୍ରଙ୍କ ଆକଳନରେ ତିନୋଟି କାରଣ ପାଇଁ ବିଜେପି ରାଜ୍ୟରେ ସରକାର ଗଠନ କରିବାକୁ ସକ୍ଷମ ହୋଇଛି । ଏକ ଆନ୍ତର୍ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଜେଡି ସରକାର ଅମଳରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ବିଜେପିକୁ ସରକାରକୁ ଆଣିବାକୁ ସବୁଠୁ ଅଧିକ ସହାୟକ ହୋଇଛି । ସେହିଭଳି ବିଜେଡି ସରକାରରେ ଯେଉଁଭଳି କୁଶାସନ ବଢ଼ିଥିଲା ତାହା ବିଜେପିକୁ କ୍ଷମତାକୁ ଆଣିବାକୁ ମଧ୍ୟ ସହାୟକ ହୋଇଥିଲା। ରାଜ୍ୟରେ ବଢ଼ି ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚର ଏବଂ କୁଶାସନ ସହ ରାଜ୍ୟବାସୀ କେନ୍ଦ୍ରର ବିଜେପି ସରକାର ସହ ତୁଳନା କରିଥିଲେ। ଯେଉଁଥିରେ ବିଜେପିର ପଲ୍ଲା ଭାରି ହୋଇଥିଲା। ସେହିଭଳି ବିଜେପି କ୍ଷମତାକୁ ଆସିବାର ତୃତୀୟ କାରଣ ହେଉଛି ରାଜ୍ୟବାସୀଙ୍କ ପ୍ରତି ବିଜେଡିର ସମ୍ବେଦନହୀନତା। ବିଜେଡି ସରକାର ଅମଳରେ କିଛି ଲୋକ କ୍ଷମତା ହଡପ ପାଇଁ ପଛଦ୍ୱାରରୁ ଷଡଯନ୍ତ୍ର କରିଥିଲେ । ଯାହାକୁ ନେଇ ଲୋକଙ୍କ ଭିତରେ ପୁଞ୍ଜିଭୂତ ଆକ୍ରୋଶ ଦେଖିବାକୁ ମିଳିଥିଲା । ଆଉ ବିଜେପି ଏହି ପୁଞ୍ଜିଭୂତ ଅସନ୍ତୋଷକୁ ଓଡିଆ ଅସ୍ମିତାର ରୂପ ଦେଇ ରାଜନୈତିକ ଅସ୍ତ୍ର କରିଥିଲା। ବିଜେପିର ଏହି ଓଡିଆ ଅସ୍ମିତା ଅସ୍ତ୍ରକୁ ଭରସା କରିଥିଲେ ରାଜ୍ୟବାସୀ ଓ ଡବଲ ଇଂଜିନକୁ ଏହାର ଫାଇଦା ମିଳିଲା । ଓଡିଆ ଅସ୍ମିତା ଅସ୍ତ୍ରକୁ ରାଜ୍ୟବାସୀ ଯେଉଁଭଳି ସମର୍ଥନ ଦେଲେ ତାହା କେନ୍ଦ୍ରୀୟ ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଜମ୍ମୁ କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ଲାଗି ଶନିବାର ଉମର ଅବଦୁଲ୍ଲା କ୍ୟାବିନେଟ୍‌ରେ ଏକ ପ୍ରସ୍ତାବ ପାରିତ ହେବା ସହିତ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବା ଲାଗି କ୍ୟାବିନେଟ ମୁଖ୍ୟମନ୍ତ୍ରୀଙ୍କୁ ଅନୁମତି ଦେଇଛି।
- ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅନ୍ୟ ବିବାଦରୁ ଧ୍ୟାନ ହଟାଇବା ପାଇଁ ଖଲିସ୍ତାନୀ ନେତା ହରଦୀପ ସିଂ ନିଜ୍ଜାର ହତ୍ୟା ମାମଲାକୁ ବ୍ୟବହାର କରୁଛନ୍ତି ବୋଲି କାନାଡ଼ା ବିରୋଧୀ ଦଳ ନେତା ମାକ୍ସିମ୍ ବେର୍ନିଏରଙ୍କ ଅଭିଯୋଗ।
- ଝାଡ଼ଖଣ୍ଡରେ ଆସନ ବୁଜାମଣା ନେଇ ଇଣ୍ଡିମେଣ୍ଟରେ ବିବାଦ । ଆସନ ବୁଝାମଣା ଉପରେ ହେମନ୍ତ ସୋରେନଙ୍କ ମନ୍ତବ୍ୟକୁ ଆର୍‌ଜେଡି ସାଂସଦ ମନୋଜ ଝାଙ୍କ ବିରୋଧ।
- ଭାରତୀୟ ରେଳବାଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏକ ବଡ଼ ଖୁସି ଖବର ଦେଇଛି। କର୍ମଚାରୀଙ୍କ ଅଭାବ ଦୂର କରିବା ପାଇଁ ୬୫ବର୍ଷରୁ କମ୍ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚାକିରି ଦେବାକୁ ନିଷ୍ପତ୍ତି।
- ଉତ୍ତରପ୍ରଦେଶ ନୋଏଡାର ଏକ ବ୍ୟାଙ୍କ ଲକରରେ ଗ୍ରାହକ ୫ଲକ୍ଷ ଟଙ୍କା ଉଈ ଖାଇଗଲେ। ଟଙ୍କା ରଖିବାର ପ୍ରାୟ ୩ ମାସ ପରେ ଗ୍ରାହକ ଲକର ଖୋଲିବା ପରେ ଏହା ଜଣାପଡ଼ିଛି।
- ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ ଆସନ ବଣ୍ଟନରେ ସବୁ ରାଜନୈତିକ ଦଳ ବ୍ୟସ୍ତ ଅଛନ୍ତି। ଇତିମଧ୍ୟରେ, ମୁଖ୍ୟମନ୍ତ୍ରୀ ପଦ ପାଇଁ ପୁଣି ଭେଟେରାନ ବିଜେପି ନେତା ଗୋପୀନାଥ ମୁଣ୍ଡେଙ୍କ ଝିଅ ପଙ୍କଜା ମୁଣ୍ଡେଙ୍କ ନାମ ଉଠିଛି।
- ବିଧାନସଭା ନିର୍ବାଚନ ପୂର୍ବରୁ ଝାରଖଣ୍ଡ ଡିଜିପି ଅନୁରାଗ ଗୁପ୍ତାଙ୍କ ତୁରନ୍ତ ବଦଳି ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ନିର୍ବାଚନ ଆୟୋଗ।
- ବିଜୟ ରାହତକରଙ୍କୁ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ଭାବେ ନିଯୁକ୍ତି ଦିଆଯାଇଛି। ଏ ସମ୍ପର୍କରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

### ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ

## ୨୧ରେ ସ୍ପଷ୍ଟ ହେବ ବାତ୍ୟା ସ୍ଥିତି, ୨୩ରୁ ବର୍ଷା


**ଭୁବନେଶ୍ୱର,୧୯।୧୦ (ସଂଚାର ବ୍ୟୁରୋ):** ରାଜ୍ୟବାସୀଙ୍କ ମନରେ 'ବାତ୍ୟା' ଛନକା। କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ବାୟୁମଣ୍ଡଳର ଉପରି ଭାଗରେ ୫.୮ କିଲୋମିଟର ଯାଏଁ ବ୍ୟାପିଛି ଘୂର୍ଣ୍ଣିବଳୟ। ଏହା ପ୍ରଭାବରେ ୨୧ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର। ଏହି ଘୂର୍ଣ୍ଣିବଳୟ ଉତ୍ତର ପଶ୍ଚିମ ଦିଗରେ ଗତି କରି ଆହୁରି ଘନୀଭୂତ ହୋଇ ୨୩ ତାରିଖରେ ଅବପାତରେ ପରିଣତ ହେବ। ଯାହା ପ୍ରଭାବରେ ଆସନ୍ତା ୨୩ ତାରିଖରୁ ବଢ଼ିବ ବର୍ଷା। ୨୩ ରୁ ➪ପୃଷ୍ଠା-୬

## ଗରିବ ହୀନିମାନ, ଧନୀଙ୍କୁ ସମ୍ମାନ

- ରାଜଧାନୀ ରାଜରାସ୍ତାରେ ବଡ଼ଲୋକଙ୍କ ରାଜୁତି
- ମୋଟା ଅଙ୍କର ମାଲ୍ ନେଇ ଚୁପ୍ ବସୁଛି ଟ୍ରାଫିକ୍

**ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ):** ଆପଣ ରାଜଧାନୀରେ ରହୁଥିବେ, ତେବେ ଟ୍ରାଫିକ ଅବସ୍ଥା ନେଇ ନିଶ୍ଚୟ ଅବଗତ ଥିବେ । କେତବେଳେ ଆମ୍ବୁଲାନ୍ସ ଯିବାକୁ ବାଟ ନପାଇ ରାସ୍ତାରେ ପ୍ରସବ ହେଇଗଲାଣି ତ ଆଉ କେଉଁଠି ଗହଳି ପାଇଁ ସିରିଜ ଦୁର୍ଘଟଣା ଘଟିଲାଣି । ଏସବୁ ଭିତରେ ପବ୍ଲିକ ଟ୍ରାନ୍ସପୋର୍ଟ ସହଜସାଧ୍ୟ ପାଇଁ ଚାଲୁଥିବା ବିରାଟ ବିରାଟ ବସ, ଅଧା ରାସ୍ତାକୁ ଅବରୋଧ କଲାଣି । ଅଟୋ କଥା କହିଲେ ନସରେ । ବଞ୍ଚି ବଞ୍ଚି ମରିବା ଅବସ୍ଥାରେ ଭୁବନେଶ୍ୱର ବାସିନ୍ଦା । ଏସବୁକୁ ଲାଘବ କରିବା ପାଇଁ ରାଜଧାନୀରେ ଟ୍ରାଫିକ ପୋଲିସ ସବୁବେଳେ କାମ କରୁଥିବା ଦେଖାଯାଉଛି । ଏହି କାମ ଦ୍ୱାରା କେବଳ ଗରିବ ଗୁରୁବା ଲୋକ ହନ୍ତସନ୍ତ ହେଉଥିବା ବେଳେ ମୁନାଫା କମାଉଛନ୍ତି ବଡ଼ ବଡ଼ିଆ ।

ସିଧା ପ୍ରସଙ୍ଗକୁ ଆସିବା । ବେଆଇନ ପାର୍କିଂ କଲେ ଅନେକ ସମୟରେ ଗାଡି ଗୁଡ଼ିକୁ ଟେକି ନେଇଯାଉଛି ଟୋଇଁ ଭ୍ୟାନ ବା ଟଣା ଗାଡି । ଅଶୋକ ନଗର, ମାଷ୍ଟର କ୍ୟାଣ୍ଟିନ, ସହିଦନଗର , ୟୁନିଟ ୧ ହାଟ, ମାର୍କେଟ ବିଲ୍ଡିଂ , ରସୁଲଗଡ଼, ପାତ୍ରପଡା ଭଳି ସ୍ଥାନରେ ନୀତିଦିନ ଦେଖିବାକୁ ମିଳେ ଏଭଳି ଦୃଶ୍ୟ । ସାଧାରଣ ଲୋକେ ମୋଟା ଅଙ୍କର ଫାଇନ ଦେଇ ହୀନସ୍ତା ହେଉଥିବା ବେଳେ ମୁନାଫା କମାଏ ଗାଡି ଟାଣୁଥିବା ପ୍ରାଇଭେଟ ସଂସ୍ଥା । ତେବେ ଏଠାରେ ଗୋଟିଏ ବଡ଼ ପ୍ରଶ୍ନ ଉଠୁଛି, କେବଳ ଏହି ସୀମିତ ସ୍ଥାନକୁ ଛାଡିଦେଲେ କଣ ଆଉ କିଛି ଜାଗା ନାହିଁ ? ସେଠାକୁ ଯିବାକୁ କିଏ ମନା କରିଛି ?




ଆମେ କହୁଛୁ, ଆପୋଲୋ ହସ୍ପିଟାଲ ରୋଡ଼ କଥା । ସକାଳ ହଉ ବା ସନ୍ଧ୍ୟା, ଏଠାରେ ସବୁବେଳେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ରାସ୍ତା ଉପରେ ଦୁଇ ଧାଡି ହୋଇ କାର ରହୁଛି। ସୈନିକ ସ୍କୁଲ ରୁ ଆଚାର୍ଯ୍ୟ ବିହାର ଯିବା ରାସ୍ତାରେ ହସ୍ପିଟାଲ ସମ୍ମୁଖରେ ମଧ୍ୟ ଧାଡି ହୋଇ କାର ରହୁଛି । କିନ୍ତୁ ଏତବେଳକୁ ଟ୍ରାଫିକ ପୋଲିସର ହାତ ବାନ୍ଧି ବସୁଛି । ଗାଡି ଉଠେଇବା ତ ଦୂର କଥା, ଫାଇନ ଟିଏ ମଧ୍ୟ କାଟିପାରୁନି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି ଟ୍ରାଫିକର ଅପାରଗତା ପାଇଁ ନୀତିଦିନ ସେଠାରେ ଦୁର୍ଘଟଣା ହେଉଛି। ମ୍ୟାନେଜମେଣ୍ଟ ର ମାତ୍ରାଧିକ ➪ପୃଷ୍ଠା-୬



## ଯାତ୍ରା ପଡ଼ିଆରେ ମେଲଣ କଲେ ୪୩ମେଢ଼ ଉତ୍ସବମୁଖର ଚୌଦ୍ୱାର

**ଟାଙ୍ଗୀ-ଚୌଦ୍ୱାର, ୧୯।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଚୌଦ୍ୱାରର ଐତିହାସିକ ରୂପଯାତ୍ରାରେ ମୋଟ ୪୩ଟି ମେଢ଼ ସାମିଲ ହୋଇଛନ୍ତି। କୁମାର ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇଥିବା ଏହି ପ୍ରସିଦ୍ଧ ଯାତ୍ରା ପାଇଁ ସାରା ଚୌଦ୍ୱାରକୁ ରଙ୍ଗୀନ ଆଲୋକ ମାଳା ଓ ଡିଜିଟାଲ ଲାଇଟ ଗେଟରେ ସଜ୍ଜିତ କରାଯାଇଛି। ସହରର ସାହି ବସ୍ତିର ମଣ୍ଡପ ମାନଙ୍କରେ ପୂଜା ପାଉଥିବା ଦୁର୍ଗା, ଲକ୍ଷ୍ମୀ, ହର ପାର୍ବତୀ, ଲକ୍ଷ୍ମୀ ନାରାୟଣ, ମହାଦେବ, ହନୁମାନ ଆଦି ୪୩ଟି ମେଢ ଶନିବାର ଅପରାହ୍ନରେ ନିଜନିଜର ଆସ୍ଥାନ ଛାଡି ପାରମ୍ପରିକ ବାଦ୍ୟ, ଘଣ୍ଟଘଣ୍ଟା, ନୃତ୍ୟ ରେ ଶୋଭାଯାତ୍ରା କରି ସାହି ପରିକ୍ରମା କରିବା ସହିତ ମଧ୍ୟରାତ୍ର ସୁଦ୍ଧା ରୂପଯାତ୍ରା ପଡ଼ିଆରେ ପହଞ୍ଚି ମେଲଣ କରିଛନ୍ତି। ହେଲେ ସଂଧ୍ୟାରେ ବିଜୁଳି ଘଡ଼ଘଡ଼ି ସହିତ ଝିପିଝିପି ବର୍ଷା ମେଢ଼ ଶୋଭାଯାତ୍ରା ପାଇଁ ବାଧକ ସାଜିଥିବା ଦେଖିବାକୁ ମିଳିଛି।ବର୍ଷା ସତ୍ୱେ ତିନିକୋଣିଆସ୍ଥିତ ଯାତ୍ରା ପଡ଼ିଆରେ ଯାତ୍ରୀ ମାନଙ୍କର ଭିଡ଼ ଜମିବା ଆରମ୍ଭ ହୋଇଛି। କମିଶନରେଟ ପୋଲିସ ପକ୍ଷରୁ ୧୫ପ୍ଲାଟୁନ ଫୋର୍ସ, ୫୫ଜଣ ଅଧିକାରୀ, ଏସିପି, ଏଡିସିପି ପ୍ରମୁଖ ଉପସ୍ଥିତ ରହି କଡା ନଜର ରଖୁଛନ୍ତି। ପୋଲିସ ତରଫରୁ ପଡ଼ିଆରେ ସିସିଟିଭିର ବ୍ୟବସ୍ଥା କରାଯାଇଛି। ମେଲଣ ପଡ଼ିଆରେ ଘରକରଣା ସାମଗ୍ରୀ, ଖାଦ୍ୟପେୟ ଆଦି ସହିତ ମନୋରଞ୍ଜନ ପାଇଁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଦୋକାନ ଖୋଲିଥିବାବେଳେ ଚଳିତ ବର୍ଷ ବହୁମାତ୍ରାରେ ବିଭିନ୍ନ ପ୍ରକାରର ଦୋଳି ଯାତ୍ରୀ ମାନଙ୍କୁ ଆକୃଷ୍ଟ କରୁଛି। ପରମ୍ପରା ଅନୁସାରେ ରବିବାର ସକାଳେ ଯାତ୍ରା କମିଟି ନିକଟରୁ ଛନ୍ଦା ଗ୍ରହଣ କରି ମେଢ଼ ଗୁଡ଼ିକ କ୍ରମାନ୍ୱୟରେ ଭାସାଣ ପାଇଁ ବିରୂପା ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ଦିଆଯାଇଛି।

## ଗଜଲକ୍ଷ୍ମୀ ପୂଜାରେ କେନ୍ଦରା ବାଦ୍ୟକୁ ପ୍ରାଧାନ୍ୟ



**କେନ୍ଦ୍ରାପଡ଼ା, ୧୯।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଚର୍ଚ୍ଚା ରେ ରହି ଆସିଛି। ସେହିପରି ଜିଲ୍ଲାର ଗଣ ପର୍ବ ମା ଗଜଲକ୍ଷ୍ମୀଙ୍କ ଆବାହନ ରେ ସାରା ସହର ଉତ୍ସବ ମୁଖରିତ ହୋଇଛି । ଏହି ସମୟରେ ଡୁବି ଯାଉଥିବା ଲୋକ କଳା କୁ ପ୍ରୋତ୍ସାହନ ଦେବାପାଇଁ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଭିନ୍ନ ଏକ କାର୍ଯ୍ୟକ୍ରମ ଅୟୋଜନ କରିଛନ୍ତି ଚାରିଟେବୁଲ ଟ୍ରଷ୍ଟ କର୍ମକର୍ତ୍ତା । ଏହି କାର୍ଯ୍ୟକ୍ରମ ର ନାମ "ପାରମ୍ପରିକ ଲୋକ କଳା ମହୋତ୍ସବ" ରହିଛି । ଏହା ତିନି ଦିନ ଧରି ଚାଲୁ ରହିବ ବୋଲି କର୍ମକର୍ତ୍ତା କହିଛନ୍ତି । ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଏକ ନମ୍ବର ବ୍ଲକ୍ ରାସ୍ତାରେ ସନ୍ଧ୍ୟା ସମୟରେ ଆୟୋଜିତ ହେଉଅଛି। ପ୍ରଥମ ଦିବସ ରେ କେନ୍ଦ୍ରାପଡ଼ା ଜିଲ୍ଲାର ପାରମ୍ପରିକ ବାଦ୍ୟ କେନ୍ଦରା ଗୀତ କୁ ପ୍ରାଧାନ୍ୟ ଦିଆଯାଇ ସାମାଜିକ ସଚେତନତା ବାର୍ତ୍ତା ଦିଆଯାଉଥିଲା । ଏହି ବାଦ୍ୟରେ ବହୁ ଧାର୍ମିକ ଆଲୋଚନା ହୋଇଥଲା। ସହରର ବହୁ ବୟସ୍କ ଓ ଜ୍ଞାନୀ ଗୁଣୀ ଲୋକେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ର ମୁଖ୍ୟ ବାଦକ ଥିଲେ ସଦାନନ୍ଦ ନାଥ ଓ ନୃସିହ ଚରଣ ନାଥ। ଆଜି ର କାର୍ଯ୍ୟକ୍ରମ ରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଉପସଭାପତି ରଶ୍ମି ରଞ୍ଜନ ବାରିକ, ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ, ତପନ କୁମାର ନାଥ, କେଦାର ସ୍ୱାଇଁ, ବିଶ୍ୱନାଥ ଚାନ୍ଦ, ନିହାର ରଞ୍ଜନ ସାହୁ, ପ୍ରଫୁଲ୍ଲ ଦାସ, ନିଗମ ସାହୁ, ଜୟରାମ ଦାସ , ଅରବିନ୍ଦ ମୁଦୁଲି, ତନ୍ମୟ ମୁଦୁଲି, ଅରୂପ ରଞ୍ଜନ ବାରିକ ଓ ପ୍ରଦୀପ ମୁଦୁଲି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ।

# ରଶ୍ମି ରଞ୍ଜନ ହତ୍ୟାକାଣ୍ଡ: ୪ ଥାନାରେ ଅଟକ

**ରାଜନଗର, ୧୯।୧୦ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ କୁରୁଂଟି ଗାଁ ମୁଣ୍ଡରେ ଥିବା ବାତ୍ୟା ଆଶ୍ରୟସ୍ଥଳ ମଧ୍ୟରେ ଗତକାଲି ସଂଧ୍ୟାରେ ବିଭିନ୍ନ ଅପରାଧରେ ଜଡିତ ଥିବା ୨୨ବର୍ଷୀୟ ଯୁବକ ରଶ୍ମି ରଞ୍ଜନ ପରିଡ଼ାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଲୁହାରଡ ଓ କୁରାଢ଼ୀ ସାହାଯ୍ୟରେ ଅତି ନିର୍ମମ ଭାବେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି। ମିଳିମିଶି ଭୋଜିକରି ମଦ ପିଇବା ପରେ ଏହି ହତ୍ୟାକାଣ୍ଡ ଘଟିଛି। ରଶ୍ମି ରଞ୍ଜନଙ୍କ ବାପା ରଙ୍ଗାଧରଙ୍କ ଅତି ନିର୍ମମ ଭାବେ ନିଜ ଗାଁରେ ହତ୍ୟା କରାଯାଇଛି। ତାଙ୍କ ନାଁରେ ରାଜନଗର, ମାର୍ଶାଘାଇ, ଟାଙ୍ଗି ଆଦି ଥାନାରେ ଚୋରି ଓ ରାହାଜାନୀ ମାମଲା ରହିଛି। ରଶ୍ମି ରଞ୍ଜନ ଅଧିକାଂଶ ସମୟରେ ଘର ବାହାରେ ରହେ। ଗତକାଲି ସକାଳେ ସେ ଘରୁ ଭୁବନେଶ୍ୱର ଯିବ କହି ଗାଁ ଛକକୁ ଆସିଥିଲା। ଏହାପରେ କେତେଜଣ ସାଙ୍ଗଙ୍କ ସହିତ ଖଣ୍ଡାମରା ଛକରେ ମାଂସ ରୋଷେଇ କରି ମଧ୍ୟାହ୍ନରେ ଖାଇବା ସହ ମଦ୍ୟପାନ କରିଥିଲେ। ସଂଧ୍ୟାରେ ସେଠାରେ ରହୁଥିବା ଘୁଷୁରୀଆ କେଳାଙ୍କ

- ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ପୁଲିସର ତଦନ୍ତ
- କୁକୁର ଠାବ କଲା ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ
- ଘଟଣା ସ୍ଥଳରୁ ଗଞ୍ଜେଇ ଜବତ

ଅଭିଯୋଗ ଆଧାରରେ ପୁଲିସ ୪ଜଣଙ୍କୁ ଉଠାଇ ଆଣି ପଚରା ଉଚରା କରୁଛି। ସନ୍ଧାନୀ କୁକୁର ଓ ସାଇଂଟିଫିକ ଟିମ୍ ମାଧ୍ୟମରେ ରାଜନଗର ପୁଲିସ ତଦନ୍ତକୁ ଯୋରଦାର କରିଛି। ହତ୍ୟାକାଣ୍ଡ ସ୍ଥଳରୁ ପୁଲିସ ପ୍ରାୟ ୨ କେଜି ଓଜନର ଗଞ୍ଜେଇ ପୁଲିସ ଜବତ କରିଛି। ଏହି ହତ୍ୟାକାଣ୍ଡ କାହିଁକି ଘଟିଲା, ପୂର୍ବରୁ ହତ୍ୟା ପାଇଁ ଯୋଜନା ହୋଇଥିଲା ନାଁ ପୁରୁଣା ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି, ତାହା ସ୍ପଷ୍ଟ ହୋଇନି।

ରାଜନଗର ବ୍ଲକ କୁରୁଂଟି ଗାଁର ରଙ୍ଗାଧର ପରିଡ଼ାଙ୍କ ପୁଅ ରଶ୍ମି ରଞ୍ଜନଙ୍କୁ ଗତକାଲି ସଂଧ୍ୟାରେ ସହିତ ରଶ୍ମି ରଞ୍ଜନଙ୍କ ଥିବା ବିବାଦ ସମ୍ପର୍କରେ ସମାଧାନ ବୈଠକ ବସିଥିଲା। ସେ ବୈଠକରେ ରଶ୍ମି ରଞ୍ଜନଙ୍କ ବାପା ଉପସ୍ଥିତ ଥିଲେ। ଏହି ବୈଠକ ପରେ ରାତି ପ୍ରାୟ ୮ ଭିତରେ ଗାଁର ବାତ୍ୟା ଆଶ୍ରୟସ୍ଥଳି ମଧ୍ୟରେ ଏହି ହତ୍ୟାକାଣ୍ଡ ଘଟିଛି। ରଶ୍ମି ରଞ୍ଜନଙ୍କ ବେକରେ ଲୁହାରଡକୁ ଭୁଷି ଦେବା ପରେ କୁରାଢ଼ୀ ସାହାଯ୍ୟରେ ତାର ଡାହାଡପଟ କାନମୁଣ୍ଡକୁ ହାଣିଛନ୍ତି। ଘଟଣାସ୍ଥଳରେ ହିଁ ଛଟପଟ ହୋଇ ରଶ୍ମି ରଞ୍ଜନଙ୍କ ମୃତ୍ୟୁ ଘଟିଛି। ହତ୍ୟାକାଣ୍ଡ ଘଟାଇବା ପରେ ହତ୍ୟାକାରୀମାନେ ଲୁହାରଡକୁ ପାଖରେ ଥିବା ବିଦ୍ୟାଳୟ ପଛପଟେ ନଳକୂପ ନିକଟରେ ପକାଇଥିବା ବେଳେ କୁରାଢ଼ୀକୁ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଫୋପାଡିଥିଲେ।

ଗତକାଲି ଏହି ହତ୍ୟାକାଣ୍ଡ ସମ୍ପର୍କରେ ଖବରପାଇ ପୁଲିସ ପହଁଚିବା ବେଳକୁ ରଶ୍ମି ରଞ୍ଜନ ମୃତ୍ୟୁବରଣ କରିସାରିଥିଲା। ଆଜି ସକାଳେ ସନ୍ଧାନୀ କୁକୁର ଓ ସାଇଂଟିଫିକ ଟିମ୍ ପହଁଚି ବିଭିନ୍ନ ଦିଗକୁ ପଶି ପଛପଟେ ଥିବା ନଳକୂପ ନିକଟରେ ପହଁଚିଥିଲା। ସନ୍ଧାନୀ କୁକୁର ହିଁ ନଳକୂପ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡକୁ ଠାବ କରିଥିଲା। ଏହାପରେ ରାଜନଗର-ଗୁପ୍ତି ମୁଖ୍ୟରାସ୍ତାକୁ ଯାଇ କିଛି ଦୂରରେ ରାସ୍ତା କଡରେ ବନ୍ଦଥିବା ଫ୍ଲାଏଆସ ଇଟା ଫ୍ୟାକ୍ଟ୍ରି ମଧ୍ୟରେ ପଶିଥିଲା, ସେଠାରେ କବାଟ ନଥିବା ଏକ



ନେଇ ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର ପ୍ରଥମେ ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରେ ଏପଟ ସେପଟ ହୋଇଥିଲା। ପରେ ଯେଉଁଠାରେ ଗଞ୍ଜେଇ ପ୍ୟାକେଟ ପଡ଼ିଥିଲା ସେଠାକୁ ଯାଇଥିଲା। ସେଠାରୁ ପାଖରେ ଥିବା କଞ୍ଚନେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଘର ମଧ୍ୟକୁ ବାରମ୍ବାର ଯାଇଥିଲା। ସାଇଂଟିଫିକ ଟିମ୍ ତଦନ୍ତ ସାରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଯାଇଛି। ରାଜନଗର ଆଇଆଇସି ଅଜୟ କୁମାର ଜେନା ଓ ଏସଡିପିଓ କ୍ଷମା ସାଗର ପଣ୍ଡା ପୁଲିସ ଉଠାଇ ଆଣିଥିବା ୪ଜଣଙ୍କୁ ପଚରା ଉଚରା କରୁଛନ୍ତି।

## ଧରାପଡ଼ିଲା ସନ୍ଦିଗ୍ଧ ପାରା

### ଗୋଡ଼ରେ ଲାଗିଛି ଟ୍ୟାଗ୍ ପରରେ ଲେଖାଯାଇଛି ବିଦେଶୀ ଭାଷା

**କେନ୍ଦ୍ରାପଡ଼ା, ୧୯।୧୦ (ସଂଚାର ବ୍ୟୁରୋ):** ଗୋଡ଼ରେ ଟ୍ୟାଗ୍ ଲାଗିଥିବା ଏକ ପାରାକୁ ଧରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଅଞ୍ଚଳର ମତ୍ସ୍ୟଜୀବୀ । ପାରାଟି ସନ୍ଦିଗ୍ଧ ପାରା ବୋଲି ସନ୍ଦେହ କରାଯାଉଛି । ଆଜି ଜମ୍ବୁ ଗାଁର କିଛି ମତ୍ସ୍ୟଜୀବୀ ମାଛ ମାରିବାକୁ ବୋଟ୍ ନେଇ ଗଭୀର ସମୁଦ୍ରକୁ ଯାଇଥିଲେ। ସେହି ସମୟରେ ସେହି ପାରାଟି ବୋଟରେ ବସିଥିଲା। ପାରା ଗୋଡ଼ରେ ଟ୍ୟାଗ ଲାଗିଥିବା ଦେଖିବାକୁ ପାଇଥିଲେ। ଯାହାକୁ ସନ୍ଦେହ କରି ପାରାଟିକୁ ଧରିଛନ୍ତି ମତ୍ସ୍ୟଜୀବୀ। ପାରାର ଗୋଟିଏ ଗୋଡରେ



ଥିବା ଟ୍ୟାଗରେ ସିଏଚ୍ଏନ୍-୧୯-୨୦୨୪ ମସିହା ଲେଖା ଥିବା ସହିତ ୯୮୮୨୨ ଲେଖା ହୋଇଛି । ଅନ୍ୟ ଏକ ଗୋଡ଼ରେ କଳା ରଙ୍ଗର ଏକ ଟ୍ୟାଗ ଲାଗିଛି । ଡେଣାରେ ଥିବା ପରରେ ବିଦେଶୀ ଭାଷା ଲେଖା ହୋଇଥିବା ବୋଟ୍ ମାଲିକ ରତନ କହିଛନ୍ତି। ପାରାଟିକୁ ଧରିବା ପରେ ସେମାନେ ତାକୁ ନେଇ ଜମ୍ବୁ ଥାନାକୁ ଯାଇଥିଲେ । ପରେ ତାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଧରାପଡ଼ିଥିବା ପାରାର ଟ୍ୟାଗରେ କ'ଣ ଅଛି ? ଯାହା ଲେଖା ଯାଇଛି, ତାର ଅର୍ଥ କ'ଣ ? କିଏ କାହାକୁ କିଛି ସନ୍ଦେଶ ପଠାଉଥିଲା କି ? ସେ ନେଇ ନାନା ପ୍ରଶ୍ନ ଏବେ ସୃଷ୍ଟି ହୋଇଛି ।

### ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଜାଲ ଘଟଣା

## ହେଲ୍ଥ କେୟାର ନର୍ସିଂହୋମ ସିଲ୍ କଲା ପୋଲିସ

**କେନ୍ଦ୍ରାପଡ଼ା, ୧୯।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଜାଲିଆତି କରିବା ଘଟଣାରେ କେନ୍ଦ୍ରାପଡା ସହରର ପୁରୁଣା ମେଡିକାଲ ରୋଡସ୍ଥିତ ଅନୱାର ଅଲ୍ଲୀ ଖାନ୍ଙ୍କ ହେଲଥ କେୟାର ନର୍ସିଂ ହୋମକୁ ଟାଉନ ଥାନା ପୋଲିସ ସିଲ କରିଛି । ପୌରନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ମ୍ୟାଜିଷ୍ଟ୍ରେଟ ଭାବରେ କେନ୍ଦ୍ରାପଡା ତହସିଲଦାର ତାପସରଞ୍ଜନ ଦେହୁରୀ, ଏଡିଏମଓ ଡା. ସଚ୍ଚିଦାନନ୍ଦ ମିଶ୍ର ଏବଂ ଡା. ନୃପେନ ଶତପଥୀ ପ୍ରମୁଖଙ୍କ ଉପସ୍ଥିତିରେ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ହେଲଥ କେଆର ନର୍ସିଂ ହୋମକୁ ସିଲ୍ କରିଥିଲା । କିନ୍ତୁ ଦୀର୍ଘଦିନ ହେବ ଗିରଫ ହେବା ଭୟରେ ନର୍ସିଂହୋମର ମାଲିକ ଅନୱାର ଅଲ୍ଲୀ ଖାନ୍ ଫେରାର ଅଛନ୍ତି ।




ଜାଲ କାଗଜପତ୍ର ବଳରେ ନର୍ସିଂ ହୋମ ଚଳାଉଥିବା ପ୍ରଶାସନ ସ୍ପଷ୍ଟ ହେବା ପରେ ଏବଂ ଥାନାରେ ଏତଲା ଦିଆଯିବା ପରେ ମଧ୍ୟ ନର୍ସିଂହୋମକୁ କାହିଁକି ସିଲ କରାଯାଇ ନାହିଁ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ନୂତନ ନିୟମ ଅନୁଯାଇ ହେଲଥ କେଆର ନର୍ସିଂହୋମର ଅଗ୍ନିସୁରକ୍ଷା ଅନୁମତି ନଥିବାରୁ ନର୍ସିଂହୋମ ପକ୍ଷରୁ ଅଗ୍ନିସୁରକ୍ଷା ଅନୁମତି ପତ୍ର ପ୍ରାପ୍ତ



ନିମନ୍ତେ ପୌର ନିର୍ବାହୀ ଅଧିକାରୀ ଶ୍ରୀ କରଙ୍କ ଦସ୍ତଖତକୁ ଜାଲିଆତି କରି ଏଥିନିମନ୍ତେ ଆବଶ୍ୟକ ପଡୁଥିବା ନର୍ସିଂହୋମ ବିଲଡିଂର ପ୍ଲାନ ଅନୁମୋଦନ ହୋଇଥିବା କାଗଜାଦ ଆବେଦନପତ୍ର ସହିତ କଟକ ମଣ୍ଡଳ ଅଗ୍ନିଶମ ବିଭାଗକୁ ପଠାଇଥିଲା । ହେଲେ କାଗଜପତ୍ର ଯାଞ୍ଚ ବେଳେ ଅଗ୍ନିଶମ ବିଭାଗ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ଓ ତାଙ୍କ ଦସ୍ତଖତ ଅସଲି କି ନକଲି ତାହା ଜାଣିବା ପାଇଁ ଚାହିଁବାରୁ ଏହା ଜାଲ ଥିବା ଜଣାପଡିଥିଲା ।

ନିର୍ବାହୀ ଅଧିକାରୀ କହିଥିଲେ ଯେ ଏହି ନର୍ସିଂହୋମ କୋଠାର ପ୍ଲାନ ସେ ଅନୁମୋଦେନ କରିନାହାନ୍ତି । କିନ୍ତୁ ତାଙ୍କ ଦସ୍ତଖତ ଥାଇ ପ୍ଲାନ ଅନୁମୋଦନ ହୋଇଥିବା ନିର୍ବାହୀ ଅଧିକାରୀ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ । ଏହି ଏତଲାକୁ ଭିତ୍ତିକରି ଟାଉନ ଥାନା ପକ୍ଷରୁ ଏକମାମଲା ନର୍ସିଂ ହୋମ ମାଲିକ ଅନୱାର ଅଲ୍ଲୀ ଖାନ୍ଙ୍କ ନାମରେ ରୁଜୁ ହୋଇଥିଲା ।

# କଣାସରୁ ଧରାପଡିଲା କୁମ୍ଭୀର

**କଣାସ, ୧୯।୧୦ (ସଂଚାର ବ୍ୟୁରୋ):** କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟା ଓ ତାର ଶାଖା ନଦୀ ମକରା ଓ ରାଜୁଆ ନଦୀରେ ଦୀର୍ଘ ଏକ ମାସ ହେଲା କୁମ୍ଭୀର ଦେଖା ଦେଉଥିବାରୁ ନଦୀ ପାଖ ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ରହିବା ସହିତ ନଦୀକୁ ଯାଉନଥିଲେ। କୁମ୍ଭୀରଟିକୁ ଧରିନେବା ପାଇଁ କଣାସ ଅଞ୍ଚଳର ଜନସାଧାରଣ ସାମ୍ବାଦିକ ବାରମ୍ବାର ଖୋର୍ଦ୍ଧା ଡି.ଏଫ୍.ଓଙ୍କୁ ଟେଲିଫୋନ ଯୋଗେ ଜଣାଇ ଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନ ନେବାସହ ଉତର ଦେଇଥିଲେ କୁମ୍ଭୀରଟି ମଣିଷଙ୍କର କିଛି କ୍ଷତି କରିବ ନାହିଁ। ଆଜି ମଧ୍ୟାହ୍ନ ସମୟରେ ଗଡ଼ବଳଭଦ୍ରପୁର ବେହେରାସାହିର ଶତାଧିକ ମତ୍ସ୍ୟଜୀବି ୫ଟି ଦେଶି ଡଙ୍ଗା ମାଧ୍ୟମରେ ଜାଲନେଇ କୁମ୍ଭୀର ଥିବା ବୋତଲମା ନିକଟ ଦୟାନଦୀରେ ଘେରାଇଥିଲେ। ପ୍ରଥମେ କୁମ୍ଭୀରଟି ଜାଲଚିରିଖିସି ଯାଇଥିଲା। ପୁନଶ୍ଚ ମତ୍ସ୍ୟଜୀବିମାନେ ଜାଲ ଘେରାଇ କୁମ୍ଭୀରକୁ ଧରିବା ସହିତ ପ୍ରଥମେ କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ ଏବଂ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ଖବର ଦେଇଥିଲେ। ଖବର ପାଇ ଦ୍ୱୟ ଅଫିସର ବନ ବିଭାଗ ଖୋର୍ଦ୍ଧା ଏବଂ ନନ୍ଦନକାନନ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଖବରପାଇବା ପରେ ବନବିଭାଗର କର୍ମଚାରୀ ଏବଂ ନନ୍ଦନକାନନ କର୍ମଚାରୀ କୁମ୍ଭୀରଟିକୁ ନେବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ ଯେଉଁ ମତ୍ସ୍ୟଜୀବିମାନେ କୁମ୍ଭୀରଟିକୁ ଧରିଥିଲେ ସେମାନଙ୍କର ଜାଲ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନେ କ୍ଷତିପୁରଣ ଦାବିକରିଥିଲେ। ଶହଶହ



ଲୋକ କୁମ୍ଭୀରଟିକୁ ଦେଖିବା ପାଇଁ ଜମା ହେବାରୁ ସୁରକ୍ଷା ଦୃଷ୍ଟିରୁ କୁମ୍ଭୀରଟିକୁ ଅଧିକାରୀମାନେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରକୁ ନେଇଆସିଥିଲେ। ଘଟଣାସ୍ଥଳରେ ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ଥାନା ଏସ.ଆଇ ଦେବୀ ପ୍ରସାଦ ଲେଙ୍କା, ଏ.ଏସ.ଆଇ ରବି ସାମନ୍ତରାୟ, କର୍ମଚାରୀ ସରୋଜ ଆଚାର୍ଯ୍ୟ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ରଖିବା ସହିତ କଣାସ ଥାନା ଅଧିକାରୀ ଶ୍ରୀତ୍ରିପାଠୀ ମତ୍ସ୍ୟଜୀବିମାନଙ୍କୁ କ୍ଷତି ପୁରଣ ଦିଆଜିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନନ୍ଦନକାନନ କର୍ମଚାରୀମାନେ ବନ ବିଭାଗର ଉପସ୍ଥିତିରେ କୁମ୍ଭୀରଟିକୁ ସୁରକ୍ଷିତ ଭାବେ ନନ୍ଦନକାନନକୁ ନେଇ ଯାଇଥିଲେ।

### ରାଜନଗର ବିଡିଓଙ୍କ ହିଟଲରୀ ଶାସନ

# ମାର୍କେଟ କଂପ୍ଲେକ୍ସ ବୈଧ, ଶୌଚାଳୟ ଅବୈଧ ହେଲା କିପରି ?

**ରାଜନଗର, ୧୯।୧୦ (ସଂଚାର ବ୍ୟୁରୋ):** ରାଜନଗର ହାଟ ମଧ୍ୟରେ ନିର୍ମାଣଧିନ ଶୌଚାଳୟକୁ ଭାଙ୍ଗିବା ପାଇଁ ବିଡିଓଙ୍କ ଚିଠିକୁ ନେଇ ପତିକ୍ରିୟା ବଢ଼ିବାରେ ଲାଗିଛି। ରାଜନଗର ବ୍ଲକ ହେଡକ୍ୱାର୍ଟରକୁ ଆସୁଥିବା ହଜାର ହଜାର ଲୋକେ ପରିସ୍ରା ଯିବା ପାଇଁ ନାହିଁ ନଥିବା ହୀନସ୍ତା ଭୋଗୁଛନ୍ତି। ଲୋକଙ୍କ ଓ ବ୍ୟବସାୟୀଙ୍କ ଦାବୀ ପରେ ରାଜନଗର ପଞ୍ଚାୟତ ପକ୍ଷରୁ ବ୍ଲକ ପ୍ରଶାସନ ସହଯୋଗରେ ୨୦୨୧ ମସିହାରେ ଶୌଚାଳୟ ନିର୍ମାଣ ଆରମ୍ଭ ହୋଇଥିଲା। ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସାୟୀ ଓ ଲୋକେ ବିଶେଷକରି ମହିଳାମାନେ ଦାବିକରି ଆସୁଥିବା ବେଳେ ଏହାକୁ ପୂର୍ଣ୍ଣାଙ୍ଗ କରିବା ପରିବର୍ତେ ଏହାକୁ ଭାଙ୍ଗିଦେବାକୁ ରାଜନଗର ବିଡିଓଙ୍କ ଚିଠିକୁ ନେଇ ପତିକ୍ରିୟା ବଢୁଛି। ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା ପାଇଖାନା ଭାଙ୍ଗିବାକୁ ବିଡିଓ ଏତେ ବ୍ୟଗ୍ର କାହିଁକି ତାହାକୁ ନେଇ ଚର୍ଚ୍ଚା ଆଲୋଚନା ଜାରି ରହିଛି। ଅନ୍ୟପଟେ ନିଜର ହିଟଲରୀ ଶାସନର ନମୁନା ଦେଖାଇବା ପାଇଁ ବିଡିଓ ଏପରି କରୁଥିବା ନେଇ ଚର୍ଚ୍ଚା ହେଉଛି।

ରାଜନଗର ବିଡିଓ ରାଜନଗର ସରପଞ୍ଚ ଦେଇଥିବା ଚିଠିରେ ନିର୍ମାଣଧିନ ପାଇଖାନା ସର୍ବସାଧାରଣ ଯୋଗ୍ୟ କିସମ ଉପରେ ରହିଛି। ଏହି ସ୍ଥାନରେ ପ୍ରକଳ୍ପ ନିର୍ମାଣ




ପୂର୍ବରୁ ତହସିଲ ପକ୍ଷରୁ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ। ତେଣୁ ବେଆଇନ ଭାବେ ନିର୍ମାଣ ହୋଇଥିବା ପାଇଖାନାକୁ ଭାଙ୍ଗିବାକୁ ସରପଞ୍ଚଙ୍କୁ ଚିଠିରେ ଜଣାଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜନଗର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ୧୫ବର୍ଷ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମେ ବେଆଇନ ଭାବେ ନିର୍ମାଣ ହୋଇଥିଲା ମାର୍କେଟ କମ୍ପ୍ଲେକ୍ସ। ଖାତା ନଂ ୪୫୨ ପ୍ଲଟ ନଂ ୧୯୮, ପୋଖରୀ ଆଡି କିସମ ଉପରେ ବ୍ଲକ ପ୍ରଶାସନ ପକ୍ଷରୁ ୬ଟି ଦୋକାନ ଘର ନିର୍ମାଣ ହୋଇଛି। ଏବେବି ତହସିଲ ରେକର୍ଡରେ ଏହି ପ୍ଲଟଟି ପୋଖରୀ ଆଡି କିସମ ରହିଛି। ପୋଖରୀ ଆଡି ଉପରେ ବିଡିଓ କିପରି ବିନା ଅନୁମତିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କଲେ? ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଡିଓ ନିଜେ କୌଣସି ଅନୁମତି ନଆଣି ବେଆଇନ ଭାବେ ପୋଖରୀ ଆଡିକୁ ଜବରଦଖଲ କରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯଦି ଆଇନ ସମ୍ମତ ହେଲା, ତେବେ ଶୌଚାଳୟ କିପରି ବେଆଇନ ହେଲା? ନିଜେ ଆଇନକୁ ସମ୍ମାନ ନଦେଇ ଅନ୍ୟକୁ ଆଙ୍ଗୁଳି ଦେଖାଉଥିବା ବିଡିଓ ନିଶାନ ମିଶ୍ରଙ୍କ ହିଟଲରୀ ଶାସନକୁ ନେଇ ଏବେ ସବୁ ମହଲରେ ପତିକ୍ରିୟା ବଢ଼ିବାରେ ଲାଗିଛି। କେବଳ ଏହି ଗୋଟିଏ ସ୍ଥାନରେ ନୁହେଁ, ବିଡିଓ ଏକାଧିକ ସ୍ଥାନରେ ଆଇନ ଭାଙ୍ଗିଥିବା ବେଳେ ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ପଛରେ କିଏ ବୋଲି ଚର୍ଚ୍ଚା ବଢ଼ିବାରେ ଲାଗିଛି।

### ମାତାଲ ହେଉଛନ୍ତି ମଦୁଆ

# କାର୍ଯ୍ୟାନୁଷ୍ଠାନ ପାଇଁ ଡିସିପିଙ୍କୁ ଫେରାଦ

**କଟକ, ୧୯।୧୦ (ସଂଚାର ବ୍ୟୁରୋ):** ସହରରେ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଅନେକ ଠିପି ବନ୍ଦ ବିଦେଶୀ ମଦଦୋକାନ ରହିଛି। କେତେକ ସ୍ଥାନରେ ଏହି ଦୋକାନ ଜନଗହଳିପୂର୍ଣ୍ଣ ସ୍ଥାନ ଯଥା ମନ୍ଦିର, ଶିକ୍ଷାନୁଷ୍ଠାନ ଓ ସରକାରୀ, ବେସରକାରୀ କାର୍ଯ୍ୟାଳୟ ନିକଟରେ ଖୋଲାଯାଇଛି । ଯାହାର ଭରପୁର ଫାଇଦା ଉଠାଉଛନ୍ତି ମଦୁଆ। କେତେକ ମଦଦୋକାନ କଡରେ ଖୋଲାଖୋଲି ଓ ଅତି ବେଧଡକ ଭାବେ ମଦ୍ୟପାନ କରୁଥିବାର ଦେଖିବାକୁ ମିଳୁଛି ତ ଆଉ କେତେକ ସ୍ଥାନରେ ଲୁକ୍କାୟିତ କୋଠରୀରେ ମଦ୍ୟପାନ କରାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ସବୁ ଠିପି ବନ୍ଦ ବିଦେଶୀ ମଦଦୋକାନ କଡରେ ମଦୁଆଙ୍କ ସ୍ୱାର୍ଥକୁ ଚାହିଁ ଚାଖଣା ଠାରୁ ଆରମ୍ଭ କରି ସିଗାରେଟ ଓ ଅନ୍ୟାନ୍ୟ ସାମଗ୍ରୀର ସବୁ ପ୍ରକାର ବ୍ୟବସ୍ଥା ରହିଛି। ଏହି ସ୍ଥାନ ଗୁଡିକରେ ପ୍ରଶାସନର ସବୁ ନୀତିନିୟମକୁ ବେଖାତିର କରି ଖୋଲାଖୋଲି ଭାବେ ମଦପିଇବାର ଦେଖିବାକୁ ମିଳୁଛି। ଉକ୍ତ ସ୍ଥାନ ଗୁଡିକରେ ମଦୁଆ ମଦ୍ୟପାନ କରିବା ସମୟରେ ସତେ ଯେପରି ଲାଗୁଛି ଏମାନଙ୍କୁ ପୋଲିସ ପ୍ରଶାସନ କାହାର ବି ତିଳେ ମାତ୍ର ଭୟ ନାହିଁ। କେତେକ ସ୍ଥାନରେ ମଦୁଆ ମଦ୍ୟପାନ ପରେ ମାତାଲ ହୋଇ ମତୁଆଲା ହେବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି।



ଏଭଳି ସ୍ଥାନ ଗୁଡିକରେ ଏଭଳି ଖୋଲାଖୋଲି ଭାବେ ମଦ୍ୟପାନ ହେବାର ଯଥେଷ୍ଟ କୁପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଛି। ଏହାସହ ମଦ ବ୍ୟବସାୟୀଙ୍କ ଏପରି ଲୋଭଖୋର ମନୋଭାବ ଯୋଗୁଁ ପାର୍ବଣ ଋତୁରେ ଗଣ୍ଡଗୋଳ ଓ ଅଶାନ୍ତର ପରିବେଶ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ମଧ୍ୟ ରହୁଛି। ଯେଉଁଥିପାଇଁ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଏବଂ ଯାତାୟାତ କରୁଥିବା ମହିଳା, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ଜନତା ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଯାହାକୁ ନେଇ ମଧ୍ୟ ପୂର୍ବରୁ ମେ ୧୭ତାରିଖ ଓ ଅକ୍ଟୋବର ୧୧ତାରିଖରେ କଟକ ଡିସିପିଙ୍କୁ ଇ-ମେଲ ଜରିଆରେ ଅଭିଯୋଗ କରାଯାଇଥିଲା। ଏବେ ସୁଦ୍ଧା ଏହାକୁ ନେଇ କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନି। ବରଂ ପୂର୍ବ ଅପେକ୍ଷା ଦିନକୁ ଦିନ ଏଭଳି ମଦ୍ୟପାନର ଚିତ୍ର ଠିପିବନ୍ଦ ମଦଦୋକାନ ନିକଟରେ ବଢ଼ିବାରେ ଲାଗିଛି। ମଦ୍ୟପାନ ପାଇଁ ସ୍ୱତନ୍ତ୍ର ନିୟମ ରହିଥିବା ବେଳେ ଏଭଳି ବେଆଇନ ମଦ୍ୟପାନ ଓ ସହରର ତଥା ସଭ୍ୟସମାଜର ବାତାବରଣକୁ ଦୃଷ୍ଟିରେ ରଖି ମୋ କଟକ ସୁରକ୍ଷା ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଡିସିପିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଠିପିବନ୍ଦ ମଦଦୋକାନ ନିକଟରେ ବେଆଇନ ଭାବରେ ଖୋଲାମେଲା ଓ ଲୁକ୍କାୟିତ କୋଠରୀରେ ମଦ୍ୟପାନକୁ ବନ୍ଦ କରାଗଲେ ଅଞ୍ଚଳରେ ଜନସାଧାରଣ ନିଜକୁ ସୁରକ୍ଷିତ ମନେକରିବା ସହ ଅଶାନ୍ତ ପରିବେଶ ସୃଷ୍ଟି ହେବ ନାହିଁ ଏବଂ ଏହାର ସଠିକ ତଦନ୍ତ କରି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଛନ୍ତି ଜିତେନ୍ଦ୍ର। ତେବେ କାର୍ଯ୍ୟରେ ଯୋଗ ଦେଇଥିବା ନୂତନ ଡିସିପି ମଦୁଆଙ୍କର ଏଭଳି ଦୌରାତ୍ମ୍ୟକୁ ନେଇ ମଦ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ମଦ ଦୋକାନ ଉପରେ ସତର୍କ ଦୃଷ୍ଟି ସହ ପିସିଆର ମୁଭମେଣ୍ଟ ବୃଦ୍ଧି କରିବାର ପ୍ରତିଶୃତି ଦେଇଛନ୍ତି ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକ

**କେନ୍ଦ୍ରାପଡ଼ା, ୧୯।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ାଙ୍କ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା । ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ । ଗତ ୪ ଦିନ ତଳେ ହଠାତ ତାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତୀ କରାଯାଇଥିଲା। ଶନିବାର ପୂର୍ବାହ୍ନ ୯ଟାରେ ସଂପୃକ୍ତ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ସଭାପତି ତଥା ଚାଷୀ ଓ ଶ୍ରମିକ ନେତା ପ୍ରମୋଦ କୁମାର ସାହୁ ଶୋକ ବ୍ୟକ୍ତ କରିଛନ୍ତି ।

## ପଟ୍ଟାମୁଣ୍ଡାଇରେ ଜଲସା ସଭା

**ପଟ୍ଟାମୁଣ୍ଡାଇ, ୧୯।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିରେ ଗସୁଲ ଦ୍ୱାରା କନଫରେନ୍ସ କମିଟି ପକ୍ଷରୁ ଇସଲାମିକ ଜଲସା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତର ପ୍ରସିଦ୍ଧ ମୌଲାନା ସିରାଜ ରାଜା ସାଇଫି, ମୌଲାନା ଅଖତାର ରଜାଜୀୟା ମୌଲାନା ନସୀମ ସାୟାର ଗୟାବୀ ମୌଲାନା ଉସମାନ ସମସି ମୌଲାନା ମୁଫତି ମୁସରଫ ମିସବାହି ମୌଲାନା ୟାର ରିଜବି ମୌଲାନା ଇସ୍ରାଫିଲ ଅମଜାଦୀ ମୌଲାନା ସଲାଉଦିନ ଖାଁ, ମୌଲାନା ସେକ ୱାସୀମ ଅକତାର କାଦିର ପ୍ରମୁଖ ଯୋଗଦେଇ ଇସଲାମ ଧର୍ମ ଓ ପବିତ୍ର କୋରାନ ବିଷୟରେ ଆଲୋକପାତ କରିଥିଲେ ।

ଏହି ଜଲସା ସଭାରେରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ କୁମାର ସାହୁ,ରାଜ୍ୟସ୍ତରୀୟ ସଂଖ୍ୟାଲଘୁ ନେତ୍ରୀ ରଜୁୱାନା ବେଗମ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ,କାଉନସିଲର ସାନିଆ ପରମିନ ସାହେବା,ବରିଷ୍ଠ ସଂଗଠକ ସେକ ଅବଦୁଲ ବାରୀ,ପୂର୍ବତନ କାଉନସିଲର ସେକ ଆମରୁଲ ଓ କେଶବ ସେଠୀ, ଯୁବ ସଂଗଠକ ଏମ ଡି ପପୁ, ଯୁବନେତା ନିରାକାର ସାହୁ, ଅଭିରାମ ସ୍ୱାଇଁ,ରାଜେନ୍ଦ୍ର ଦାଶ ଓ ଦଳିତ ନେତା ନଟବର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ବିଧାୟକ ଶ୍ରୀସାହୁ ପିର ବାବାଙ୍କ ଦରଘାରେ ଚାଦର ପୋଷି କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅମୀର ଖାଁ, ସେକ ଇବ୍ରାହିମ,ଶେକ ଜୁମାନ,ଶେକ ଅନୱାର ଅଲ୍ଲୀ ଆୟୁବ ଖାଁ,ସେକ ଫରିଦ,ସେକ ଇଲିୟାସ, ମିର୍ଜା ଇସ୍ରାଏଲ ବେଗ ମୁସ୍ତର ଅଲ୍ଲୀ ମିର୍ଜା ପ୍ରମୁଖ ପରିଚାଳନା କରିଥିଲେ।

# ବୁଦ୍ଧାଦିତ୍ୟଙ୍କୁ ଧମକ ଦେଲା ଯୁବ କଂଗ୍ରେସ



ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଓଡ଼ିଆ କଳାକାର ବୁଦ୍ଧାଦିତ୍ୟ ମହାନ୍ତି ସାମାଜିକ ଗଣମାଧ୍ୟମରେ ଲସେନ୍ସ ବିଷ୍ଣୋଇଙ୍କ ସପକ୍ଷରେ ଯାଇ କଂଗ୍ରେସ ଦଳର ସର୍ବୋଚ୍ଚ ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ଉପରେ ସାମାଜିକ ଗଣମାଧ୍ୟମରେ ଯେଉଁ ଭଳି ଭାବରେ ହୀନ ଏବଂ ଦାୟିତ୍ୱହୀନ ପୋଷ୍ଟ କରିଥିଲେ ଏହାକୁ ନେଇ ବୁଦ୍ଧାଦିତ୍ୟଙ୍କ ଉପରେ ବର୍ଷିଛି ଯୁବ କଂଗ୍ରେସ। ଆଜି ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟାଳୟ ଠାରେ ଯୁବ କଂଗ୍ରେସ ନେତା ସୁଦିପ୍ ସାମଲ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ବୁଦ୍ଧାଦିତ୍ୟଙ୍କ ଏପରି ବୟାନ ବାଜିରୁ ସ୍ପଷ୍ଟ ଅନୁମେୟ ତାଙ୍କର ମାନସିକ ଭାରସାମ୍ୟ ଠିକ୍ ନାହିଁ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଆଘାତ ପହଞ୍ଚାଇଅଛି। ରାହୁଲ ଗାନ୍ଧୀ ହେଉଛନ୍ତି ସାରା ଭାରତ ବର୍ଷର ଯୁବକ ମାନଙ୍କ ପାଇଁ ଆଦର୍ଶ ଏବଂ ପ୍ରେରଣା। ଆମ ନେତା ରାହୁଲ ଗାନ୍ଧୀ ଆମ ମାନଙ୍କର ହୃଦୟରେ ଅଛନ୍ତି। ତେଣୁ ଆମମାନଙ୍କୁ ବୁଦ୍ଧାଦିତ୍ୟଙ୍କ ଟିପ୍ପଣୀ କଷ୍ଟ ପହଞ୍ଚାଇଅଛି। ସାମଲ ଆହୁରି ମଧ୍ୟ କହିଛନ୍ତି ବୁଦ୍ଧାଦିତ୍ୟ ପୋଷ୍ଟଟିକୁ ଖାଲି କାଟି ଦେଲେ ତାଙ୍କ ଦୋଷ କ୍ଷମା କରାଯାଇ ପାରିବ ନାହିଁ। ବୁଦ୍ଧାଦିତ୍ୟ ଲରେନ୍ସ ବିଷ୍ଣୋଇ ସହ କ'ଣ ସମ୍ପର୍କ ଅଛି ତାହା ତଦନ୍ତ କରାଯାଉ।

# ବିକଶିତ ଭାରତର ଲକ୍ଷ୍ୟ ହାସଲରେ ସହାୟକ ହେବ 'କର୍ମଯୋଗୀ ସପ୍ତାହ'

## ଆକାଂକ୍ଷୀ ଭାରତର ପ୍ରଗତି ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସଫଳ ଉପଯୋଗ



ନୂଆଦିଲ୍ଲୀ, ୧୯।୧୦: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଡ. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ 'କର୍ମଯୋଗୀ ସପ୍ତାହ'-ଜାତୀୟ ଶିକ୍ଷା ସପ୍ତାହର ଶୁଭାରମ୍ଭ କରିଛନ୍ତି। ଉପସ୍ଥିତ ବ୍ୟକ୍ତିମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମିଶନ କର୍ମଯୋଗୀ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ମାନବ ସମ୍ବଳ ସୃଷ୍ଟି କରିବା ଯାହା ଆମ ଦେଶର ବିକାଶର ପ୍ରେରକ ଶକ୍ତି ରେ ପରିଣତ ହେବ। ଏହି ଅଗ୍ରଗତିରେ ସନ୍ତୋଷ ବ୍ୟକ୍ତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯଦି ଆମେ ଏହି ଉତ୍ସାହର ସହ କାର୍ଯ୍ୟ ଜାରି ରଖିବୁ, ତେବେ ଦେଶକୁ ପ୍ରଗତିରୁ କେହି ଅଟକାଇ ପାରିବେ ନାହିଁ। ଜାତୀୟ ଶିକ୍ଷା ସପ୍ତାହରେ ନୂତନ ଶିକ୍ଷା ଏବଂ ଅଭିଜ୍ଞତା ଶକ୍ତି ପ୍ରଦାନ କରିବ ଏବଂ କାର୍ଯ୍ୟ ପ୍ରଣାଳୀରେ ଉନ୍ନତି ଆଣିବାରେ ସାହାଯ୍ୟ କରିବ ଯାହା ଆମକୁ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ। ଗତ ୧୦ ବର୍ଷ ମଧ୍ୟରେ ସରକାରଙ୍କ ମାନସିକତା ବଦଳାଇବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ, ଯାହାର ପ୍ରଭାବ ଆଜି ଲୋକମାନେ ଅନୁଭବ କରୁଛନ୍ତି। ସରକାରରେ କାର୍ଯ୍ୟରତ ଲୋକଙ୍କ ପ୍ରୟାସ ଓ ମିଶନ କର୍ମଯୋଗୀ ଭଳି ପଦକ୍ଷେପର ପ୍ରଭାବ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ବିଶ୍ୱ ଏକ ସୁଯୋଗ ଭାବେ ଦେଖୁଥିବା ବେଳେ ଭାରତ ପାଇଁ ଏହା ଉଭୟ ଆହ୍ୱାନ ଓ ସୁଯୋଗ ସୃଷ୍ଟି କରୁଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେ ଦୁଇଟି ଏଆଇ ବିଷୟରେ କହିଥିଲେ, ଗୋଟିଏ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଅନ୍ୟଟି ହେଉଛି ଆକାଂକ୍ଷୀ ଭାରତ। ପ୍ରଧାନମନ୍ତ୍ରୀ ଉଭୟଙ୍କୁ ସନ୍ତୁଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କହିଥିଲେ ଯେ ଯଦି ଆମେ ଆକାଂକ୍ଷୀ ଭାରତର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ସଫଳତାର ସହ ବ୍ୟବହାର କରୁ, ତେବେ ଏହା ପରିବର୍ତ୍ତନ ଆଣିପାରିବ।

# ରେଲୱେ ଷ୍ଟାଡିୟମରେ ଆରଆଇଏସ୍ଏ ଉଦ୍ଘାଟିତ




ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ଼, ଦ୍ୱାରା, ରେଳ ଷ୍ଟାଡିୟମରେ 'ରେଲୱେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ ଏକାଡେମୀ (ଆରଆଇଏସ୍ଏ)'ର ଉଦ୍ଘାଟନ ହୋଇଯାଇଛି। ସ୍ପୋର୍ଟସ ଏକାଡେମୀ ଜଟଣୀ ଅଞ୍ଚଳର କ୍ରୀଡାପ୍ରେମୀଙ୍କ ପାଇଁ ଏକ କୋଚିଂ ସେଣ୍ଟର ଭାବରେ କାର୍ଯ୍ୟ କରିବ। ଏହି ସ୍ପୋର୍ଟସ ଏକାଡେମୀ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍ ଏସ ବାଜ୍ୱା ଏବଂ ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ,ଖୋର୍ଦ୍ଧା ରୋଡ଼ ର ସଭାନେତ୍ରୀ ଶ୍ରୀମତୀ ଗୁର୍ ସିମ୍ରନ୍ କୌର ଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍, ହିମାଦ୍ରି ଭୂଷଣ ବିଶ୍ୱାଳ, ଅନ୍ୟ ଶାଖା ଅଧିକାରୀ ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସ୍ପୋର୍ଟସ ଏକାଡେମୀରେ ୭ ବର୍ଷରୁ ଅଧିକ ବୟସ ପିଲାମାନଙ୍କୁ କମ୍ ଦେୟ ରେ ବିଭିନ୍ନ କ୍ରୀଡା ଉପରେ କୋଚିଂ ଦିଆଯିବ। ଇଷ୍ଟକୋଷ୍ଟ ରେଲୱେର ଅନ୍-ହାଉସ୍ କୋଚିଂ ପ୍ରଶିକ୍ଷକ, ଯଥା ବିସିସିଆଇ ଅଧୀନରେ ଖେଳାଯାଉଥିବା ଅନ୍ତର୍ଜାତୀୟ ଖେଳାଳି, କ୍ରୀଡା ବ୍ୟକ୍ତି ଇତ୍ୟାଦି ଦ୍ୱାରା କୋଚିଂ ପ୍ରଦାନ କରାଯିବ। ବର୍ତ୍ତମାନ କ୍ରିକେଟ୍, ବାସ୍କେଟ୍ ବଲ୍ ଏବଂ ବ୍ୟାଡମିଣ୍ଟନ୍ କ୍ରୀଡା ଉପରେ କୋଚିଂ ପ୍ରଦାନ କରାଯିବ।

# ସାତ ଦିନିଆ ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଗସ୍ତରେ ଶିକ୍ଷାମନ୍ତ୍ରୀ



ନୂଆଦିଲ୍ଲୀ, ୧୯।୧୦: ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ପ୍ରତିନିଧି ମଣ୍ଡଳୀ ସହ ଅକ୍ଟୋବର ୨୦ରୁ ୨୬ ପର୍ଯ୍ୟନ୍ତ ୭ ଦିନିଆ ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଶିକ୍ଷା କ୍ଷେତ୍ରରେ ଉଭୟ ଦେଶର ସହଯୋଗ, ଭାଗିଦାରୀ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବ। ସିଙ୍ଗାପୁରର ଗସ୍ତ କାଳରେ ପ୍ରଧାନ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ। ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍, ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ୍, ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂ ଏବଂ ବୈଦେଶିକ ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନ୍ଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ପ୍ରଧାନ ଏସିଆର ଏକ ନମ୍ବର ସ୍ଥାନରେ ଥିବା ସିଙ୍ଗାପୁରର ନ୍ୟାସନାଲ ୟୁନିଭର୍ସିଟି ପରିଦର୍ଶନ କରିବେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) କୁ ଦୃଷ୍ଟିରେ ରଖି ସିଲାବସ୍ ଏକତ୍ରିତ ସମ୍ପର୍କରେ ଆଲୋଚନା କରିବା ପାଇଁ ସେ ଏକ ସ୍ଥାନୀୟ ସେକେଣ୍ଡାରୀ ସ୍କୁଲ ପରିଦର୍ଶନ କରିବେ। ଶିକ୍ଷାବିତ୍, ଆଇଆଇଟି ଓ ଆଇଆଇଏମର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଭେଟି ଉଭୟ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ଚର୍ଚ୍ଚା କରିବେ। ଅଷ୍ଟ୍ରେଲିଆ ଗସ୍ତ ସମୟରେ ପ୍ରଧାନ ମେଲବର୍ଣ୍ଣରେ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କୁ ଭେଟିବେ। 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେବେ। ଶିକ୍ଷାର ସମଗ୍ର ଆଭିମୁଖ୍ୟ ପାଇଁ ସାଉଥ୍ ମେଲବର୍ଣ୍ଣ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବେ। ଏଥିବ୍ୟତୀତ ମେଡଟେକ୍ ପ୍ରୋଟୋଟାଇପିଂ ଏବଂ ବିନିର୍ମାଣ କ୍ଷେତ୍ରରେ ଜଣାଶୁଣା ଆରଏମଆଇଟି ବିଶ୍ୱବିଦ୍ୟାଳୟର 'ଡିସ୍କଭରୀ ଟୁ ଡିଭାଇସ୍' ପରିଦର୍ଶନ କରିବେ। ଏହି ଗସ୍ତ ମେଡିକାଲ ଟେକ୍ନୋଲୋଜିର ବାଣିଜ୍ୟିକ ଏବଂ ଡ୍ରାଇଭିଂ ଇନୋଭେସନରେ ଶିଳ୍ପ-ଏକାଡେମୀ ଲିଙ୍କେଜର ଭୂମିକା ପାଇଁ ସହଯୋଗୀ ଆଭିମୁଖ୍ୟକୁ ଅନ୍ୱେଷଣ କରିବ। ଶ୍ରୀ ପ୍ରଧାନ ଭିକ୍ଟୋରିଆର ପ୍ରଧାନମନ୍ତ୍ରୀ ଜାକିଣ୍ଟା ଆଲାନଙ୍କୁ ଭେଟିବେ। ମୋନାସ ବିଶ୍ୱବିଦ୍ୟାଳୟର ଇନୋଭେସନ ଲ୍ୟାବ୍ ଏବଂ ସେଣ୍ଟର ଫର୍ ନାନୋ-ଫେବ୍ରିକେସନ୍ ପରିଦର୍ଶନ କରିବେ। ମେଲବର୍ଣ୍ଣରେ ରହିବା ସମୟରେ ଶ୍ରୀ ପ୍ରଧାନ ବରିଷ୍ଠ ଭାରତୀୟ ବଂଶଭୋବର ବରିଷ୍ଠ ଶିକ୍ଷାବିତଙ୍କ ସହ ଆଲୋଚନା କରିବେ। ପ୍ରାରମ୍ଭିକ ଶିଶୁ ଶିକ୍ଷା କାର୍ଯ୍ୟବଳକୁ ଙ୍କୁ ଶିକ୍ଷିତ କରିବାରେ ଭାଗିଦାରୀର ସୁଯୋଗ ଅନ୍ୱେଷଣ ପାଇଁ ଶ୍ରୀ ପ୍ରଧାନ ସିଡନୀର 'ଅବର୍ଣ୍ଣ ଲଙ୍ଗ ଡେ ଚାଇଲ୍ଡ କେୟାର ସେଣ୍ଟର' ପରିଦର୍ଶନ କରିବେ।

# ପୁରୀ ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକ

## ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ପୁରୀ,୧୯।୧୦(ସଂଚାର ବ୍ୟୁରୋ): ଜିଲ୍ଲା ଅନ୍ତର୍ଗତ ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ବୈଠକରେ ବିଭିନ୍ନ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ବାକିଥିବା କାର୍ଯ୍ୟ ଏବଂ ପ୍ରକଳ୍ପ ନବୀକରଣ ପାଇଁ ନୂଆ ଡିପିଆର ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ଓ ଏଥିରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମ ବିଦ୍ୟାଳୟ ନିର୍ମାଣ, ହରଚଣ୍ଡୀ ସାହି ସ୍ଥିତ ସେବାୟତ ମାନଙ୍କ ଆବାସିକ ପ୍ରକଳ୍ପ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ କୋଠା ଓ ରଘୁନନ୍ଦନ ପାଠାଗାର ନିର୍ମାଣ, ଶ୍ରୀଗୁଣ୍ଡିଚା ମନ୍ଦିରର ରୋଷଘର ଓ ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ବିକାଶ, କୋଣାର୍କ ଐତିହ୍ୟ ଅଞ୍ଚଳ ବିକାଶ ପ୍ରକଳ୍ପ, ମୂଷା ନଦୀର ପୁନଃରୁଦ୍ଧାର, ପୁରୀ ହ୍ରଦର ରକ୍ଷଣାବ୍ୟକ୍ଷଣ ଓ ସୌନ୍ଦର୍ଯ୍ୟକରଣ, ଦିଗବାରେଣୀର ବହୁମୁଖୀ ଯାନ ରହଣି ସ୍ଥଳ, ଆଚାର୍ଯ୍ୟ ହରିହର ଛକରୁ ଜାତୀୟ ରାଜପଥ ୩୧୬ ପର୍ଯ୍ୟନ୍ତ ରାସ୍ତାର ବିକାଶ, ସିପସରୁବାଲି ଗାଡି ପାର୍କିଂ, ସମୁଦ୍ର କୂଳରେ ଜୈବ ଶୌଚାଳୟ ନିର୍ମାଣ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପର୍ଯ୍ୟାୟ ବିକାଶ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥି ସହିତ ପିପିଲି ଠାରେ ଚାନ୍ଦୁଆ ହବ ପାଇଁ ଜମି ଚିହ୍ନଟ, ଶ୍ରୀ ମନ୍ଦିରର ୭୫ ମିଟର ମଧ୍ୟରେ ମଠ ଓ ମନ୍ଦିର ମରାମତି ଏବଂ ନବୀକରଣ, ଅଠରନଳା ଐତିହ୍ୟ ପ୍ରକଳ୍ପ, ଶ୍ରୀ ଅଲାରନାଥ ପୀଠର ସମନ୍ୱିତ ବିକାଶ, କାକଟପୁର ମା ମଙ୍ଗଳା ପୀଠର ବିକାଶ, ବକୁଳବନର ସୌନ୍ଦର୍ଯ୍ୟକରଣ ଓ ଶ୍ରୀସେତୁ ଠାରେ ପିଣ୍ଡି ନିର୍ଧାରଣ ସମ୍ପର୍କରେ ଆଲୋଚନା ହୋଇଥିଲା ଆଜିର ବୈଠକରେ ପୁରୀ ବିଧାୟକ ଶ୍ରୀ ସୁନୀଲ ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍ଂ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ କୁମାର ପଟ୍ଟନାୟକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଭି ଭି ଯାଦବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲା ଆରକ୍ଷୀ ଅଧିକାରୀ ବିନୀତ ଅଗ୍ରୱାଲ, ଇଆଇସି ସିଭିଲ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ପାଇଁ ରଣନୀତି ସମ୍ପର୍କିତ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ




ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଓଡ଼ିଶା ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କକ୍ଷରେ "ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ - ଓଡ଼ିଶା ପାଇଁ ରଣନୀତି ସମ୍ପର୍କିତ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଓ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ, ଶିକ୍ଷାବିତ୍, ନୀତି-ନିର୍ମାତା, ଉଦ୍ୟୋଗୀ, ଅନୁସନ୍ଧାନକାରୀ ତଥା ଅନ୍ତର୍ଜାତୀୟ ସଂଗଠନର ବରିଷ୍ଠ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସୁଶୀଲ କୁମାର ଲୋହାନୀ, ଶ୍ରୀମତୀ ଉଷା ପାଢ଼ୀ, ଶ୍ରୀମତୀ ଶୋଭା ଶର୍ମା, ସଞ୍ଜୟ ସିଂହ, ଏନବିଏସ ରାଜପୁତ, ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମାନସ ରଞ୍ଜନ ପଣ୍ଡା, ଓକାକର ସିଇଓ ଡ଼ଃ ପ୍ରଦୀପ କୁମାର ରାଉତ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ପ୍ରତିନିଧି ଶ୍ରୀମତୀ କବିତା ଭାଟିଆ ପ୍ରମୁଖ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଓଡ଼ିଶାର ଏଆଇ ଇକୋସିଷ୍ଟମର ବିକାଶ ପାଇଁ ଓଡ଼ିଶା ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପର ଏକ ଅଂଶବିଶେଷ ହେଉଛି ଏହି କର୍ମଶାଳା। ଏହି କର୍ମଶାଳାର ବିଚାରବିମର୍ଶ ଓଡ଼ିଶାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର କ୍ରମ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ରାଜ୍ୟକୁ ଭାରତର ଏଆଇ ମିଶନର ଲକ୍ଷ୍ୟ ସହିତ ଯୋଡ଼ିବାର ସମୁଚିତ ମାଧ୍ୟମ ହେବ। ଏହି କର୍ମଶାଳାରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ, ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ଚେଞ୍ଜ, ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ, ଇଣ୍ଟରନ୍ୟାସନାଲ ଇନୋଭେସନ୍ କର୍ପସ, ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ-ବର୍କଲେ, ସମଗ୍ରା, ଅପୂର୍ବ.ଏଆଇ, ପିପୁଲ+ଏଆଇ ଏବଂ ୱାଧୱାନୀ ଫାଉଣ୍ଡେସନର ପ୍ରତିନିଧିମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ଭାରତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମିଶନ ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ନିଆଯାଉଥିବା ରଣନୈତିକ ପଦକ୍ଷେପ, ଏଆଇ ଇକୋସିଷ୍ଟମ ବିକାଶ ପାଇଁ ଡିଜିଟାଲ ଭିତ୍ତିଭୂମିର ଆବଶ୍ୟକତା, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏଆଇର ବ୍ୟବହାର, ଏଆଇ ପାଇଁ ଦକ୍ଷତା ବିକାଶ ଆଦି ବିଷୟବସ୍ତୁ ଉପରେ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। ବୈଷୟିକ ଉପସ୍ଥାପନା ପରେ ଏକ ପ୍ୟାନେଲ ଆଲୋଚନା କରଯାଇଥିଲା। ଏହି ଆଲୋଚନାଚକ୍ରରେ ଭୁବନେଶ୍ୱର ଆଇଆଇଟି, ଏନଆଇଟି ରାଉରକେଲା, ଆଇଆଇଆଇଟି ଭୁବନେଶ୍ୱର, ଭିଏସ୍ଏସ୍ୟୁଟି, ଓଟିଆର ଏବଂ ବିପିୟୁଟିର ବରିଷ୍ଠ ଶିକ୍ଷାବିତ୍, ଆକ୍ସେଞ୍ଚର, ଟିସିଏସ୍, ଆଇବିଏମ୍, ଇନଫୋସିସ୍, କଗ୍ନିଜେଣ୍ଟ୍ ସମେତ ଅନ୍ୟ ବରିଷ୍ଠ ବୈଷୟିକ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ଉତ୍କଳ କେଶରୀଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଓଡ଼ିଶାର ବରିଷ୍ଠ ନେତା ତଥା କେନ୍ଦ୍ରାପଡ଼ା ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ାଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତଃ ପରିଡ଼ା ବିଭିନ୍ନ କ୍ରୀଡା ଓ ସମବାୟ ସଂଗଠନ ସହ ଜଡ଼ିତ ଥିଲେ। ସେ ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରି ସାଲେପୁର କଲେଜର ଛାତ୍ର ସାଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ପରିଡ଼ାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ସାମଲ ପ୍ରାର୍ଥନା କରିଛନ୍ତି।

# ବଜ୍ରପାତରେ ଚାଲିଗଲା ଜୀବନ

ପୁରୀ,୧୯।୧୦(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ତହସିଲ ଅଧିନ କାଦୁଆନୂଆ ଗାଁ ଜଗନ୍ନାଥପଡା ଗ୍ରାମର ପଦ୍ମଲାଭ ପ୍ରଧାନ ଙ୍କ ପୁଅ ଲକ୍ଷ୍ମୀଧର ପ୍ରଧାନ (୫୦)ଗୋପ ବ୍ଲକ ଅନ୍ତର୍ଗତ ଜହ୍ନିବାଲିଆ ରୁ ଫେରୁଥିବା ବେଳେ ତିରୁଣା ଉପୁଳା ମୁଖ୍ୟରାସ୍ତାରେ ସନ୍ଧ୍ୟା ସମୟରେ ବଜ୍ରପାତ ପଡିଥିଲା। ସ୍ଥାନୀୟ ଅଂଚଳ ବାସୀ ସଂଗେ ସଂଗେ ନିକଟସ୍ତ ଚାରିଛକ ମେଡିକାଲ କୁ ନେଇଥିଲେ। ଡକ୍ଟର ଲକ୍ଷ୍ମୀଧର ପ୍ରଧାନ ଙ୍କୁ ମୃତ ଘୋଷଣା କରିଛନ୍ତି। ଏଭଳି ଦୁଃଖଦ ଖବର ପାଇଁ ପରିବାର ଲୋକେ ଭାଙ୍ଗିପଡିଛନ୍ତି।ଖବର ପାଇଁ କୋଣାର୍କ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଛନ୍ତି।

# ଇକୋସେଭର୍ସ ପକ୍ଷରୁ 'ସ୍ୱଚ୍ଛ ମୋ ଗାଁ' ଅଭିଯାନ



ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଇକୋସେଭର୍ସ ୟୁଥ୍ ନେଟୱାର୍କ ପକ୍ଷରୁ ଡିସେମ୍ବରରେ ମାସ ବ୍ୟାପୀ "ସ୍ୱଚ୍ଛ ମୋ ଗାଁ" ଅଭିଯାନ କରାଯିବ ବୋଲି ଇକୋସେଭର୍ସର ରାଜ୍ୟସ୍ତରୀୟ କର୍ମଶାଳାରେ ପ୍ରତିନିଧି ମାନେ ନିଷ୍ପତି ନେଇଛନ୍ତି ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଓ ଏ.ଇ.ଆଇ.ଏନ ର ସହଯୋଗରେ ପରିବେଶ ସୁରକ୍ଷା ଉପରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।
କର୍ମଶାଳାକୁ ଉଦଘାଟନ କରି ପିକକ୍ ର ସମ୍ପାଦକ ରଂଜନ କୁମାର ମହାନ୍ତି ଇକୋସେଭର୍ସ ୟୁଥ୍ ନେଟୱାର୍କ ସଦସ୍ୟଙ୍କ ଦ୍ୱାରା ପରିବେଶର ସୁରକ୍ଷା ନିମନ୍ତେ କରାଯାଇଥିବା ବିଭିନ୍ନ ଅଭିନବ କାର୍ଯ୍ୟ ଯଥା ପକ୍ଷୀବସା ନିର୍ମାଣ, ଝରଣାରେ ପଥର ବନ୍ଧ ଦେଇ ଜଳ ସରକ୍ଷଣ କରିବା, ବର୍ଜ୍ୟ ପରିଚାଳନା, ବୃକ୍ଷ ରୋପଣ ଆଦିର ପ୍ରସଂଶା କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯୁବକମାନେ ଏକ ନୂତନ ଭବିଷ୍ୟତର ଉତ୍ପେରକ, ତେଣୁ ସେମାନେ ଏହି ଗୁରୁଦାୟିତ୍ୱକୁ ବହନ କରିବା ପାଇଁ ଭଲ ଭାବରେ ପ୍ରସ୍ତୁତ ହେବା ଉଚିତ୍। ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶୀକା ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି କର୍ମଶାଳାରେ ଯୋଗଦେଇ ଇନରହ୍ୱିଲ କ୍ଲବର ଅଧ୍ୟକ୍ଷା ପ୍ରତିମା ନଳିନୀ ପତି ଯୁବଗୋଷ୍ଟିଙ୍କର କାର୍ଯ୍ୟର ଉଚ୍ଚ ପ୍ରସଂଶା କରିବା ସହିତ ଏକ ସମୃଦ୍ଧ, ସ୍ଥାୟୀ ଓ ସୁଦୃଢ ଭବିଷ୍ୟତ ଗଠନ ପାଇଁ ଯୁବଗୋଷ୍ଟିର ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ରାଜ୍ୟ ପରିବେଶ ସମିତିର ସମ୍ପାଦକ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହି, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ତଥା ଯୁବକମାନଙ୍କର ଭୂମିକା ବିଷୟରେ କହିଥିଲେ। ଏଥି ସହିତ ଦୈନନ୍ଦିନ ଜୀବନରେ ବର୍ଜ୍ୟବସ୍ତୁ ହ୍ରାସ, ଶକ୍ତି ସଂରକ୍ଷଣ, ବୃକ୍ଷ ରୋପଣ, ପରିବେଶ ଉପଯୋଗୀ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ଭଳି କିଛି ଉପାଦେୟ ସୂଚନା ମଧ୍ୟ ପ୍ରଦାନ କରିଥଲେ।

# ଝାରସୁଗୁଡା ଠାରେ ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ସାଂସଦ କମିଟି ବୈଠକ




ଭୁବନେଶ୍ୱର,୧୯।୧୦(ସଂଚାର ବ୍ୟୁରୋ): ଆଜି ଝାରସୁଗୁଡାରେ ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ମାନ୍ୟବର ସାଂସଦ ମାନଙ୍କ ଏକ ବିଭାଗୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଛତିଶଗଡ଼ ଏବଂ ଓଡିଶାର ବିଶିଷ୍ଟ ସାଂସଦ ମାନଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ବିଭିନ୍ନ ଭିତ୍ତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ମାନ୍ୟବର ସାଂସଦମାନେ ବରିଷ୍ଠ ସାଂସଦ ତଥା ମାନ୍ୟବର ଲୋକସଭା ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂହଦେଓଙ୍କୁ ବିଭାଗୀୟ କମିଟିର ସଭାପତି ଭାବରେ ମନୋନୀତ କରିଥିଲେ। ଏହି ବୈଠକରେ ଯୋଗଦାନ କରିଥିବା ମାନ୍ୟବର ସାଂସଦମାନେ ହେଲେ। ସାଂସଦମାନେ ଗଠନମୂଳକ ଆଲୋଚନାରେ ଭାଗନେଇ ରେଳ ଭିତ୍ତିଭୂମି ବୃଦ୍ଧି ତଥା ଏହି ଅଞ୍ଚଳରେ ଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଚାଲୁରହିଥିବା ପ୍ରକଳ୍ପର ଗୁରୁତ୍ୱକୁ ଦର୍ଶାଇ ଟ୍ରେନ୍ ସେବା, ଟ୍ରେନ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ।

# ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବ ଆରମ୍ଭ

ନୂଆଦିଲ୍ଲୀ, ୧୯।୧୦: ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବର ପ୍ରଥମ ଦିନରେ ଆଜି ପୁରୀରେ ଲାଇଟ୍ ହାଉସ୍ ପର୍ଯ୍ୟଟନ ସମ୍ମିଳନୀ ୨୦୨୪ ଅନୁଷ୍ଠିତ ହୋଇଛି। ଏଥିରେ ସରକାରୀ ଅଧିକାରୀ, ପର୍ଯ୍ୟଟନ ବିଶେଷଜ୍ଞ ଓ ସଂରକ୍ଷକଙ୍କ ସମେତ ୧୦୦ରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇଥିଲେ। ଲାଇଟହାଉସ୍ ପର୍ଯ୍ୟଟନର ବିପୁଳ ସମ୍ଭାବନା ଏବଂ ଏହି ସାମୁଦ୍ରିକ ଢାଞ୍ଚାଗୁଡ଼ିକର ସଂରକ୍ଷଣ ପାଇଁ ରଣନୀତି ଅନୁସନ୍ଧାନ କରିବା, ପର୍ଯ୍ୟଟନ ବିକାଶକୁ ଐତିହ୍ୟ ସଂରକ୍ଷଣ ସହିତ ମିଶ୍ରଣ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ସମ୍ମିଳନୀରେ ପୁରୀ ସାଂସଦ ସମ୍ବିତ ପାତ୍ର, କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ; ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପାରମ୍ପରିକ ଦୀପ ପ୍ରଜ୍ୱଳନ ପରେ ମାନ୍ୟବର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ମୁଖ୍ୟ ଉଦଘାଟନୀ ବକ୍ତବ୍ୟ ପ୍ରଦାନ କରିଥିଲେ, ଯେଉଁଥିରେ ସେ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ସମୃଦ୍ଧ ସାମୁଦ୍ରିକ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଲାଇଟ୍ ହାଉସ୍ ପର୍ଯ୍ୟଟନକୁ ଏକ ମାଧ୍ୟମ ଭାବରେ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ସଂଗଠନ ଛାଡ଼ିଲେ ୩ ମାଓବାଦୀ




ମାଲକାନଗିରି,୧୯।୧୦ (ସଂଚାର ବ୍ୟୁରୋ): ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କୋଥାଗୁଡୁମ ଜିଲ୍ଲା ପୁଲିସ ଓ ୧୪୧ ସିଆରପିଏଫ ଅଧିକାରୀଙ୍କ ନିକଟରେ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଛତିଶଗଡ଼ର ବିଜାପୁର ଜିଲ୍ଲାର ପୋଡିୟମ ମାଙ୍ଗୁ ଓରଫ ଡିଭେଣ୍ଡର(୨୬), ତେଲେଙ୍ଗାନାର ମାଡିଭି ଆଡାଇମ ଓରଫ ଅନୁଷା(୨୩) ଏବଂ ଆନ୍ଧ୍ରପ୍ରଦେଶର କୁଦାମ ସୋମାଲି(୨୨)। ଏହି ତିନି ଜଣ ୨୦୧୮-୧୯ ମସିହାରେ ତେଲେଙ୍ଗାନା ରାଜ୍ୟ କମିଟିର ବିକେ-ଏଏସଆର ଡିଭିଜନରେ ସାମିଲ ହୋଇଥିଲେ। ପରେ ପଦନ୍ନୋତି ପାଇଥିଲେ।ଏମାନଙ୍କ ନାମରେ ସରକାର ୪ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରିଥିଲେ। ସରକାରଙ୍କ ତରଫରୁ ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାବିତ ହୋଇ ଏମାନେ ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଛନ୍ତି।ବର୍ତ୍ତମାନ ମାଓ ଦଳରେ ଆଉ ଆଦର୍ଶ ବୋଲି କିଛି ନାହିଁ। ତେଣୁ ମାଓ ସଂଗଠନର ନେତା ଓ ସଦସ୍ୟମାନେ ଦଳ ଛାଡୁଛନ୍ତି ବୋଲି ପୁଲିସ କହିଛି। ଆତ୍ମସମର୍ପଣ କରି ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବାକୁ ଚାହୁଁଛନ୍ତି। ଅନ୍ୟ ରାଜ୍ୟରୁ ଆସୁଥିବା ଯୁବକ ଓ ଯୁବତୀମାନଙ୍କୁ ନକ୍ସଲ ଧମକାଇ ନିଜ ସଂଗଠନରେ ସାମିଲ କରି ତାଂକ ଦ୍ୱାରା ବେଆଇନ କାମ କରାଉଛନ୍ତି। କାମ ନକଲେ ପୁଲସ ସୂଚନାଦାତା ବୋଲି କହି ହତ୍ୟା କରିବାକୁ ପଛାଉ ନାହାନ୍ତି।

# ଖୋଲାମେଲାରେ ମଦ୍ୟପାନ କରି ମଦୁଆଙ୍କ ଉତ୍ପାତ

ଭୁବନେଶ୍ୱର,୧୯।୧୦: ମଦୁଆଙ୍କ ଉତ୍ପାତରେ ରାଜଧାନୀରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭକରି ଭିଭିଆଇପିମାନେ ଅତିଷ୍ଠ ହେଉଥିବାବେଳେ ଖୋଲାମେଲାରେ ମଦ୍ୟପାନ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ମଦୁଆମାନେ ମଦ କିଣି ତାହାକୁ ସହଜରେ ମଦଦୋକାନ ନିକଟରେ ସେବନ କରି ମାତାଲହୋଇ ରାସ୍ତାରେ ବୁଲୁଛନ୍ତି।
ନିଶାଡିଙ୍କ ପାଇଁ ସରକାର ଦୁଇ ପ୍ରକାର ମଦ ଦୋକାନକୁ ଲାଇସେନ୍ସ ଦେଇଛନ୍ତି। ଗୋଟିଏ ହେଲା ଠିପି ବନ୍ଦ ଓ ଅନ୍ୟଟି ହେଲା ଠିପି ଖୋଲା। ଠିପିବନ୍ଦ ମଦ ଦୋକାନରୁ ଲୋକେ ମଦ କିଣି ନେଇପାରିବେ। ହେଲେ ତାହାକୁ ସେଠାରେ ପିଆଯାଇ ପାରିବନାହିଁ। ଠିପିଖୋଲା ମଦ ଦୋକାନରେ ଲୋକେ ବସିକି ମଦ ପିଇପାରିବେ। ଏଥିପାଇଁ ମଦୁଆମାନଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ।
ଠିପି ବନ୍ଦ ମଦ ଦୋକାନ ନିକଟରେ ମଦ୍ୟପାନ ଦଣ୍ଡନୀୟ ହୋଇଥିବାବେଳେ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ହେତୁ ମଦୁଆମାନେ ସେହିଠାରେ ହିଁ ମଦ୍ୟପାନ କରୁଛନ୍ତି। ରାଜଧାନୀର ଅଧିକାଂଶ ମଦ ଦୋକାନ ନିକଟରେ ଏବେ ମାଳ ମାଳ ଚାଖଣା ଦୋକାନ। ସେଠାରେ ଥଣ୍ଡାପାଣି ଠାରୁ ଆରମ୍ଭକରି ମୃଦୁପାନୀୟ, ସୋଢ଼ା, ପ୍ଲାଷ୍ଟିକ ଗ୍ଲାସ, ଚାଖଣା ପାଇଁ ମାଛଭଜା, ଚିକେନ କଷା, ଛେଳିମୁଣ୍ଡ ଛେଚେଡା, ବୁଟଭଜା, କାକୁଡି ସାଲାଡ ଆଦି ସବୁକିଛି ମିଳୁଛି। ଏଥିପାଇଁ ସଞ୍ଜ ହେଲେ ଏକାଧିକ ବ୍ୟବସାୟୀ ପସରା ଖୋଲି ବସୁଛନ୍ତି। ଫଳରେ ମଦୁଆଟି ଦୋକାନରୁ ମଦ କିଣି ସେହିଠାରେ ହିଁ ସ୍ୱଳ୍ପ ଖର୍ଚ୍ଚରେ ତାକୁ ପିଉଛି ଓ ମାତାଲ ହୋଇ ରାସ୍ତାକୁ ବାହାରୁଛି।



ପୂର୍ବତନ ପୁଲିସ୍ କମିଶନର ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା ମଦୁଆଙ୍କ ଏଭଳି ଉତ୍ପାତକୁ ନିୟନ୍ତ୍ରଣ ଲାଗି ମଦଦୋକାନ ପାଇଁ ମାର୍ଗଦର୍ଶିକା ଜାରି କରିଥିଲେ ଯେଉଁଥିରେ ମଦ ଦୋକାନ ଆଖପାଖରେ ଚାଖଣା ଦୋକାଲ ଖୋଲିବା ଉପରେ କଟକଣା ଥିଲା। ଏପରିକି ଏଭଳି ଦୋକାନ ଖୋଲିଲେ ମଦ ଦୋକାନୀମାନେ ଦାୟୀ ରହିବେ ବୋଲି କୁହାଯାଇଥିଲା। ଏଥି ସହିତ ସବୁ ମଦ ଦୋକାନୀ ସିସିଟିଭି ଲଗାଇବା ବାଧ୍ୟତାମୂଳକ କରାଯାଇଥିଲା ଯେଉଁଥିରେ ମାସେ ପର୍ଯ୍ୟନ୍ତ ରେକର୍ଡିଂ ରହିପାରିବ। ସେନାର ଜଣେ ମେଜର ଓ ତାଙ୍କ ବାନ୍ଧବୀ ମଦୁଆଙ୍କ ହାବୁଡରେ ପଡ଼ିବାର ଅଳ୍ପଦିନ ପରେ ଏବେ ତଟରକ୍ଷୀ ବାହିନୀର ଡିଆଇଜି ଓ ତାଙ୍କ ପତ୍ନୀ ମଧ୍ୟ ମଦୁଆଙ୍କ ଅସଦାଚରଣର ଶିକାର ହୋଇଛନ୍ତି। ଏହି ଦୁଇଟି ମାମଲା ଥାନାକୁ ଆସିଥିବାବେଳେ ଅନ୍ୟ ବହୁ ମାମଲାରେ ଲୋକେ ମଦୁଆଙ୍କ ହାବୁଡରେ ପଡୁଥିଲେ ମଧ୍ୟ ଭୟରେ ଥାନାକୁ ଆସୁନାହାନ୍ତି। ତେବେ ମଦୁଆମାନେ ସହଜରେ ମଦ୍ୟପାନର ସୁବିଧା ପାଉଥିବାରୁ ରାଜଧାନୀରେ ଦିନକୁ ଦିନ ଏମାନଙ୍କ ଉତ୍ପାତ ବଢ଼ିବାରେ ଲାଗିଛି।
ତେଣୁ ରାଜଧାନୀରେ ମଦୁଆଙ୍କୁ ସାବାଡ ପାଇଁ ପ୍ରଥମେ ମଦ ଦୋକାନ ପାଇଁ କମିଶନରେଟ ପୁଲିସ୍ ଜାରି କରିଥିବା ମାର୍ଗଦର୍ଶିକାକୁ କାର୍ଯ୍ୟକାରୀ କରି ଚାଖଣା ଦୋକାନ ହଟାଇବା ସହିତ ରାସ୍ତାପାର୍ଶ୍ୱରେ ମଦ୍ୟପାନ କରୁଥିବା ମଦୁଆଙ୍କୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମତପ୍ରକାଶ ପାଉଛି। ଏଥିପାଇଁ ସ୍ଥାନୀୟ ଥାନାଗୁଡିକୁ ପୁଲିସ୍ କମିଶନର ନିର୍ଦ୍ଦେଶ ଦେବା ସହିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢଉ ପାଇଁ ସାଧାରଣରେ ଦାବି ହେଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା
ଆନନ୍ଦ-'କିଛି ନାହିଁ'ରେ ଯେଉଁ ଆନନ୍ଦ ଅଛି, 'ସବୁ ଥାଇ'ରେ ତାହା ନାହିଁ।

SANCHAR
ସଂଚାର

୪ ରବିବାର ୨୦ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Sunday 20 October 2024 Bhubaneswar

# ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତୁତି

ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ଦାନା ବାନ୍ଧୁଛି। ଏହା ଲଘୁଚାପ ଏବଂ ପରେ ଝଡ଼ବାତ୍ୟାରେ ରୂପାନ୍ତରିତ ହେବାର ଆଶଙ୍କା ରହିଛି। ଆଉ ଦୁଇ ଦିନ ପରେ ଏ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିଯିବ ବୋଲି ଆଶା କରାଯାଉଛି। ଏହି ବାତ୍ୟା ବେଶ ବଡ଼ ଧରଣର ହୋଇପାରେ। ଉପକୂଳ ଓଡ଼ିଶାର ପାଣିପାଗ ଏବଂ ପରିବେଶ ଏବେ ବାତ୍ୟା ଅନୁକୂଳ ରହିଛି। ସାଧାରଣତଃ ମୌସୁମୀ ଚାଲିଯିବା ପରେ ଅକ୍ଟୋବର ମାସରେ ଏଭଳି ବାତ୍ୟା ହୋଇଥାଏ। ଏହା ଅଧିକ ଭୟଙ୍କର ଏବଂ ଘାତକ ସାବ୍ୟସ୍ତ ହୋଇଥାଏ। ଭାରତର ପଶ୍ଚିମ ଉପକୂଳ ତୁଳନାରେ ପୂର୍ବ ଉପକୂଳ ଅଧିକ ବାତ୍ୟା ପ୍ରବଣ। ପ୍ରତି ବର୍ଷ ବଙ୍ଗୋପସାଗରରେ ଏକାଧିକ ବାତ୍ୟା ସୃଷ୍ଟି ହୋଇଥାଏ। ସେଥିରୁ କିଛି ଓଡ଼ିଶା ଉପକୂଳ ଛୁଇଁଥାଏ ଏବଂ ବାତ୍ୟା ଯେଉଁଠି ସ୍ଥଳଭାଗ ଛୁଇଁଥାଏ ସେଠାରେ ବିପର୍ଯ୍ୟୟ ସୃଷ୍ଟି କରିଥାଏ। ଓଡ଼ିଶାବାସୀ ଦୀର୍ଘ ବର୍ଷ ହେବ ଏହାକୁ ଅଙ୍ଗେ ନିଭାଇ ଆସୁଛନ୍ତି। ବାତ୍ୟା ବିପତ୍ତି ସମ୍ପର୍କରେ ଓଡ଼ିଶାବାସୀ ଭଲଭାବେ ଅବଗତ। ଆଜିକୁ ଠିକ ୨୫ ବର୍ଷ ତଳେ ଓଡ଼ିଶା ଉପକୂଳରେ ଯେଉଁ ପ୍ରଳୟଙ୍କରୀ ବାତ୍ୟା ହୋଇଥିଲା ତାହା ବିଶ୍ୱ ଇତିହାସରେ ଥିଲା ଏକ ବିରଳ ବିପର୍ଯ୍ୟୟ। ସେଥିପାଇଁ ଏହାକୁ ସୁପରସାଇକ୍ଲୋନ ବା ମହାବାତ୍ୟା ବୋଲି କୁହାଯାଉଛି। ଆଜି ପର୍ଯ୍ୟନ୍ତ ଏହାଠାରୁ ବଡ଼ ବାତ୍ୟା କେହି ଦେଖି ନାହାଁନ୍ତି। ଓଡ଼ିଶା ଏକ ବାତ୍ୟା ପ୍ରବଣ ଅଞ୍ଚଳ ଏବଂ ପ୍ରତିବର୍ଷ ଓଡ଼ିଶା ତଥା ଏହାର ଆଖପାଖ ରାଜ୍ୟରେ ଏଭଳି ବାତ୍ୟା ଦେଖିବାକୁ ମିଳିଥାଏ। ତେଣୁ ବାତ୍ୟା ସହ ଓଡ଼ିଶାବାସୀ ବେଶ ଭଲଭାବେ ପରିଚିତ। କିନ୍ତୁ ୧୯୯୯ ଅକ୍ଟୋବର ୨୮/୨୯ରେ ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲ୍ଲାରେ ଯେଉଁ ପ୍ରଳୟଙ୍କରୀ ବାତ୍ୟା ହେଲା ତାହା ଓଡ଼ିଶାବାସୀ କେବେ ଅଙ୍ଗେ ନିଭେଇ ନଥିଲେ। ସରକାରୀ ହିସାବରେ ଏହି ବାତ୍ୟାରେ ୫ହଜାରରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଛନ୍ତି। କିନ୍ତୁ ବାସ୍ତବରେ ଏହି ମହାବାତ୍ୟାରେ ମୃତକଙ୍କ ସଂଖ୍ୟା ଏବଂ କ୍ଷୟକ୍ଷତି ଢେର ଅଧିକ ହେବ। ଏହାର ଆକଳନ କରିବା ମଧ୍ୟ କଷ୍ଟକର। ଏଥିରେ ରାଜ୍ୟର ୧୪ଟି ଜିଲ୍ଲା ଅଳ୍ପେ ବହୁତେ ପ୍ରଭାବିତ ହୋଇଥିଲା। କିନ୍ତୁ ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳ ଏଥିରେ ପ୍ରାୟ ନିଶ୍ଚିହ୍ନ ହୋଇଯାଇଥିଲା। ୧୯୯୯ ମହାବାତ୍ୟାର ପ୍ରକୋପ ଅଧିକ ହେବାର କାରଣ ହେଲା ଏହା ପ୍ରାୟ ୩୬ ଘଣ୍ଟା କାଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସକ୍ରିୟ ରହିଲା। ଏତେ ସମୟ ଧରି କେବେ କୌଣସି ବାତ୍ୟା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଉପରେ ରହିନଥାଏ। ଏହା ଏକ ଅସ୍ୱାଭାବିକ ଘଟଣା ଥିଲା। ସେହିପରି ଘଣ୍ଟାକୁ ୩୦୦ କିମି ବେଗରେ ପବନ ବହିବା ମଧ୍ୟ ଥିଲା ଏକ ଅଭୂତପୂର୍ବ ଘଟଣା। ଏଥିରେ ବଡ଼ ବଡ଼ ଗଛ, ଘର ଭାଙ୍ଗି ପଡ଼ିବା ସହିତ ଅନେକ ପ୍ରାଣ ହରାଇଥିଲେ। ୨୮ ତାରିଖ ରାତିରେ ଲୋକେ ଶୋଇଥିବା ବେଳେ ଉପକୂଳ ଓଡ଼ିଶାରେ ମହାବାତ୍ୟାର ମହାତାଣ୍ଡବ ଆରମ୍ଭ ହୋଇଥିଲା। ମହାବାତ୍ୟା ପ୍ରଭାବରେ ସମୁଦ୍ରରେ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଜୁଆର ମାଡ଼ି ଆସିଲା। ଏପରିକି ସମୁଦ୍ରକୂଳରୁ ୫୦ କିମି ଦୂରତା ପର୍ଯ୍ୟନ୍ତ ଏହି ଲୁଣି ଜୁଆର ମାଡ଼ି ଆସିଥିଲା। ମହାବାତ୍ୟାରେ ପ୍ରାଣହାନୀ ସଂଖ୍ୟା ଅଧିକ ହେବାର ଏହା ଥିଲା ମୁଖ୍ୟ କାରଣ। ଜୁଆରରେ ଅନେକ ଲୋକ ସମୁଦ୍ରକୁ ଭାସିଗଲେ। ବହୁ ଦୂର ପର୍ଯ୍ୟନ୍ତ ସେମାନଙ୍କ ଶବ ଭାସିବା ଏକ ମାଇଲ ମାଇଲ ଦୂରରେ ସମୁଦ୍ର କୂଳରେ ଏପରି ଶବ ଭାସିବା ଦେଖିବାକୁ ମିଳିଥିଲା। କେବଳ ମଣିଷ ନୁହଁନ୍ତି, ଅନେକ ଜୀବଜନ୍ତୁ ବିଶେଷକରି ଗୃହପାଳିତ ପଶୁ ଲକ୍ଷାଧିକ ସଂଖ୍ୟାରେ ପ୍ରାଣ ହରାଇଥିଲେ। ମହାବାତ୍ୟାର ଏହି ଭୟଙ୍କର ସ୍ମୃତି କେବେ ଭୁଲିବାର ନୁହେଁ। ଓଡ଼ିଶା ଇତିହାସରେ ଏହା ଏକ ମହାବିପର୍ଯ୍ୟୟ ଭାବେ ସବୁଦିନ ପାଇଁ ରହିଯିବ। ମହାବାତ୍ୟାରେ ଓଡ଼ିଶାର ଆର୍ôଥକ ସ୍ଥିତି ଦୋହଲିଯାଇଥିଲା। ସହାୟତା ନିମନ୍ତେ ସାରା ଦେଶରୁ ଏପରିକି ଦେଶ ବାହାରୁ ମଧ୍ୟ ଅନେକ ସରକାରୀ ଏବଂ ବେସରକାରୀ ସଙ୍ଗଠନ, ବ୍ୟକ୍ତି ବିଶେଷ ଆଗେଇ ଆସିଥିଲେ। କିନ୍ତୁ ସମ୍ଭବତଃ ସେତେବେଳେ ଏହାର ସୁବିନିଯୋଗ ହୋଇପାରିଲା ନାହିଁ। ତଥାପି ମହାବାତ୍ୟା ପରେ ଓଡ଼ିଶାର ପୁନଃନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ୨୫ ବର୍ଷ ଭିତରେ ରାଜ୍ୟରେ ଅନେକ ବାତ୍ୟା, ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି। କିନ୍ତୁ ରାଜ୍ୟ ସରକାର ଏବଂ ଓଡ଼ିଶାବାସୀ ଏହାର ମୁକାବିଲା କରିବାରେ ସଫଳ ହୋଇଛନ୍ତି। ସରକାରଙ୍କ ଜିରୋ କାଜୁଆଲିଟି ମିଶନ ସାରା ବିଶ୍ୱରେ ଚର୍ଚ୍ଚିତ ଏବଂ ପ୍ରଶଂସିତ ହୋଇଛି। ଜାତିସଂଘ ଏବଂ ଅନ୍ୟ ବିଶ୍ୱସ୍ତରୀୟ ସଙ୍ଗଠନ ପକ୍ଷରୁ ଓଡ଼ିଶାକୁ ଏଥିଲାଗି ପ୍ରଶଂସା ଏବଂ ପୁରସ୍କୃତ କରାଯାଇଛି। ବାତ୍ୟା ମୁକାବିଲାରେ ଓଡ଼ିଶା ଏକ ମଡେଲ ସାଜିଛି। ମହାବାତ୍ୟା ପରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ôାଧିନ ତତ୍କାଳୀନ ଏନଡିଏ ସରକାର ଓଡ଼ିଶାକୁ ଯେପରି ସହାୟତା କରିଥିଲେ ତାହା ବାସ୍ତବରେ ପ୍ରଶଂସନୀୟ। ବାତ୍ୟା ପରେ ଓଡ଼ିଶା ଉପକୂଳରେ ଲକ୍ଷ ଲକ୍ଷ କୋଠାଘର ନିର୍ମିତ ହୋଇଛି। ଶହ ଶହ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମିତ ହୋଇଛି। ବାତ୍ୟା ସମ୍ପର୍କରେ ଆଗୁଆ ସୂଚନା ପ୍ରଦାନ ନିମନ୍ତେ ଅନେକ ବ୍ୟବସ୍ଥା ହୋଇଛି। ଲୋକଙ୍କୁ ଆଗୁଆ ଉଦ୍ଧାର ଏବଂ ନିରାପଦ ସ୍ଥାନରେ ଆଶ୍ରୟ ଦେବାକୁ ଅନେକ ପଦକ୍ଷେପ ନିଆଯାଇଛି। ଫଳରେ ଅନେକ ମୂଲ୍ୟବାନ ଜୀବନ ରକ୍ଷା ହୋଇପାରିଛି। ତେବେ ସାମୁଦ୍ରିକ ଜୁଆରରୁ ଓଡ଼ିଶା ଉକପୂଳକୁ ରକ୍ଷା କରିବା ନିମନ୍ତେ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇପାରିନାହିଁ। ଏଥିଲାଗି ସମୁଦ୍ର କୂଳରେ ହେନ୍ତାଳ ବନ ସୃଷ୍ଟି କରାଯାଇନାହିଁ କିମ୍ବା ପ୍ରସ୍ତାବିତ କୋଷ୍ଟାଲ ହାଇୱେ ନିର୍ମିତ ହୋଇନାହିଁ। ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏପରି ହୋଇଛି। ଆଗକୁ ଯଦି ପୁଣି ଥରେ ଏଭଳି ବାତ୍ୟା ବିପର୍ଯ୍ୟୟ ସୃଷ୍ଟି ହେବ ଏବଂ ସାମୁଦ୍ରିକ ଜୁଆର ମାଡ଼ି ଆସିବ ତେବେ ଏଥିରୁ ରକ୍ଷା ପାଇବାର ପର୍ଯ୍ୟାପ୍ତ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଏବେ ନବୀନ ପଟ୍ଟନାୟକ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ। ଏଥର ମଧ୍ୟ ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଚାଲିଛି। ଆଶା କରାଯାଉଛି କେନ୍ଦ୍ର ସରକାରଙ୍କ ସହଯୋଗରେ ଏଥର ଓଡ଼ିଶା ସରକାର ଏହାର ଉଚିତ ମୁକାବିଲା ଏବଂ ବାତ୍ୟା ପରବର୍ତ୍ତୀ ସମସ୍ୟାର ସମାଧାନରେ ସଫଳ ହେବେ। ବାତ୍ୟା ଠିକ କେଉଁ ସ୍ଥାନରେ ସ୍ଥଳଭାଗ ଛୁଇଁବ ତାହା ସ୍ପଷ୍ଟ ହେବା ପରେ ସେଠାରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ଉଚିତ। ବାତ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ ନିମନ୍ତେ ଆଗୁଆ ଶୁଖିଲା ଖାଦ୍ୟ ମହଜୁଦ କରି ରଖାଯିବା ଉଚିତ। ଏହା ସହିତ ବାତ୍ୟା ପରେ ଭିତ୍ତିଭୂମିର ପୁନରୁଦ୍ଧାର ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ହେବା ଉଚିତ। ମୋହନ ମାଝୀ ସରକାର ଏବେ ଅସଲ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ବାତ୍ୟାରେ ବିଜୁଳି, ସଡ଼କ ଓ ପାନୀୟ ଜଳ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥାଏ। ଏହାକୁ ସଜାଡ଼ିବା ପାଇଁ ମାନବସମ୍ବଳ ସହ ବିପୁଳ ଅର୍ଥର ଆବଶ୍ୟକ ରହିଛି କେନ୍ଦ୍ର ସରକାର ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଏଥିଲାଗି ସହାୟତା ପ୍ରଦାନ କରନ୍ତୁ। ବାତ୍ୟା ପରେ କେନ୍ଦ୍ରୀୟ ପ୍ରତିନିଧି ଦଳ କ୍ଷୟକ୍ଷତି ଅନୁଧ୍ୟାନ କରିବା ପରେ ଏହାର ଆକଳନ ହୋଇଥାଏ। ଏଥିଲାଗି ରାଜ୍ୟ ସରକାର କେନ୍ଦ୍ରକୁ ଆଗୁଆ ସୂଚନା ଏବଂ ତଥ୍ୟ ପ୍ରଦାନ କରିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### କୃଷିକୁ ପ୍ରାଥମିକତା ଦିଆଯାଉ

*ମହାଶୟ,*

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ବିଭିନ୍ନ ଘରୋଇ ଶିଳ୍ପ ସଂସ୍ଥା ସହିତ ଆଲୋଚନା କରୁଛନ୍ତି। ଓଡ଼ିଶାରେ କିପରି ପୁଞ୍ଜିନିବେଶ ବଢ଼ିବ ସେଥିଲାଗି ସେମାନଙ୍କୁ ଉତ୍ସାହିତ କରାଯାଉଛି। ଏହା ସ୍ୱାଗତଯୋଗ୍ୟ। ଗତ ୨୫ ବର୍ଷ ହେବ ଏହି ପ୍ରକ୍ରିୟା ଚାଲିଛି। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନେକ ପ୍ରସ୍ତାବ ଆସିଛି। ସେଥିରୁ କିଛି କାର୍ଯ୍ୟକାରୀ ହୋଇଛି। ଅଧିକାଂଶ ପ୍ରସ୍ତାବ କେବଳ କାଗଜକଲମରେ ରହିଯାଇଛି। କେବଳ ଓଡ଼ିଶା ନୁହେଁ, ଦେଶର ଅନ୍ୟ ରାଜ୍ୟରେ ମଧ୍ୟ ଏଭଳି ପୁଞ୍ଜିନିବେଶ ପ୍ରକ୍ରିୟା ଚାଲିଛି। ଶିଳ୍ପ ପ୍ରତିଷ୍ଠା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଶିଳ୍ପ ତୁଳନାରେ କୃଷିର ଉନ୍ନତି ନିହାତି ଆବଶ୍ୟକ। ଏହା ହେଉଛି ମୌଳିକ ଆବଶ୍ୟକତା। ଏବେ ଦେଶରେ ପନିବରିବା ଦର ଯେପରି ଭାବେ ବୃଦ୍ଧି ପାଉଛି ଏବଂ ଡାଲି ତେଲ ଦର ଯେପରି ବଢ଼ିଛି ତାହା କେବଳ କୃଷିକୁ ଅଣଦେଖାର ପରିଣାମ। ଏ ସମ୍ପର୍କରେ ଏବେ ସମୀକ୍ଷା କରିବାର ସମୟ ଉପନୀତ।

**ଯଯାତି କେଶରୀ ମହାପାତ୍ର**
**ବଢ଼େଇବାଙ୍କ, ପୁରୁଣା ଭୁବନେଶ୍ୱର**

# ବିଦ୍ୟାର୍ଥୀଙ୍କ ଦାୟିତ୍ୱ ରାଗିଂମୁକ୍ତ ଶିକ୍ଷାନୁଷ୍ଠାନ



**କିଶୋର ଚନ୍ଦ୍ର ବେହେରା**

ପ୍ରତ୍ୟେକ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ହେଉଛି ପବିତ୍ର ଶିକ୍ଷାର ମନ୍ଦିର, ଯେଉଁଠି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ହୁଏ। ତେଣୁ ସେଠାରେ ମନ୍ଦିର ସମାନ ଶାନ୍ତିର ବାତାବରଣ ସୃଷ୍ଟି ହେବା କଥା। ମାତ୍ର ଏବେ ରାଗିଂ ଭଳି କୁତ୍ସିତ, ଘୃଣିତ ଓ ଅମାନବିକ ମାନସିକତା ରୋଗ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୃଷ୍ଟି ହେଉଛି। ବିଦ୍ୟାଳୟ ପାଠପଢ଼ା ପରେ ଯେତେବେଳେ ଜଣେ ମହାବିଦ୍ୟାଳୟରେ ପାଦ ଦିଏ, ତା' ମନରେ ଅନେକ ସ୍ୱପ୍ନ ଥାଏ। ନୂଆ ପରିବେଶ ଭିତରେ କେମିତି ପାଠ ପଢ଼ିବ, କେମିତି ଆଗକୁ ବଢ଼ିବ, ଏ ନେଇ ତା' ମନ ଭିତରେ ଥାଏ ଆଶା ଓ ଆକାଂକ୍ଷା। ଗ୍ରାମାଞ୍ଚଳରେ ଦଶମ ଶ୍ରେଣୀରୁ ଉତ୍ତିର୍ଣ୍ଣ ହେଲାପରେ ସେ ସହରକୁ ଆସେ ନାମିଦାମୀ ଶିକ୍ଷାନୁଷ୍ଠାନରେ ପାଠପଢିବାକୁ। କିନ୍ତୁ ଯେତେବେଳେ ଜଣେ ନବାଗତ ରାଗିଂର ଶିକାର ହୁଏ, ତା'ର ମନରେ ଯେଉଁ ପ୍ରଭାବ ପଡେ, ତାକୁ କେବଳ ସେ ହିଁ ବୟାନ କରିପାରିବ ଗାଁ ରୁ ସହରକୁ ଆସି ପାଠ ପଢୁଥିବା ଛାତ୍ର କିମ୍ବା ଛାତ୍ରୀମାନେ। ଅତୀତରେ ବରିଷ୍ଠ ଓ କନିଷ୍ଠଙ୍କ ମଧ୍ୟରେ ପାରସ୍ପରିକ ବିଚାରବିମର୍ଶର ପ୍ରକ୍ରିୟାରୁ ରାଗିଂ ଜନ୍ମ ନେଇଥିଲା। ସାଧାରଣତଃ, ବରିଷ୍ଠ ଛାତ୍ରଛାତ୍ରୀମାନେ କନିଷ୍ଠ ଛାତ୍ରଛାତ୍ରୀଙ୍କ ସହ ଥଟ୍ଟମଜା କରି ନିଜର କର୍ତ୍ତୃତ୍ୱ ଜାହିର କରିଥା'ନ୍ତି, ଯାହା କନିଷ୍ଠ ଛାତ୍ରଛାତ୍ରୀମାନଙ୍କୁ ଅପମାନିତ କରିଥାଏ ସତ, ମାତ୍ର ପରବର୍ତ୍ତୀ ସମୟରେ ବରିଷ୍ଠ ଛାତ୍ରମାନଙ୍କ ସହିତ ମିଶିବାକୁ ଦୃଢ଼ ମନୋବଳ ଯୋଗାଇଥାଏ। ସେହିପରି ଜଣେ ବରିଷ୍ଠ ଛାତ୍ର ତାଙ୍କ ତଳ ବ୍ୟାଚର ଛାତ୍ରଟିକୁ ହୋଟେଲରୁ ଖାଇବା ଆଣିବା ପାଇଁ ନିର୍ଦ୍ଦେଶ ଦିଏ ଏବଂ କନିଷ୍ଠ ଛାତ୍ରଜଣକ ତାହା ପାଳନ କଲେ ବରିଷ୍ଠ ଛାତ୍ରଟିର କର୍ତ୍ତୃତ୍ୱ ସାବ୍ୟସ୍ତ ହୋଇଥାଏ। କିନ୍ତୁ ସମୟ ବଦଳିବା ସହିତ ବଦଳିଯାଇଛି ପରିସ୍ଥିତି। ରାଗିଂ ଏବେ ହିଂସାର ରୂପ ନେଉଛି। ପ୍ରତି ଶିକ୍ଷାନୁଷ୍ଠାନରେ ବରିଷ୍ଠ ଛାତ୍ରମାନେ କନିଷ୍ଠ ଛାତ୍ରଙ୍କୁ ହିଂସାତ୍ମକ ଓ ଆକ୍ରମଣାତ୍ମକ ଅତ୍ୟାଚାର କରୁଥିବା ଅଭିଯୋଗମାନ ଆସୁଛି। ପୂର୍ବରୁ କେବଳ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ଏଭଳି ହିଂସାତ୍ମକ ରାଗିଂ ହେଉଥିବା ବେଳେ ଏବେ ସାଧାରଣ ଶିକ୍ଷାନୁଷ୍ଠାନକୁ ମଧ୍ୟ ରାଗିଂ ଭଳି ମନସିକ ରୋଗ ଏହା ବ୍ୟାପିବାରେ ଲାଗିଛି। ଏପରିକି ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ନବାଗତ ବିଦ୍ୟାର୍ଥୀଟି ନିଜର ପରିବାର ବର୍ଗ ଓ ଆତ୍ମୀୟ ସୋଦର ଙ୍କୁ ଛାଡି ସହରି ଜୀବନ ତା' ପାଇଁ ହୋଇଯାଏ ଅଭିଶପ୍ତ। ରାଗିଂ ଭଳି କୁତ୍ସିତ ମାନସିକତାକୁ ସହିନପାରି ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଣ୍ଟି-ରାଗିଂ କମିଟିର ସକ୍ରିୟ ଭାବେ କାମ କଲେ ହିଁ ରାଗିଂ କମିପାରିବ ନଚେତ ମାନସିକ ବିକାର ଛାତ୍ରଛାତ୍ରୀଙ୍କ ଶିରାପ୍ରଶିରାରେ ଏହି ଭୁତାଣୁ ସକ୍ରିୟ ହୋଇ ସୁସ୍ଥ ସମାଜକୁ ନଷ୍ଟଭ୍ରଷ୍ଟ କରିଦେବେ। ତେଣୁ ନାମଲେଖା ସମୟରେ କେବଳ ଆଣ୍ଟି-ରାଗିଂ ସତ୍ୟପାଠ ସଂଗ୍ରହ ଯଥେଷ୍ଟ ନୁହେଁ ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକ ବିଶ୍ୱାସ କରୁଛନ୍ତି। ଛାତ୍ରଛାତ୍ରୀମାନେ ଗୁରୁତ୍ୱାରୋପ କରିଛନ୍ତି ଯେ ଏହି କମିଟିଗୁଡ଼ିକ ଅଧିକ ସକ୍ରିୟ ହେଲେ ହିଁ ରାଗିଂକୁ ରୋକାଯାଇପାରିବ। ଆଣ୍ଟି-ରାଗିଂ ସେଲ୍ ଶିକ୍ଷାନୁଷ୍ଠାନ ଯନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ଉଚିତ। ୧୯୫୬ ଅଧିନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ଯାହା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ରାଗିଂ ବିପଦକୁ ରୋକିବା ପାଇଁ ନିୟମାବଳୀ ଭାବରେ ପରିବର୍ତ୍ତିତ ହୋଇଛି। ୨୦୦୯ ମସିହା ନିର୍ଦ୍ଦେଶାବଳୀ ଅନୁଯାୟୀ ଆଣ୍ଟି-ରାଗିଂ ସେଲ୍ ପ୍ରତିଷ୍ଠା ଅତ୍ୟନ୍ତ ବାଧ୍ୟତାମୂଳକ ଓ ସକ୍ରୀୟ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାବିଦ୍ୟାଳୟ ପରିସରରେ ରାଗିଂ ମୁକ୍ତ ପରିବେଶର ସଂସ୍କୃତିର ସଂରକ୍ଷଣ ପାଇଁ ଆଣ୍ଟି-ରାଗିଂ କମିଟି ପର୍ଯ୍ୟବେକ୍ଷକ ଏବଂ ପରାମର୍ଶଦାତା କମିଟି ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଉଛି ଏହାର ବିକୃତତା ମଧ୍ୟରେ ଅନ୍ତର୍ନିହିତ ରାଗିଂର ମାନବିକ ପ୍ରଭାବ ବିଷୟରେ ଛାତ୍ରମାନଙ୍କୁ ସଚେତନ କରିବା। ଆମ ନଜରକୁ ଆସୁଥିବା ରାଗିଂ ଘଟଣାଗୁଡ଼ିକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତୁରନ୍ତ ଏବଂ କଠୋର ଭାବରେ ମୁକାବିଲା କରିଥାନ୍ତି। ଗୋଷ୍ଠୀଗତ ସମସ୍ୟା ପରିଲକ୍ଷିତ ହେଲେ ଉଭୟ ଗୋଷ୍ଠୀଙ୍କୁ ଡକାଯାଇ ଆପୋଷ ସମାଧାନ କରାଯାଇଥାଏ। ଯେକୌଣସି ଛାତ୍ର କିମ୍ବା ଛାତ୍ର ଗୋଷ୍ଠୀ ଶିକ୍ଷାନୁଷ୍ଠାନ ପରିସରରେ କିମ୍ବା ବାହାରେ ଦୋଷୀ ସାବ୍ୟସ୍ତ ହୋଇ ଥାଆନ୍ତି ତେବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ଛାତ୍ର କିମ୍ବା ଛାତ୍ର ଗୋଷ୍ଠୀଙ୍କୁ କୌଣସି ଅଧିବେଶନ ପରୀକ୍ଷା କିମ୍ବା ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉପସ୍ଥିତ ହେବାକୁ ବାରଣ କରିଥାନ୍ତି। ଶ୍ରେଣୀ ଗୃହରେ ଅଧ୍ୟୟନ ନିମନ୍ତେ ଅନୁମତି ପ୍ରଦାନ କରାଯାଏନାହିଁ। ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ସୁବିଧା ପ୍ରତ୍ୟାହାର, ମହାବିଦ୍ୟାଳୟରୁ ନିଲମ୍ବନ, ନାମଲେଖାକୁ ବାତିଲ୍ ଓ ପରିକ୍ଷାଫଳ ପ୍ରକାଶନକୁ ଅଟକାଇ ଦିଆଯାଇଥାଏ।



ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଚଳିତ ଶିକ୍ଷାବର୍ଷ ଅଗଷ୍ଟ ପହିଲାରୁ ଆରମ୍ଭ ହୋଇଯାଇଛି ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ। ଉଚ୍ଚଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଛନ୍ତି ଶତପ୍ରତିଶତ ରାଗିଂମୁକ୍ତ ପରିସର ସୃଷ୍ଟି କରିବା ପାଇଁ। ଏଥିଲାଗି ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି। ବରିଷ୍ଠ ଛାତ୍ରଛାତ୍ରୀ ଓ ନବାଗତ ଛାତ୍ରଛାତ୍ରୀଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ସୁସ୍ଥ ବାତାବରଣ ସୃଷ୍ଟି ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ପରାମର୍ଶଦାତା କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହୋଇ ସାରିଥିଲେ ମଧ୍ୟ ୨ ମାସ ନହେଉଣୁ ୧୯ଟି ରାଗିଂ ଅଭିଯୋଗ ସାମ୍ନାକୁ ଆସିଲାଣି। ଏଥିମଧ୍ୟରୁ ୧୩ଟି ସରକାରୀ ଶିକ୍ଷାନୁଷ୍ଠାନ ନାମରେ ଅଭିଯୋଗ ଆସିଥିଲା ବେଳେ ୬ଟି ବେସରକାରୀ ଅନୁଷ୍ଠାନ ନାମରେ ଅଭିଯୋଗ ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ ସାରା ଦେଶରେ ଚଳିତ ଶିକ୍ଷାବର୍ଷ ମଧ୍ୟରେ ୩୦୭ଟି ଅଭିଯୋଗ ପଞ୍ଜିକରଣ ହୋଇଛି। ୧୦ଟି ରାଜ୍ୟର ରାଗିଂ ମଧ୍ୟରେ ଉତ୍ତରପ୍ରଦେଶରେ ସର୍ବାଧିକ ୫୧ଟି, ପଶ୍ଚିମ ବଙ୍ଗରେ ୩୧ଟି, ମଧ୍ୟପ୍ରଦେଶର ୨୭ଟି, ବିହାରରେ ୨୧ଟି ମହାରାଷ୍ଟ୍ରରେ ୨୦ଟି ଏବଂ ୬ନମ୍ବର ସ୍ଥାନରେ ରହିଛି ଓଡ଼ିଶା। ୧୮୦୦୧୮୦୫୫୨୨ ହେଲପ ଲାଇନ ନମ୍ବରରେ ଶିକ୍ଷାର୍ଥୀମାନେ ଆଣ୍ଟି ରାଗିଂ ସଂପର୍କିତ ସୂଚନା ଓ ପଞ୍ଜିକରଣ କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଜାରି କରିଛନ୍ତି। ରାଗିଂ ରୋକିବା ପାଇଁ ସମସ୍ତ ବ୍ୟବସ୍ଥା ଓ ନିର୍ଦ୍ଦେଶାବଳୀକୁ କଡାକଡି କରିବା ସହ ଶିକ୍ଷାନୁଷ୍ଠାନରେ ଅଣଛାତ୍ରଙ୍କ ପ୍ରବେଶ ଉପରେ ତିକ୍ଷ୍ଣ ନଜର ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କ ୨୪ଘଣ୍ଟିଆ ଯାତାୟାତ କ୍ଷେତ୍ରରେ କଡ଼ା ଦୃଷ୍ଟି ଦିଆଗଲେ କିଛି ପରିମାଣରେ ସମସ୍ୟା ଦୂର ହୋଇପାରିବ ବୋଲି ଆଶା କରାଯାଇପାରେ।

**ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ଚାକିରି ପାଇଁ ବିକଳ ହୁଅନି



**ଦିପ୍ତିମୟୀ ନାୟକ**

ସମସ୍ତେ ଚାହାଁନ୍ତି ଭଲ ଚାକିରି କରିବେ। ନିଜ ଗୋଡ଼ରେ ଠିଆ ହେବେ। ପରିବାରର ବୋଝ ହାଲକା କରିବେ। କିନ୍ତୁ ସେହି ଚାକିରି ଖଣ୍ଡେ ଖୋଜିବା କେତେ ଯେ କଷ୍ଟ ତାହା କେବଳ ସେହି ପିଲାଟି ହିଁ ଜାଣିଥାଏ। ସେ ଭାବୁଥାଏ ମୋ ହାତ ପାହାନ୍ତାରେ ଯେଉଁ ସବୁ ମୁଠା ମୁଠା ସ୍ୱପ୍ନ ଅଛି ତାହାକୁ ମୁଁ କିଛି କ୍ଷଣରେ ଦୂର କରିଦେବି। ଆଉ ମୋ ସ୍ୱପ୍ନ ସଜେଇବାକୁ ଲାଗିବି। କିନ୍ତୁ ସେ ସ୍ୱପ୍ନ ଭଲରେ ସଜେଇ ହୋଇଯାଏ ସେତେବେଳେ ଆମେ ଯେଉଁ ସଂସ୍ଥାରେ କାମ କରୁ ସେ ସଂସ୍ଥାର ଲୋକ ଭଲ ହୋଇଥାନ୍ତି। ଆଉ ସେମାନେ ପ୍ରତ୍ୟେକ ଝିଅଙ୍କୁ ନିଜ ଝିଅ ଭଳି ବ୍ୟବହାର କରନ୍ତି। ଆଉ କେହି କେହି ଭଉଣୀ ବୋଲି କହି ନାରୀଙ୍କୁ ସନମାନ ଦିଅନ୍ତି। ହେଲେ ସବୁ ସଂସ୍ଥା ସମାନ ନୁହଁନ୍ତି। କାରଣ ଆମେ ଶୁଣୁ ବିଭିନ୍ନ ସଂସ୍ଥାରେ ବହୁତ ଗୁଡିଏ ପଦବୀରେ ଚାକିରି ମିଳିଯାଏ। ଆଉ ସେତେବେଳେ ଗୋଟେ ଝିଅ ସେହି ଚାକିରି କରିବାକୁ ମନ ବଳାଏ ତାକୁ କିଛି ଅସଭ୍ୟ ବ୍ୟକ୍ତି ନା ନା ପ୍ରଲୋଭନ ଦେଖାନ୍ତି। ଯେପରି କି ଆମେ ତୋତେ ସେ ପଦବୀ ଦେଇଦେବୁ ଏଟା କରିଦେବୁ ସେଟା କରିଦେବୁ କିନ୍ତୁ କିଛି ଦିନ ପରେ ସେମାନେ ପ୍ରେମଭରା ଗପ ଗପନ୍ତି ସେହି ଝିଅ ମାନଙ୍କ ସହ ଏଠିକି ଆସ ଆମକୁ ଦେଖା କର ଆମେ ତମକୁ ଚାକିରି ଦେବୁ। ଏଟା କର ସେଟା କର। କିନ୍ତୁ ଏହାଦ୍ୱାରା କିଛି ଝିଅ ସେମାନଙ୍କ ଜାଲରେ ଫସି ଯାଆନ୍ତି ଆଉ ଶେଷରେ ନିଜ ଇଜ୍ଜତ ଟିକକ ହରେଇ ଦେଇ ବସନ୍ତି। କିନ୍ତୁ କାହିଁକି ଏ ଛୋଟ ମୋଟ କର୍ମଚାରୀ ମାନଙ୍କୁ ଏତେ ବିଶ୍ୱାସ। ଯଦି ଜାଣୁଛ ସେ ଲୋକର ସ୍ୱଭାବ ଖରାପ ତେବେ କାହିଁକି ସେମାନଙ୍କ ସହ କଥା ହେଉଛ। ଚାକିରି କରିବା ପାଇଁ ଏତେ ଓ୍ୱି ବିକଳ ହୁଅନି। ଧୈର୍ଯ୍ୟ ଧର। ନିଜର ସଠିକ କର୍ମ କରିଚାଲ ସଫଳତା ଦିନେ ନା ଦିନେ ମିଳିଯିବ କିନ୍ତୁ ନିଜର ଚେଷ୍ଟା ଜାରି ରଖ। କେହି କେହି କୁହନ୍ତି ଆମେମାନେ ଯଦି ସେହି ଲୋକ ଆମକୁ ଏମିତି କହିଲା ସେମିତି କହିଲା ଯଦି ଆମେ କିଛି କାହା ଆଗରେ କହିଦେବୁ ତେବେ ଆମେ ବଦଲାମ ହୋଇଯିବୁ। ତେଣୁ କିଛି ଝିଅ ସେମାନଙ୍କ କଥାରେ ରାଜି ହେଉଥିବା ବେଳେ ଆଉ କିଛି ସେମାନଙ୍କ କର୍ମକୁ ଆଦରି ନିଜ ପ୍ରତିଭାକୁ ଲୁଚାଇ ରଖନ୍ତି। କିନ୍ତୁ ଥରେ ଭାବନ୍ତୁ ଆପଣ ଯାହାଙ୍କ ପାଇଁ ଆପଣ ନିଜ ମୁହଁ ବନ୍ଦ କରିଛନ୍ତି ସେ କଣ ସେ ସଂସ୍ଥାର ମାଲିକ କି। ଏମାନେ ଛୋଟ ଛୋଟ କର୍ମଚାରୀ। ଏମାନଙ୍କୁ ଭୟ କାହିଁକି ବରଂ ଏମାନେ ବଡ଼ ବଡ଼ ସଂସ୍ଥା ନାଁ କହି ନିଜ ମାଲିକଙ୍କର ନାଁ ବଦଲାମ କରନ୍ତି ଆଉ ଶେଷରେ ମାଲିକ ମଧ୍ୟ ଯେତେବେଳେ ଜାଣନ୍ତି ସେତେବେଳେ ସେହି ଖରାପ ଲୋକଙ୍କୁ ତାଙ୍କ ସଂସ୍ଥାରୁ ବହିଷ୍କାର କରନ୍ତି।

ଝିଅମାନେ ଦୁର୍ବଳ ନୁହନ୍ତି କିନ୍ତୁ ସେମାନଙ୍କ ଇଜ୍ଜତକୁ ଡରି ସେମାନେ କାହା ଆଗରେ କୌଣସି କଥା ପ୍ରକାଶ କରି ପାରନ୍ତିନି। କିନ୍ତୁ ଏମିତି ହୀନମାନସିକତା ଲୋକଙ୍କ ଠାରୁ କେବଳ ଦୂରେଇକି ରହିବା କୌଣସି ଆବଶ୍ୟକ ନାହିଁ। ଯେଉଁମାନେ ଏମିତି ଅଭାଦ୍ରାମୀ କରୁଛନ୍ତି ସେମାନେ ସେ ଲୋକକୁ ନ ଡରି ମୁହଁରେ ଜବାବ ଦିଅନ୍ତୁ। ବ୍ଲକ କରିବା ବଦଳରେ ସୋସିଆଲ ମିଡ଼ିଆ ମାଧ୍ୟମରେ ସେମାନଙ୍କ ମୁଖା ଖୋଲନ୍ତୁ। ଏବଂ ପ୍ରତ୍ୟେକ ଝିଅ ପ୍ରତ୍ୟେକ ଝିଅଙ୍କୁ ସଚେତନ କରାନ୍ତୁ। ଯେଉଁ କର୍ମଚାରୀ ମାନେ ଅନ୍ୟ ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଝିଅ ମାନଙ୍କ ଜୀବନ ବର୍ବାଦ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ମୁଖା ସମସ୍ତଙ୍କ ଆଗରେ ଖୋଲାଯାଉ। ଏଟା କେବଳ ଜଣେ ଝିଅ ପ୍ରତିବାଦ କଲେ ହେବନି ସମସ୍ତେ ପ୍ରତିବାଦ କରିବା ଦରକାର ଯେଉଁମାନଙ୍କ କ୍ଷେତ୍ରରେ ଏଭଳି ଘଟୁଛି। ଏବଂ ଯାହା ଆଗକୁ ଏଭଳି କିଛି ଘଟଣା ଘଟିବନି କି କୌଣସି ଝିଅ ଚୁପ ହୋଇ ରହିବନି। ଚୁପ ରହିଲେ ତମକୁ ଏମିତି କହିବେ। ଆଜି ତମକୁ କହୁଛନ୍ତି କାଲିକୁ ଆଉ କାହାକୁ କହିବେ। ତେଣୁ ଜଣେ ଯଦି ପ୍ରତିବାଦ କରେ ନା ସେମାନେ ବାକି ଝିଅଙ୍କୁ ଏମିତି କହିବେନି।

ଯିଏ ଯେଉଁ ପଦବୀ ପାଇଛନ୍ତି ତାର ସନମାନ ଦେବା ନିତ୍ୟାନ୍ତ ଆବଶ୍ୟକ। ନଚେତ ସଂସ୍ଥା ମଧ୍ୟ ବଦଲାମ ହୋଇଥାଏ। ଏବଂ ମାଲିକ ମାନେ ମଧ୍ୟ ବଦଲାମ ହୋଇଥାନ୍ତି। ପ୍ରତ୍ୟେକ ସଂସ୍ଥା ବହୁତ ଭଲ କିନ୍ତୁ କିଛି ଖରାପ ଚରିତ୍ରର ଲୋକଙ୍କ ପାଇଁ ଆଜିର ଦିନରେ କିଛି ସଂସ୍ଥା ବଦଲାମ ହେଉଛି। ଲୋକଙ୍କ ବିଶ୍ୱାସ ତୁଟୁଛି। କେହି କେହି କୁହନ୍ତି ପୁଅମାନେ ଚାକିରି କଲେ ଭଲ ଝିଅ ମାନେ ଚାକିରି କଲେ ଖରାପ କିନ୍ତୁ କାହିଁକି ପୁଅ ଝିଅ ସବୁ ସମାନ। ତାହେଲେ କାହିଁକି ଏ ପାର୍ଥକ୍ୟ ଦେଖାଯାଉଛି। ଏ ପାର୍ଥକ୍ୟ ଦେଖିବାର ଗୋଟିଏ କାରଣ ମଣିଷ ମାଂସ ଖିଆ ରାକ୍ଷସ। ଏମାନେ କେବଳ ମଣିଷର ମାଂସକୁ ଉପଭୋଗ କରିଦେବେ ବିଭିନ୍ନ ପ୍ରଲୋଭନ ଦେଖାଇ। କିନ୍ତୁ ଏମାନଙ୍କ ସ୍ୱାର୍ଥ ସରିଲେ ଏମାନେ ତମକୁ ୟୁଜ ଆଣ୍ଡ ଥ୍ରୋ ଗ୍ଲାସ ଭଳି ଭିଙ୍ଗି ଦେବେ। ନିଜ ଇଜ୍ଜତ ବହୁତ ବଡ଼ ତେଣୁ ଯିଏ ଇଜ୍ଜତ ଉପରେ ଆଞ୍ଚ ଆସିଲା ଭଳି କିଛି କଥା କହୁଛି ତାକୁ ଭଲକି ଶୁଣେଇ ଦିଅ। ତା କଥାକୁ ରେକର୍ଡ କରିକି ରଖ। ତାର ପ୍ରତ୍ୟେକଟି ମେସେଜକୁ ସୋସିଆଲ ମିଡିଆରେ ଭାଇରାଲ କର ଯଦି ପାରିବ ସେ ଲୋକକୁ ଗୋଟେ ଶିକ୍ଷା ଦିଅ। କାହାକୁ ଡରନି। ତମେ ଶିକ୍ଷିତ ମୂର୍ଖ ନୁହେଁ କିନ୍ତୁ ସେହିଭଳି ମୂର୍ଖ ମାନଙ୍କୁ ପାନେ ଦିଅ। ଏବଂ ଆମ ସମାଜକୁ ଗୋଟେ ନୂତନବାର୍ତ୍ତା ଦିଅ। ଯାହା ଆଜିର କିଛି ଶିକ୍ଷିତା ନାରୀଙ୍କୁ କିଛିଟା ପ୍ରେରଣା ଦେବ।




**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍: ୯୦୯୦୬୬୧୫୮୬**

# ସୁଦୃଢ଼ କୃଷି ବ୍ୟବସ୍ଥାର ଆଭିମୁଖ୍ୟ



**ଡି ଶୁଭମ୍**



ଓଡ଼ିଶାରେ ଏବେ ଗଠନ ହୋଇଛି ନୂଆ ସରକାର। ଲୋକଙ୍କ ମନରେ ଅନେକ ନୂତନ ଆଶା ଓ ଆକାଂକ୍ଷା। ତେବେ ନୂଆ ସରକାର ଜନତାଙ୍କ ସ୍ୱପ୍ନକୁ କେତେଦୂର ଚରିତାର୍ଥ କରିପାରୁଛନ୍ତି, ସେକଥା ସମୟ କହିବ। କିନ୍ତୁଏହାରି ମଧ୍ୟରେ ସରକାରଙ୍କ ଆଗାମୀ ବଜେଟରେ କୃଷି ଓ କୃଷକଙ୍କ ବିକାଶ ଦିଗରେ ଅନେକ କିଛି ଅଧିନିୟମ ରହିବ ବୋଲି ଆମର ଆଶା ଓ ବିଶ୍ୱାସ। ନୂଆ ସରକାରଙ୍କ ଫୋକସ୍‌ରେ ଥିବା ଚାଷୀକୁଳ ବର୍ତ୍ତମାନ ନୂଆ ଯୋଜନାକୁ ଅପେକ୍ଷା କରି ରହିଛନ୍ତି। ଚାଷୀକୁଳର ବିକାଶ ପାଇଁ ନୂତନ ସରକାରଙ୍କୁ କୃଷିସମ୍ପର୍କିତ କିଛି ପ୍ରସ୍ତାବ ଉଲ୍ଲେଖ କରୁଛି।

ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଭାବରେ ଓଡ଼ିଶାରେ କୃଷି ଆୟୋଗ ଗଠନ କରାଯାଇ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସଫଳ ଚାଷୀ ତଥା ପଲିସିମେକର୍‌ମାନଙ୍କୁ ଏହି କମିଟିରେ ସ୍ଥାନ ଦିଆଯାଉ। ଏହା କୃଷିକ୍ଷେତ୍ରରେ ଗବେଷଣା ଓ ଉନ୍ନତି ଦିଗରେ ଅଧିକ କାର୍ଯ୍ୟ କରିବା ଆବଶ୍ୟକ। ଚାଷୀମାନଙ୍କର ବିଭିନ୍ନସମସ୍ୟା ସରକାରଙ୍କ ପାଖରେ ପହଁଚାଇବା ପାଇଁଏହି ଆୟୋଗ ସ୍ୱତନ୍ତ୍ର ବ୍ୟବସ୍ଥା କରିବ। ଯାହା କୃଷକମାନଙ୍କର ଅଭିବୃଦ୍ଧି ଦିଗରେ ସାହାଯ୍ୟ କରିବ। ଏହି ଆୟୋଗ ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବା ସହ ଗାଁମାନଙ୍କରେ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ କରି ଏହି ସମସ୍ୟାକୁ ସମାଧାନ କରାଇବା ଦରକାର।

ସାମ୍ପ୍ରତିକ ସମୟରେ ଜୈବିକ ହାଟର ଆବଶ୍ୟକତା ଓ ଗୁରୁତ୍ୱ ଅନେକ ବୋଲି ଆମକୁ ବିଚାର କରିବାକୁ ହେବ। କାରଣ ଯଦି ସ୍ୱତନ୍ତ୍ର ଜୈବିକ ହାଟଟିଏ ପ୍ରତି ଗାଁ କି ବ୍ଲକରେ ହୁଅନ୍ତା, ତେବେ ଚାଷୀ ତାର ଉତ୍ପାଦ ସଠିକ ମୂଲ୍ୟରେ ବିକି ପାରନ୍ତା। ଏବେ ସପିଂମଲରେ ଜୈବିକ ପନିପରିବା ମିଳୁଛି, ତେବେ ଆମ ଗାଁମାନଙ୍କରେ କ'ଣ ପାଇଁ ଏହା ହୋଇପାରିବନି ? ଆମ ରାଜ୍ୟରେ ଜୈବିକ ହାଟର ଅଧିନିୟମ ଆସିବା ଆବଶ୍ୟକ। ଯାହାକୁ ଆମେ ସ୍ୱତନ୍ତ୍ର ଅର୍ଗାନିକ ମାର୍କେଟ ରୁଲ୍ ବା ନିୟମ ବୋଲି କହିପାରିବା। ଗାଁ ଗାଁରେ ଜୈବିକ ହାଟର ବ୍ୟବସ୍ଥା ହେବା ଦରକାର। ଚାଷୀ ସେଠି ନିଜର ଫସଲକୁ ଲୋକଙ୍କୁ ବିକି ପାରନ୍ତା ଓ ଲୋକମାନେ ସଠିକ ଜୈବିକ ପନିପରିବା ପାଇପାରନ୍ତେ। ତେବେ ଏହା ପୂର୍ବରୁ ଚାଷୀମାନେ ଜୈବିକ ଚାଷର ପ୍ରାମାଣିକରଣ କରିବା ଅନିବାର୍ଯ୍ୟ। ସୁତରାଂ ଜୈବିକ ଚାଷର ନାରା ଘରେ ଘରେ ପହଁଚୁ। ରାଜ୍ୟ ସରକାର ଏ ଦିଗରେ ଧ୍ୟାନ ଦେବାକୁ ଅନୁରୋଧ। ଏହାସହ ପ୍ରତି ଜିଲ୍ଲାରେ ଶୀତଳଭଣ୍ଡାର କରିବାକୁ ଏକ ଯୋଜନା ପ୍ରସ୍ତୁତ କରାଯାଉ। ଏହାସହ ଏକ କୃଷକ କର୍ମଶାଳା ମିଶନ୍ ଓ କୃଷକ ଉନ୍ନୟନ ସଂସ୍ଥା ଗଠନ କରାଯାଉ। ରାଜ୍ୟ ସରକାର ଆଣିବାକୁ ଯାଉଥିବା ବଜେଟରେ କୃଷି ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଅନୁରୋଧ। କାରଣ କୃଷି ଓ ଏଗ୍ରିଟେକ୍ ଷ୍ଟାର୍ଟଅପ୍‌ମାନଙ୍କ ସଂଖ୍ୟା ଓଡ଼ିଶାରେ ଆଶାତୀତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ସଠିକ ସମୟରେ କିପରି ଆର୍ଥିକ ଅନୁଦାନ ମିଳିବା ସହ ବଜାର ସଂଯୋଗୀକରଣ ଦିଗରେ ସରକାର ଚିନ୍ତା କରିବା ଆବଶ୍ୟକ। ଏହାସହ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ମଧ୍ୟରେ ଷ୍ଟାର୍ଟଅପକୁ ନେଇ ସୃଜନଶୀଳତାର ବିକାଶ କରିବକୁ ହେବ। ଏଥିପାଇଁ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରି ପିଲାମାନଙ୍କ ମଧ୍ୟରେଏହି ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାକୁ ହେବ। ସରକାରଙ୍କ ପ୍ରଚେଷ୍ଟାରେ ଆହୁରି କିପରି ଅଧିକ କୃଷି ଉଦ୍ୟୋଗକୁ ଯୋଜନାରେ ସାମିଲ କରାଯାଇ ସବସିଡ଼ି ଦିଆଯାଇ ପାରିବ, ସେ ଦିଗରେ ଗଠନମୂଳକ ପଦକ୍ଷେପ ନେବା ଜରୁରୀ।

ଆମ ରାଜ୍ୟରେ ବିଦ୍ୟାଳୟ ପାଠ୍ୟକ୍ରମରେ କୃଷିକୁ ଅନ୍ତର୍ଭୁକ୍ତ କରାଯାଉ। ପିଲାମାନଙ୍କୁ କେବଳ ବିଦ୍ୟାଳୟ ନୁହେଁ ଅଭିଭାବକମାନେ ମଧ୍ୟ ଏଥିପାଇଁ ଦୃଷ୍ଟି ଦିଅନ୍ତୁ। ଚାଷର ବିଭିନ୍ନ କାର୍ଯ୍ୟକ୍ରମକୁ ଟିଭିରେ ପିଲାଙ୍କୁ ଦେଖାନ୍ତୁ। ଖବରକାଗଜରେ କୃଷି ପୃଷ୍ଠାକୁ ପିଲାମାନଙ୍କୁ ପଢ଼ାଇବାକୁ ଦିଅନ୍ତୁ। କେବଳ ନାଚ, ଗୀତ, ଭାଷଣ, ଚିତ୍ରାଙ୍କନ ନୁହେଁ ବରଂ କୃଷିଶିକ୍ଷାକୁ ପ୍ରାଥମିକତା ଦିଆଯାଇ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରାଯାଉ। ପିଲା ଛୋଟବେଳୁ କୃଷି କଣ ଜାଣୁ। ଚାଷ ଜମିକୁ ଯାଉ। ଚାଷୀଙ୍କ ସହ ମିଶୁ। ଚାଷ କରିବାର କୌଶଳ ବିଜାଣୁ। ଆମ ମାଟି ବି କଥା କହିପାରେ, ସେ ସ୍ୱତନ୍ତ୍ରତାକୁ ଅନୁଭବ କରୁ।

ଓଡ଼ିଶାରେ ଗ୍ରାମାଞ୍ଚଳଗୁଡ଼ିକର ସ୍ଥାନୀୟ ପ୍ରତିନିଧିମାନେ ଏ ଦିଗରେ ନିଜର ସ୍ୱତନ୍ତ୍ର ପ୍ରଚେଷ୍ଟା ଆରମ୍ଭ କରିବା ଆବଶ୍ୟକ। କୃଷିବିଜ୍ଞାନ କେନ୍ଦ୍ରର ସହାୟତା ତଥା କୃଷି ବୈଜ୍ଞାନିକମାନଙ୍କର ଉପଦେଶକୁ ପାଥେୟ କରି ଓଡ଼ିଶାରେ କୃଷି ପର୍ଯ୍ୟଟନର ସ୍ୱପ୍ନକୁ ପୂରଣ କରିବା ଦିଗରେ ସମସ୍ତଙ୍କର ମିଳିତ ସହଯୋଗ ଆବଶ୍ୟକ। ଆମ ଚାଷୀ କୁଶଳୀ ଆଉ କର୍ମଠ। ତେଣୁ ଯଦି ଆମେ ନିଜ ମନୋବଳକୁ ଦୃଢ଼କରି ଏ ଦିଗରେ ଆଗେଇବା ନିଶ୍ଚୟ ଭାବେ କୃଷି ପର୍ଯ୍ୟଟନର ସ୍ୱପ୍ନ ସାକାର ହେବ। ସ୍ଥାନୀୟ ଗ୍ରାମାଞ୍ଚଳର ଲୋକପ୍ରତିନିଧି, ସ୍ଥାନୀୟ ବାସିନ୍ଦା, ସରକାର ଓ ବେସରକାରୀ ସଂସ୍ଥା, କୃଷି ଷ୍ଟାର୍ଟଅପ୍ ପରି ସବୁ ସ୍ତରରରେ ପ୍ରୟାସ ଆରମ୍ଭ କରାଯିବା ଦରକାର। ଏକ ନୂତନ ଓ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତକରି ଗଠନ ହୋଇଥିବା ନୂଆ ସରକାର ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଲେ ଓଡ଼ିଶା ସାରା ଦେଶରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିବ। ପରିବେଶୀୟ ଗ୍ରାମର ପରିକଳ୍ପନା ଓଡ଼ିଶାରେ ଆରମ୍ଭ କରାଯିବା ନିତ୍ୟାନ୍ତ ଜରୁରୀ। ଜଳବାୟୁ ପରିବର୍ତ୍ତନ ଯାଗୁଁ ଏବେ ଆମେ ଋତୁ ମଧ୍ୟରେ ତଫାତ ଜାଣିବାରେ କଷ୍ଟ ଅନୁଭବ କରୁଛୁ। ଏମିତି କି ବର୍ଷାଦିନରେ ଅତ୍ୟଧିକ ବର୍ଷା ଯୋଗୁଁ ମୃତ୍ତିକା କ୍ଷୟ ଯୋଗୁଁ ଚାଷ ଜମି ପ୍ରଭାବିତ ହୋଇଥାଏ। ପାହାଡ଼ିଆ ଜମିର ପାଖେ ପାଖେ ଏମାନେ ବଞ୍ଚିବାର ରାହା ଖୋଜିଥାନ୍ତି। ଏସବୁ କାରଣର ଏକ ପ୍ରକୃଷ୍ଟ ସମାଧାନ ଭାବରେ ଆମେ ପରିବେଶୀୟ ଗ୍ରାମକୁ ନେଇପାରିବା। ବିଭିନ୍ନ ପ୍ରକାର ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ କରି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସେମାନଙ୍କ ପାରମ୍ପରିକ ଚାଷପଦ୍ଧତି ସହ ସେଠାରେ ସବୁଜିମା ଆଉ ସୁନା ଫଳା ଯାଇପାରେ। ଏହା ବ୍ୟତୀତ ଏହି ସବୁ ଗ୍ରାମରେ ସୌରଶକ୍ତିକୁ ବ୍ୟବହାର କରାଯାଇଥାଏ। ଯାହା ଫଳରେ ପରିବେଶର ହାନି ପ୍ରଭାବକୁ ସହଜରେ ଏଡ଼ାଇ ଦିଆଯାଇପାରେ। ଏହା ଗ୍ରାମୀଣ ପରିବେଶରେ ଶକ୍ତି ସଞ୍ଚୟ କରିବା ସହ ଏକ ସବୁଜ ପରିବେଶ ଗଠନ ଦିଗରେ ଅଗ୍ରସର ହେବାକୁ ଖୋରାକ ଯୋଗାଏ। ରାଜ୍ୟ ସରକାରଙ୍କ ତରଫରୁ ଏ ଦିଗରେ ସ୍ୱତନ୍ତ୍ର ଫଣ୍ଡ୍ ବା ପାଣ୍ଠିର ବ୍ୟବସ୍ଥା କରି କାର୍ଯ୍ୟକାରୀ କରାଯାଉ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା,**
**ଭୁବନେଶ୍ୱର, ମୋବାଇଲ୍: ୯୪୩୮୪୬୭୦୭୯**

# ଶୀତ ପୂର୍ବରୁ ବଢ଼ିଲା ପ୍ରଦୂଷଣ ମାତ୍ରା




**ନୂଆଦିଲ୍ଲୀ, ୧୯।୧୦:** ବିଷ ବଳୟରେ ରାଜଧାନୀ ଦିଲ୍ଲୀ। ଦୀପାବଳି ପୂର୍ବରୁ ଡରାଇଲାଣି ପ୍ରଦୂଷଣ। ବିଷାକ୍ତ ହୋଇଗଲାଣି ବାୟୁ। ଚାରିଆଡେ ଢ଼ାଙ୍କି ହୋଇଗଲାଣି ଧୂଆଁର ମୋଟା ଚାଦର। ଆଖି ଜଳିବା ସହ ହେଲାଣି ଗଳାରେ ଯନ୍ତ୍ରଣା। ଶନିବାର ସକାଳୁ ସକାଳୁ ଦିଲ୍ଲୀ ଓ ଏନ୍‌ସିଆର୍‌ର ସହରଗୁଡ଼ିକର ଏଭଳି ସମାନ ଅବସ୍ଥା ଦେଖିବାକୁ ମିଳିଛି।

ଶନିବାର ସକାଳେ ଦିଲ୍ଲୀରେ ବାୟୁର ଗୁଣବତ୍ତା ନିମ୍ନସ୍ତରକୁ ଖସିଆସିଛି। ବିଭିନ୍ନ ଅଞ୍ଚଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୩୦୦ ପାର୍ ହୋଇଯାଇଛି। ଜାତୀୟ ରାଜଧାନୀ ଦିଲ୍ଲୀର AQI ଶନିବାର ୨୭୪ରେ ପହଞ୍ଚିଛି। ସେହିପରି ୧୩ଟି ହଟ୍‌ସ୍ପଟ୍ ସ୍ଥାନ ଚିହ୍ନଟ କରାଯାଇଛି, ଯେଉଁଠି ବାୟୁର ଗୁଣବତ୍ତା ଅତି ନିମ୍ନସ୍ତରକୁ ଚାଲିଯାଇଥିବା ରେକର୍ଡ ହୋଇଛି। ଆଗକୁ ପରିସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ରବିବାର ସୁଦ୍ଧା ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ ତଥା AQI ଅତ୍ୟନ୍ତ ନିମ୍ନସ୍ତରକୁ ପହଞ୍ଚିବା ସମ୍ଭାବନା ରହିଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ଶନିବାର ସକାଳେ ବାୟୁ ପ୍ରଦୂଷଣର ସ୍ତର ଖରାପ ଓ ଅତ୍ୟନ୍ତ ଖରାପ ଶ୍ରେଣୀରେ ପହଞ୍ଚିଥିବା ରେକର୍ଡ କରାଯାଇଛି। ଦିଲ୍ଲୀର ମୁଣ୍ଡକାରେ ସବୁଠୁ ଖରାପ ରହିଛି ବାୟୁର ଗୁଣବତ୍ତା। ଏଠାରେ AQI ୩୭୨ ରହିଛି। ସେହିପରି ବବାନାରେ ୩୬୬, ଜାହାଙ୍ଗିରପୁରିରେ ୩୫୩, ଦ୍ୱାରକାରେ ୩୪୩, ଆନନ୍ଦ ବିହାରରେ ୩୩୪ ଥିବା ରେକର୍ଡ କରାଯାଇଛି। ଏହାବ୍ୟତୀତ ନୋଏଡାରେ ୨୨୬ ଓ ଫରିଦାବାଦର AQI ୨୦୯ ରେକର୍ଡ ହୋଇଛି। ଦିଲ୍ଲୀର ଅକ୍ଷରଧାମ ଓ ଏହାର ଆଖପାଖ ଅଞ୍ଚଳରେ ଧୂଆଁର ଏକ ଚାଦାର ଛାଇଯାଇଛି, କାରଣ ଏହି ଅଞ୍ଚଳର AIQ ବୃଦ୍ଧି ପାଇଁ ୩୩୪ରେ ପହଞ୍ଚି ଯାଇଛି। ଗତ ଦୁଇ ଦିନ ମଧ୍ୟରେ ପ୍ରଦୂଷଣ ମାତ୍ର ଆହେତୁକ ଭାବେ ବୃଦ୍ଧି ପାଇଛି ଯାହା ଅନେକ ସମସ୍ୟା ସୃଷ୍ଟି କରୁଛି। ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଉଚିତ ପଦକ୍ଷେପ ନେବା ଉଚିତ୍ ବୋଲି ଏଠାକାର ଜଣେ ବାସିନ୍ଦା କହିଛନ୍ତି।



# ନିର୍ବାଚନ ପୂର୍ବରୁ ଝାଡ଼ଖଣ୍ଡ ଡିଜିପିଙ୍କ ବଦଳି ନିର୍ଦ୍ଦେଶ

ବିଧାନସଭା ନିର୍ବାଚନ ପୂର୍ବରୁ ଝାଡ଼ଖଣ୍ଡ ଡିଜିପିଙ୍କ ବଦଳି ପାଇଁ ନିର୍ଦ୍ଦେଶ। ଆଜି ନିର୍ବାଚନ ଆୟୋଗ ଡିଜିପି ଅନୁରାଗ ଗୁପ୍ତାଙ୍କ ବଦଳି ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ନିର୍ବାଚନ ଆୟୋଗ ତୁରନ୍ତ ଗୁପ୍ତାଙ୍କ ବଦଳି କରିବା ସହ ତାଙ୍କ ସ୍ଥାନରେ ଡିଜପି ସ୍ତରର ଜଣେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁପ୍ତାଙ୍କ ବିରୁଦ୍ଧରେ ଏକାଧିକ ଅଭିଯୋଗ ଆସିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ନିର୍ବାଚନ ଆୟଗଙ୍କ ପକ୍ଷରୁ କୁହାଯାଇଛି ଯେ, ଡିଜିପି ଅନୁରାଗ ଗୁପ୍ତାଙ୍କ ବିରୁଦ୍ଧରେ ଏକାଧିକ ଅଭିଯୋଗ ଆସିଥିଲା। ଏହି ଅଭିଯୋଗକୁ ଆଧାର କରି ଏବଂ ତାଙ୍କ ପୂର୍ବ କାର୍ଯ୍ୟପନ୍ଥାଙ୍କୁ ବିଚାର ବିମର୍ଶ କରାଯାଇ ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଯାଇଛି। ନଭେମ୍ବର ୧୩ ଏବଂ ୨୦ରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ନଭେମ୍ବର ୨୩ରେ ଫଳାଫଳ ପ୍ରକାଶ ପାଇବ।

# ଇଣ୍ଡିଆ ମେଣ୍ଟର ଆସନ ବୁଝାମଣା ଚୂଡ଼ାନ୍ତ



**ରାଞ୍ଚି,୧୯।୧୦:** ଆସନ୍ତା ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଇଣ୍ଡିଆ ମେଣ୍ଟରେ ଥିବା ଜେଏମଏମ ଓ କଂଗ୍ରେସ ସିଟ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ କରିଛନ୍ତି। ବିହାରର ଆରଜେଡି ମଧ୍ୟ ଝାଡ଼ଖଣ୍ଡରେ ଇଣ୍ଡିଆ ମେଣ୍ଟର ସଦସ୍ୟ ଭାବେ ବିଧାନସଭା ନିର୍ବାଚନ ଲଢ଼ିବ। ଆସନ୍ତା ମାସରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆଜି ଇଣ୍ଡିଆ ମେଣ୍ଟର ସଦସ୍ୟମାନେ ସିଟ ଶେୟାରିଂ ଫର୍ମୁଲାକୁ ଚୂଡ଼ାନ୍ତ କରିଛନ୍ତି। ଝାଡ଼ଖଣ୍ଡରେ ଏବେ ଜେଏମଏମ ଓ କଂଗ୍ରେସ କ୍ଷମତାରେ ରହିଛନ୍ତି। ଦୁଇ ଦଳ ଆସନ୍ତା ନିର୍ବାଚନରେ ରାଜ୍ୟର ୮୧ଟି ଆସନରୁ ୭୦ଟିରେ ଲଢ଼ିବେ। ବାକି ୧୧ଟି ଆସନ ଦୁଇ ଦଳ ସହଯୋଗୀ ଆରଜେଡି ଓ ବାମ ଦଳ ପାଇଁ ଛାଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏ ସମ୍ପର୍କରେ ଘୋଷଣା କରିବା ସହ ୧୧ଟି ଆସନକୁ ନେଇ ମେଣ୍ଟରେ ଥିବା ଆରଜେଡି ଓ ବାମ ଦଳଗୁଡ଼ିକ ସହ ଆଲୋଚନା ଚାଲିଛି। ସେ କହିଛନ୍ତି, "ଆମେ ମେଣ୍ଟରେ ଥିବା ସହଯୋଗୀଙ୍କ ସହ କଥା ହୋଇ କେଉଁ ଦଳ କେଉଁଠି ଲଢ଼ିବେ, ସେକଥା ପର୍ଯ୍ୟାକ୍ରମେ ସାର୍ବଜନୀନ କରିବୁ।" ଆଦିବାସୀ ବହୁଳ ଝାଡ଼ଖଣ୍ଡରେ ଦୁଇ ପ୍ରମୁଖ ଦଳ ହେଉଛନ୍ତି ଜେଏମଏମ ଓ ବିଜେପି। ରାଜ୍ୟରେ ଜେଏମଏମ ସହଯୋଗୀ କଂଗ୍ରାସ ଓ ଆରଜେଡି ସହ ମେଣ୍ଟ କରିଛି। ୨୦୧୯ରେ ଜେଏମଏମ-କଂଗ୍ରେସ ଓ ଆରଜେଡି ୮୧ଟି ଆସନରୁ ୪୭ଟିରେ ଜିତିଥିଲେ।

# ନେତାନ୍ୟାହୁଙ୍କ ଘରକୁ ହେଜବୁଲ୍ଲାର ଟାର୍ଗେଟ୍



**ତେଲ ଆଭିଭ, ୧୯।୧୦:** ଥମୁନି ଇସ୍ରାଏଲ ଓ ହେଜବୁଲ୍ଲା ମଧ୍ୟରେ ଯୁଦ୍ଧ। ଦିନକୁ ଦିନ ଏହା ଉଗ୍ର ହେବାରେ ଲାଗିଛି। ଏହାରି ଭିତରେ ହମାସ ମୁଖ୍ୟା ୟାହୟା ସିନଓ୍ୱାରଙ୍କ ମୃତ୍ୟୁର ଦିନକ ପରେ ଇସ୍ରାଏଲ୍ ଉପରେ ଆଟାକ୍ କରିଛି ହେଜବୁଲ୍ଲା। ଲେବନାନରୁ ଇସ୍ରାଏଲ୍‌ର ଏକ ବିଲ୍ଡିଂ ଉପରେ ହେଜବୁଲ୍ଲା ଡ୍ରୋନ୍ ମାଡ଼ କରିଛି। ଏହି ହମ୍‌ଲା ଜରିଆରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଟାର୍ଗେଟ୍ କରିବାକୁ ଚେଷ୍ଟା କରାଯାଇଛି। ଇସ୍ରାଏଲ୍‌ର ହାଇଫା କେସରିୟା ଅଞ୍ଚଳରେ ଏହି ଆକ୍ରମଣ ହୋଇଛି।

ଇସ୍ରାଏଲ ମିଡିଆ ଅନୁସାରେ, ଇସ୍ରାଏଲ୍ ସୁରକ୍ଷା ବାହିନୀ ଏହି ଆକ୍ରମଣକୁ ନେଇ ସ୍ପଷ୍ଟ କରିଛି। ଦକ୍ଷିଣ ହାଇଫାର କେସରିଆରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବାସଭବନ ନିକଟରେ ଏକ ଡ୍ରୋନ୍ ମାଡ଼ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଲେବନାନ ପଟୁ ରେକଟ୍ ମାଡ଼ ହେବା ପରେ ଆଜି ସକାଳେ ହାଇଫା ଅଞ୍ଚଳରେ ଓ୍ୱର୍ଣ୍ଣିଂ ସାଇରନ୍ ବାଜି ଉଠିଥିଲା ବୋଲି ଆଇଡିଏଫ କହିଛି। ଯେଉଁ ସୂଚନା ସାମ୍ନାକୁ ଆସିଛି ସେଥିରେ ଦର୍ଶାଇଛି ଯେ ଡ୍ରୋନ୍ ସିଧାସଳଖ ଟାର୍ଗେଟକୁ ମାରିବାରେ ସକ୍ଷମ ଥିଲା। ଇସ୍ରାଏଲର ସୁରକ୍ଷା ବାହିନୀ ସ୍ୱୀକାର କରିଛି ଯେ ଡ୍ରୋନ୍ ଆକ୍ରମଣକୁ ରୋକିବାରେ ଏହାର ଏୟାର ଡିଫେନ୍ସ ସିଷ୍ଟମ୍ ବିଫଳ ହୋଇଛି। ଇସ୍ରାଏଲ୍ ସେନା ଅନୁଯାୟୀ, ତିନିଟି ଡ୍ରୋନ୍ ଲେବନାନରୁ ହାଇଫା ଆଡକୁ ଆସିଥିଲା, ସେଥିମଧ୍ୟରୁ କେବଳ ଦୁଇଟି ଚିହ୍ନଟ ହୋଇଥିଲା ଏବଂ ତାକୁ ଅଟକାଯାଇଥିଲା। ତୃତୀୟ ଡ୍ରୋନ୍ଟି କେସରିୟାରେ ଥିବା ଏକ କୋଠା ଉପରେ ମାଡ଼ ହୋଇଥିଲା। ଏହି ବିସ୍ଫୋରଣ ବେଶ୍ ଶକ୍ତିଶାଳୀ ଥିଲା। ତେବେ ଇସ୍ରାଏଲ ସେନା ଡ୍ରୋନ ମାଡ଼ ସମୟରେ ନେତାନ୍ୟାହୁ କେସରିୟାରେ ଥିବା ତାଙ୍କ ବ୍ୟକ୍ତିଗତ ବାସଭବନରେ ଥିଲେ ନା ନାହିଁ ତାହା ସ୍ପଷ୍ଟ କରି ନାହିଁ। ତେବେ କୁହାଯାଉଛି ଯେ ନେତାନ୍ୟାହୁ ଘରେ ନଥିଲେ। ଲେବନାନ୍ ଉପରେ ଇସ୍ରାଏଲ କରିଥିବା ନିର୍ଦ୍ଦୟ ଆକ୍ରମଣ ଏବଂ ଗାଜାରେ ହୋଇଥିବା ହତ୍ୟାକାଣ୍ଡର ଜବାବରେ ହେଜବୁଲ୍ଲା ନିଜର କାର୍ଯ୍ୟକଳାପକୁ ଆହୁରି ଦୃଢ଼ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଏହି ଆକ୍ରମଣ ହୋଇଛି।

# ଟାର୍ଗେଟ୍‌ରେ ବାବା ସିଦ୍ଦିକିଙ୍କ ପୁଅ

**ମୁମ୍ବାଇ, ୧୯।୧୦:** ବାବା ସିଦ୍ଦିକିଙ୍କ ପରେ ଏବେ ଟାର୍ଗେଟ୍‌ରେ ଜିସାନ ସିଦ୍ଦିକି। ହିଟ୍ ଲିଷ୍ଟରେ ରହିଛି ତାଙ୍କର ନାଁ। ତାଙ୍କୁ ମଧ୍ୟ ହତ୍ୟା କରିବାକୁ ହୋଇଥିଲା ଷଡ଼ଯନ୍ତ୍ର। ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କ ହତ୍ୟାକାଣ୍ଡ ମାମଲାରେ ଏଭଳି କିଛି ନୂଆ ଖୁଲାସା ହୋଇଛି। ଗିରଫ ଅଭିଯୁକ୍ତଙ୍କ ମୋବାଇଲରୁ ପୁଅ ଜିସାନ ସିଦ୍ଦିକିର ଫଟୋ ମିଳିଛି। ଏହି ଫଟୋକୁ ତାଙ୍କ ହ୍ୟାଣ୍ଡେଲର୍ ଦ୍ୱାରା ସ୍ନାପଚାଟ ମାଧ୍ୟମରେ ଅଭିଯୁକ୍ତଙ୍କ ସହ ସେୟାର କରାଯାଇଥିଲା। ଅନୁସନ୍ଧାନରୁ ଜଣାପଡିଛି ଯେ ସୁଟର ଏବଂ ଷଡଯନ୍ତ୍ରକାରୀମାନେ ମେସେଜ ଆଦାନ ପ୍ରଦାନ ପାଇଁ ସ୍ନାପଚାଟ ବ୍ୟବହାର କରିଥିଲେ। ମୁମ୍ବାଇ ପୁଲିସ ଏହି ସୂଚନା ଦେଇଛି।

ଲରେନ୍ସ ଗ୍ୟାଙ୍ଗର ହ୍ୟାଣ୍ଡେଲରଙ୍କଠାରୁ ସ୍ନାପଚାଟ ଜରିଆରେ ସୂଚନା ମିଳିବା ପରେ ଉକ୍ତ ମେସେଜକୁ ଡିଲିଟ୍ କରାଯାଇଥିଲା। ଏଥିସହିତ ଏହା ମଧ୍ୟ ପ୍ରକାଶ ପାଇଛି ଯେ ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପାଇଁ ପ୍ରଥମେ ଅଭିଯୁକ୍ତ ୧ କୋଟି ଟଙ୍କା ମାଗିଥିଲେ। ଗିରଫ ଅଭିଯୁକ୍ତ ରାମ କାନୌଜିଆକୁ ପଚରାଉଚରା ବେଳେ ପୁଲିସ ଏହା ଜାଣିବାକୁ ପାଇଛି। ବାବା ସିଦ୍ଦିକିଙ୍କ



ହତ୍ୟାକାଣ୍ଡ ମାମଲାରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ଶୁକ୍ରବାର ଦିନ ଆଉ ୫ ଜଣଙ୍କୁ ଗିରଫ କରିଥିଲା। ସୂଚନାନୁସାରେ, ଗିରଫ ଅଭିଯୁକ୍ତ ରାମ କାନୌଜିଆ କହିଛି ଯେ ପ୍ରଥମେ ଶୁଭମ୍ ଲୋଙ୍କାର ତାଙ୍କୁ ଏବଂ ନିତିନ ସାପ୍ରେଙ୍କୁ ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପାଇଁ ସୁପାରି ଦେଇଥିଲେ। ରାମ କାନୌଜିଆ ମହାରାଷ୍ଟ୍ରର ବାସିନ୍ଦା, ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପରେ କ'ଣ ହୋଇପାରେ ସେ ବିଷୟରେ ତାଙ୍କର ଧାରଣା ଥିଲା, ତେଣୁ ସେ ଏହି ସୁପାରି ନେବାକୁ ମନା କରିଥିଲା।

ପୁଲିସ ସୂତ୍ର ଅନୁଯାୟୀ, ରାମ କାନୌଜିଆ ଏହି ସୁପାରି ନେବାକୁ ଚାହୁଁନଥିଲେ, ସେଥିପାଇଁ ସେ ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପାଇଁ ୧ କୋଟି ଟଙ୍କା ମାଗିଥିଲେ, ଯାହା ପରେ ଶୁଭମ୍ ଲୋଙ୍କାର ତାଙ୍କ ମତ ବଦଳାଇଥିଲେ। ଶୁଭମ୍ ଲୋଙ୍କାର ଜାଣିଥିଲେ ଯେ ଉତ୍ତରପ୍ରଦେଶର ଲୋକମାନେ ମହାରାଷ୍ଟ୍ରରେ ବାବା ସିଦ୍ଦିକିଙ୍କ କ'ଣ ଇମେଜ ରହିଛି ତାହା ଜାଣିପାରିବେ ନାହିଁ, ତେଣୁ ସେମାନେ କମ୍ ଟଙ୍କାରେ ତାଙ୍କୁ ହତ୍ୟା କରିବାକୁ ରାଜି ହେବେ। ରାମ କନୌଜିଆ ପଛକୁ ହଟିବା ପରେ ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପାଇଁ ଧର୍ମରାଜ କଶ୍ୟପ, ଗୁରନୈଲ ସିଂହ ଓ ଶିବକୁମାର ଗୌତମଙ୍କୁ ଶୁଭମ ସୁପାରି ଦେଇଥିବା ପୁଲିସ କହିଛି। ବାବା ସିଦ୍ଦିକିଙ୍କ ହତ୍ୟା ମାମଲାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ଗିରଫ କରାଯାଇଛି। କ୍ରାଇମବ୍ରାଞ୍ଚ ଟିମ୍ ସମସ୍ତଙ୍କୁ ପଚରାଉଚରା ଜାରି ରଖିଛି।

# କାର ଧକ୍କାରେ ୬ କାଉଡିଆ ମୃତ

**ପାଟନା, ୧୯।୧୦:** ବିହାର ବାଙ୍କା ଜିଲ୍ଲାରେ ଗତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମହାଦେବ ମନ୍ଦିରକୁ ପାଣି ନେଇ ଯାଉଥିବା କାଉଡିଆଙ୍କ ଉପରେ ଚଢ଼ିଗଲା କାର୍। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୬ କାଉଡିଆଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ରୁ ଅଧିକ ଗୁରୁତର ହୋଇଛନ୍ତି। ଏହି ଘଟଣା ପରେ ଉତ୍ୟକ୍ତ ଲୋକେ ପୁଲିସ୍ ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି। ଗତ ରାତିରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କାଉଡିଆ ଗଙ୍ଗା ନଦୀରୁ ପାଣି ଉଠାଇ ସୁଲତାନଗଞ୍ଜରୁ ଜେଷ୍ଟଗୋରନାଥ ମହାଦେବ ମନ୍ଦିରକୁ ଯାଉଥିଲେ। ରାତିରେ ସେମାନେ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ କିଛି କାଉଡ଼ିଆଙ୍କ ଉପରେ ଚଢ଼ି ଯାଇଥିଲା। ଖବର ପାଇ ତୁରନ୍ତ ପୁଲିସ୍ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଦୁର୍ଘଟଣାରେ ୧୨ ଜଣ ଗୁରୁତର ହୋଇଥିବା ବେଳେ ତୁରନ୍ତ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ବି ପୁଲିସ୍ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ଉଠିଥିଲେ। ସେମାନେ ଘଟଣାସ୍ଥଳରେ ଥିବା ପୁଲିସ୍ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ।

## ବିଷ୍ଣୋଇ ଗ୍ୟାଙ୍ଗ୍‌ର ଭିଡିଓ ଭାଇରାଲ୍

# ୩ ପୁଲିସ ସସ୍‌ପେଣ୍ଡ

**ଲକ୍ଷ୍ନୌ, ୧୯।୧୦:** ଉତ୍ତରପ୍ରଦେଶର ତିନି ଜଣ ପୁଲିସ କର୍ମୀଙ୍କୁ ନିଲମ୍ବିତ କରାଯାଇଛି। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଜଣେ ଶୁଟର ଯୋଗେଶ ଭିଡିଓ ଭାଇରାଲ୍ ହେବାକୁ ନେଇ ମଥୁରାର ତିନି ଜଣ ପୁଲିସଙ୍କୁ ନିଲମ୍ବିତ କରିଛନ୍ତି ବରିଷ୍ଠ ଏସପି ଶୈଳେଶ ପାଣ୍ଡେ।

ନିକଟରେ ବିଷ୍ଣୋଇ ଗ୍ୟାଙ୍ଗର ଜଣେ ଶୁଟରର ଭିଡିଓ ଭାଇରାଲ୍ ହୋଇଥିଲା। ସେ ରିଫାଇନାରୀ ପୁଲିସ ଷ୍ଟେସନରେ ପୁଲିସ ହେପାଜତରେ ଥିବାବେଳେ ସ୍ଥାନୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିବାର ଭିଡିଓ ସାମ୍ନାକୁ ଆସିଥିଲା। ଭିଡ଼ିଓରେ କହିଥିଲେ, ଦିବଂଗତ ଏନସିପି ନେତା ବାବା ସିଦ୍ଦିକି ଜଣେ ଭଲ ମଣିଷ ନୁହଁନ୍ତି, ତାଙ୍କ ବିରୋଧରେ MCOCA (ମହାରାଷ୍ଟ୍ର ସଂଗଠିତ ଅପରାଧ ନିୟନ୍ତ୍ରଣ ଅଧିନିୟମ)ରେ ମାମଲା ରହିଛି। ବାବା ସିଦ୍ଦିକିଙ୍କର ଦାଉଦ ଇବ୍ରାହିମଙ୍କ ସହ ସମ୍ପର୍କ ଥିଲା। ଏହି ଭିଡିଓ ଭାଇରାଲ୍ ହେବା ପରେ ରିଫାଇନାରୀ ପୁଲିସ ଷ୍ଟେସନରେ ନିୟୋଜିତ ଥିବା ସବ୍-ଇନ୍ସପେକ୍ଟର ରାମସାନେହି, ମୁଖ୍ୟ କନଷ୍ଟେବଳ ବିପିନ ଏବଂ କନଷ୍ଟେବଳ ସଞ୍ଜୟଙ୍କୁ ନିଲମ୍ବିତ କରିଛନ୍ତି SSP (ସିନିୟର ସୁପରିଟେଣ୍ଡେଣ୍ଟ) ପାଣ୍ଡେ।

ପ୍ରକାଶ ଥାଉକି, ଦିଲ୍ଲୀ ଜିମ୍ ମାଲିକଙ୍କୁ ହତ୍ୟା ମାମଲାରେ ଯୋଗେଶକୁ ଦିଲ୍ଲୀ ଏବଂ ମଥୁରା ପୁଲିସର ମିଳିତ ଟିମ୍ ଗିରଫ କରିଥିଲା। ସେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଜଣେ ହାଡକୋର୍ ଶୁଟର୍। ପୁଲିସ ତାକୁ ଗିରଫ କରି ନେଉ ଥିବାବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବାବା ସିଦ୍ଦିକଙ୍କ ବିରୁଦ୍ଧରେ ବୟାନ ଦେଇଥିଲା ଯୋଗେଶ। ବାବା ସିଦ୍ଦିକିଙ୍କୁ ମଧ୍ୟ ଲରେନ୍ସ ଗ୍ୟାଙ୍ଗ୍ ଶୁଟର୍ ହତ୍ୟା କରିଥିବା ଅଭିଯୋଗ ହୋଇଛି। କଡ଼ା ସୁରକ୍ଷା ସତ୍ତ୍ୱେ ସିଦ୍ଦିକିଙ୍କୁ ସର୍ବ ସମ୍ମୁଖରେ ଗୁଳି କରିଥିଲେ ଦୁର୍ବୃତ୍ତ। ଏହି ମାମଲାରେ ପୁଲିସ ବିଷ୍ଣୋଇ ଗ୍ୟାଙ୍ଗର ତିନି ଜଣଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

# ମୋ' ପୁଅ କ୍ଷମା ମାଗିବନି: ସଲିମ

**ନୂଆଦିଲ୍ଲୀ, ୧୯।୧୦:** ମହାରାଷ୍ଟ୍ରର ବରିଷ୍ଠ ରାଜନେତା ବାବା ସିଦ୍ଦିକିଙ୍କୁ ହତ୍ୟା କରାଯିବା ପରେ ବଲିଉଡ଼ର ଭାଇଜାନ ସଲମାନ ଖାନଙ୍କ ଜୀବନ ପ୍ରତି ବିପଦ ବଢ଼ିଛି। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ସଲମାନଙ୍କୁ ଜୀବନରୁ ମାରିଦେବାକୁ ବାରମ୍ବାର ଧମକ ମିଳିଛୁ। ଏପରି ସମୟରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗକୁ ମୁହଁତୋଡ଼ ଜବାବ ଦେଇଛନ୍ତି ସଲମାନଙ୍କ ବାପା ସଲିମ ଖାନ। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସମ୍ମୁଖରେ ସଲମାନ କେବେ ବି ମୁଣ୍ଡ ନୁଆଁଇବେ ନାହିଁ କି କ୍ଷମା ମାଗିବେ ନାହିଁ ବୋଲି ସଫା ସଫା କହିଦେଇଛନ୍ତି ସଲିମ। ମୋ' ପୁଅ କେବେ ବି କୌଣସି ପଶୁ ଶିକାର କରିନି। ପଶୁ ଦୂରର କଥା ସେ କେବେ ବି ଏକ ଅସରପାକୁ ମାରିନି ବୋଲି କହିଛନ୍ତି ସଲିମ। ସଲମାନଙ୍କ ଦ୍ୱାରା



ପ୍ରତିଷ୍ଠିତ ଏନ୍‌ଜିଓ 'Being Human' କରୋନା ସମୟରେ ବହୁ ଲୋକଙ୍କୁ ସାହାଯ୍ୟ କରିଛି। ଆମେ ସବୁବେଳେ ସେପରି ଲୋକଙ୍କ ନିକଟରେ ଛିଡ଼ା ହୋଇଛୁ ଯେଉଁମାନେ ସାହାଯ୍ୟ ଆଶା କରୁଥିଲେ। ଆମ ପରିବାର ହିଂସାରେ କେବେ ବି ବିଶ୍ୱାସ କରେନି। ତେଣୁ ସଲମାନ କେବେ ବି ମୁଣ୍ଡ ନୁଆଁଇବେ ନାହିଁ କି କ୍ଷମା ମାଗିବାର ପ୍ରଶ୍ନ ଉଠୁନି ବୋଲି ସେ କହିଛନ୍ତି। ବାବା ସିଦ୍ଦିକିଙ୍କ ହତ୍ୟା ପରେ ସଲମାନ ଖାନଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ଦିଆଯାଇଛି। ଇତି ମଧ୍ୟରେ ମୁମ୍ବାଇ ପୁଲିସ୍‌କୁ ଏକ ଧମକପୂର୍ଣ୍ଣ ମେସେଜ ମିଳିଥିବା ବେଳେ ସଲମାନ ଖାନଙ୍କ ନିକଟରୁ ୫ କୋଟି ଟଙ୍କା ମଗା ଯାଇଥିଲା। ଏହା ନ ଦେଲେ ବାବା ସିଦ୍ଦିକିଙ୍କଠୁ ବି ଖରାପ ଅବସ୍ଥା ହେବ ବୋଲି ଧମକ ଦିଆଯାଇଥିଲା। ଏହାପରେ ବାନ୍ଦ୍ରାରେ ଥିବା ବଲିଉଡ ସୁପରଷ୍ଟାର ସଲମାନ ଖାନଙ୍କ ଗାଲାକ୍ସି ଆପାର୍ଟମେଣ୍ଟର ସୁରକ୍ଷା କଡ଼ାକଡ଼ି କରି ଦିଆଯାଇଛି। ୬୦ ଜଣ ପୁଲିସ୍ କର୍ମଚାରୀ ସାଦା ପୋଷାକରେ ଗାଲାକ୍ସି ଆପାର୍ଟମେଣ୍ଟ ନିକଟରେ ମୁତୟନ ରହିଛନ୍ତି। ସେମାନେ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇ ଦେଉଛନ୍ତି। ସେମାନେ ଏସଓପି ଅନୁସାରେ କାର୍ଯ୍ୟ କରୁଥିବା ବେଳେ ଉକ୍ତ ଅଞ୍ଚଳରେ ହେଉଥିବା ପ୍ରତିଟି ଗତିବିଧି ଉପରେ ନଜର ରଖିଛନ୍ତି। ପୁଲିସ୍ କର୍ମଚାରୀଙ୍କ ବ୍ୟତୀତ ଏଆଇ ଭିତ୍ତିକ ହାଇରିଜୋଲେସନର ସିସିଟିଭି କ୍ୟାମେରେ ଲଗା ଯାଇଛି। ଏଥିରେ ମୁହଁ ଚିହ୍ନଟ କରିବାର ବ୍ୟବସ୍ଥା ରହିଛି। ଏକାଧିକ ଥର ଉକ୍ତ ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ ଚିହ୍ନଟ କରିବାର କ୍ଷମତା ସିସିଟିଭିରେ ରହିଛି। ଯଦି ଜଣେ ବ୍ୟକ୍ତିଙ୍କ ମୁହଁ ୩ ଥର କ୍ୟାମେରାରେ କଏଦ ହୁଏ, ତା'ହେଲେ ଏହା ସତର୍କ ସୂଚନା ଜାରି କରିବ। ସେହିପରି ଗୋଟିଏ କମାଣ୍ଡ ସେଣ୍ଟର ମଧ୍ୟ ସ୍ୱତନ୍ତ୍ର ଭାବେ ସଲମାନଙ୍କ ସୁରକ୍ଷା ପାଇଁ ସ୍ଥାପନ କରାଯାଇଛି।

## ଟେଣ୍ଡର ଦୁର୍ନୀତି ମାମଲା

# ଆଇଏଏସ୍ ଅଫିସର ଓ ପୂର୍ବତନ ବିଧାୟକ ଗିରଫ



**ପାଟନା, ୧୯।୧୦:** ବନ୍ଧା ହେଲେ ପ୍ରଶାସନିକ ସେବା ଅଧିକାରୀ ଓ ପୂର୍ବତନ ଆର୍‌ଜେଡି ବିଧାୟକ। ଟେଣ୍ଡର ଦୁର୍ନୀତି ଓ ଟଙ୍କା ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଇଏଏସ୍ ସଞ୍ଜୀବ ହଂସ ଓ ଆର୍‌ଜେଡିର ପୂର୍ବତନ ବିଧାୟକ ଗୁଲାବ ଯାଦବଙ୍କୁ ଗିରଫ କରିଛି। ସୂଚନା ମୁତାବକ, ବିହାର ବିଦ୍ୟୁତ୍ ମନ୍ତ୍ରଣାଳୟର ଟେଣ୍ଡର ଦୁର୍ନୀତି ମାମଲାରେ ଇଡି ଭାରତୀୟ ପ୍ରଶାସନିକ ସେବାର ବିହାର କ୍ୟାଡରର ଅଧିକାରୀ ସଞ୍ଜୀବ ହଂସଙ୍କୁ ପାଟନାରୁ ଗିରଫ କରିଛି। ସେହିପରି ମନିଲଣ୍ଡରିଂ ମାମଲାରେ ପୂର୍ବତନ ରାଷ୍ଟ୍ରିୟ ଜନତା ଦଳ (ଆରଜେଡି) ବିଧାୟକ ଗୁଲାବ ଯାଦବଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଛି। ୧୯୯୭ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହଂସ ବିହାର ବିଦ୍ୟୁତ ବିଭାଗର ମୁଖ୍ୟ ସଚିବ ଭାବରେ କାର୍ଯ୍ୟ କରିସାରିଛନ୍ତି। ଯାଦବ ଜଣେ ପୂର୍ବତନ ଆରଜେଡି ବିଧାୟକ। ସେ ୨୦୧୫ ରୁ ୨୦୨୦ ପର୍ଯ୍ୟନ୍ତ ମଧୁବାନି ଜିଲ୍ଲାର ଝାଞ୍ଜରପୁର ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରିଥିଲେ। ଉଭୟଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ରହିଛି। ଇଡିର ସୂଚନା ଅନୁସାରେ ପଞ୍ଜାବର ମୋହାଲି ଏବଂ କସୌଲିରେ ସଞ୍ଜୀବ ହଂସ କୋଟି କୋଟି ମୂଲ୍ୟର ବେନାମୀ ସମ୍ପତ୍ତି କିଣି ରଖିଛନ୍ତି। କୋଟି କୋଟି ମୂଲ୍ୟର ଆୟବର୍ହିଭୂତ ସମ୍ପତ୍ତି ଠୁଳ କରିବା ମାମଲାରେ ଇଡି ତାଙ୍କୁ ଗିରଫ କରିଛି। ନିକଟରେ ବିହାର ବିହାର ସ୍ପେଶାଲ ଭିଜିଲାନ୍ସ ୟୁନିଟ୍ (ଏସଭିୟୁ) ସହିତ ଇଡି ମିଶି ତାଙ୍କ ଘରେ ଚଢ଼ାଉ କରିଥିଲା। ଏହି ସମୟରେ ଅନେକ ଡକ୍ୟୁମେଣ୍ଟ ଇଡି ହାତରେ ଲାଗିଛି। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୪ ରେ ମାମଲା ରୁଜୁ ହୋଇଥିଲା। ଏସଭିୟୁ ଅଧିକାରୀଙ୍କ ଏକ ଟିମ୍ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ଦ୍ୱାରା ମିଳିଥିବା ସୂଚନା ଯାଞ୍ଚ କରୁଛନ୍ତି। ନ୍ୟୁଜ୍ ଏଜେନ୍ସି ରିପୋର୍ଟ ଅନୁଯାୟୀ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, 'ଏଫଆଇଆର୍‌ରେ ହଂସ, ଯାଦବ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ପ୍ରାୟ ୧୪ ଜଣଙ୍କ ନାଁରେ ଅଭିଯୋଗ କରାଯାଇଛି।

# ଗୋଟିଏ ମିଛ ବୋମା ଧମକରେ ୩ କୋଟି କ୍ଷତି

**ନୂଆଦିଲ୍ଲୀ, ୧୯।୧୦:** ଲଗାତର ବଢ଼ି ଚାଲିଛି ବିମାନକୁ ବୋମା ଧମକ ମାମଲା। ଏବେ ପୁଣି ଥରେ ଏକାଥରେ ୧୦ଟି ଭିନ୍ନ ଭିନ୍ନ ବିମାନରେ ବୋମା ଥିବା ଧମକ ମିଳିଛି। ଫଳରେ ବିମାନ ଚଳାଚଳ ସେକ୍ଟରରେ ଆତଙ୍କ ଖେଳି ଯାଇଛି। ସମସ୍ତ ବିମାନୁ ଏମରଜେନ୍ସି ଲ୍ୟାଣ୍ଡିଂ କରାଯାଇଛି। ସୂଚନା ମୁତାବକ, ଯେଉଁ ୧୦ଟି ବିମାନକୁ ବୋମା ଧମକ ମିଳିଛି ସେଥିମଧ୍ୟରୁ ୫ଟି ଇଣ୍ଡିଗୋର ହୋଇଥିବା ବେଳେ ଆଉ ୫ଟି ଆକାଶ ଏୟାରଲାଇନ୍ସର ଥିବା ଜଣାପଡ଼ିଛି। ସମସ୍ତ ବିମାନକୁ ଜରୁରୀ ଅବତରଣ କରାଯାଇଛି। ସମସ୍ତ ବିମାନର ଯାଞ୍ଚ ଚାଲିଛି। ବର୍ତ୍ତମାନ ସୁଦ୍ଧାରେ ବିମାନକୁ ବୋମାରେ ଉଡାଇଦେବା ନେଇ ୭ଟି ଧମକପୂର୍ଣ୍ଣ କଲ୍ ଆସିସାରିଥିବା ସୂଚନା ରହିଛି। ଇଣ୍ଡିଗୋ ନିଜର ଦୁଇଟି ବିମାନକୁ ନେଇ ବୟାନ ଜାରି କରିଛି। ସେ କହିଛି ଯେ, 'ମୁମ୍ବାଇରୁ ଇସ୍ତାନବୁଲ ଅଭିମୁଖେ ଉଡ଼ାଣ ଭାରିଥିବା ବିମାନ ୬ଇ ୧୭ ସହିତ ଜଡିତ ପରିସ୍ଥିତି ବିଷୟରେ ଆମେ ଅବଗତ। ଆମର ଯାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା। ଆମେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ମିଶି କାମ କରୁଛୁ। ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରୁଛୁ।' ସେହିପରି ଦ୍ୱିତୀୟ ବୟାନରେ ଇଣ୍ଡିଗୋ ଦିଲ୍ଲୀରୁ ଇସ୍ତାନବୁଲ ଯାଉଥିବା ବିମାନ ୬ଇ ୧୧କୁ ବୋମା ଧମକ ମିଳିଥିବା ସ୍ପଷ୍ଟ କରିଛି। ସୋମବାର ଠାରୁ ବର୍ତ୍ତମାନ ସୁଦ୍ଧା ୭୦ରୁ ଅଧିକ ବିମାନକୁ ବୋମାରେ ଉଡାଇ ଦେବାକୁ ନେଇ ଧମକ ମିଳିସାରିଲାଣି। ଆଜି ସକାଳେ ଏୟାର ଇଣ୍ଡିଆ ଓ ବିସ୍ତାରା ଏୟାରଲାଇନ୍ସକୁ ମଧ୍ୟ ବୋମା ଧମକ ମିଳିଥିଲା। ଫଳରେ ଏହି ଦୁଇଟି ବିମାନର ଗତିକୁ ଡାଇଭର୍ଟ କରି ଏମରଜେନ୍ସି ଲ୍ୟାଣ୍ଡିଂ କରାଯାଇଥିଲା। ତେବେ ପଛରେ ଏହା ଫେକ୍ କଲ୍ ବୋଲି ଜଣାପଡିଥିଲା।



ସେପଟେ ଡିଜିସିଏ ସମସ୍ତ ଧମକପୂର୍ଣ୍ଣ କଲ୍ ଉପରେ ନଜର ରଖିଛି। ମିଥ୍ୟା ବୋମା ଧମକକୁ ରୋକିବା ପାଇଁ ଅପରାଧୀଙ୍କୁ 'ନୋ-ଫ୍ଲାଏ' ତାଲିକାରେ ରଖିବା ସହିତ କଡା ନିୟମ ଲାଗୁ କରିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୋଜନା କରୁଛି। ଏହି ତାଲିକାର ଉଦ୍ଦେଶ୍ୟ ହେଉଛି ମନ୍ଦ ଉଦ୍ଦେଶ୍ୟ ଥିବା ଯାତ୍ରୀମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ବିମାନରେ ଯିବାକୁ ବାରଣ କରିବା।

## ମିଛ ବୋମା ଧମକ ଜାରି, ଦିନକରେ ୧୦

**ନୂଆଦିଲ୍ଲୀ, ୧୯।୧୦:** କିଛି ଦିନ ହେବ ଲଗାତାର ଭାବେ ଭାରତର ବିମାନଗୁଡ଼ିକୁ ମିଳିଚାଲିଛି ବୋମା ଧମକ। ବିମାନର ଜରୁରୀ ଅବତରଣ କରାଇ ଯାଞ୍ଚ ପରେ ଏହା ନକଲି ଫୋନ୍ କଲ୍ ବୋଲି ଜଣାପଡୁଛି। କିନ୍ତୁ ଗୋଟିଏ ଗୋଟିଏ ଏହି ଫେକ୍ କଲ୍ ବିମାନ କମ୍ପାନୀଙ୍କୁ କୋଟି କୋଟି ଟଙ୍କା କ୍ଷତିରେ ପକାଉଛି। ରିପୋର୍ଟ ଅନୁସାରେ, ଗୋଟିଏ ମିଛ ବୋମା ଧମକରେ ବିମାନ କମ୍ପାନୀଙ୍କୁ ତିନି କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି।

ଜଣେ ବରିଷ୍ଠ ପାଇଲଟ୍ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବୋଇଙ୍ଗ ୭୭୭ ବିମାନର ସର୍ବାଧିକ ଲୋଡ଼ିଂ ଓଜନ ୨୫୦ ଟନ୍ ହେବ। କିନ୍ତୁ ଉଡ଼ାଣ ସମୟରେ ଯାତ୍ରୀଙ୍କ ସାମଗ୍ରୀ ଏବଂ କାର୍ଗୋ ସହ ଓଜନ ୩୪୦-୩୫୦ ଟନ୍ ହୋଇଯାଏ। ଦୁଇ ଘଣ୍ଟା ମଧ୍ୟରେ ବିମାନର ଲ୍ୟାଣ୍ଡିଂ କରାଇବାର ଅର୍ଥ ପାଖାପାଖି ୧୦୦ ଟନ୍ ଇନ୍ଧନ ଶେଷ ହେବା। ଏହା ବାଦ୍ ବିମାନର ଲୋଡିଂ ଓଜନ ଇନ୍ଧନ ଖର୍ଚ୍ଚ ଉପରେ ନିର୍ଭର କରେ। ଏହା ଦ୍ୱାରା ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ଏହା ବାଦ୍ ଜରୁରୀ ଅବତରଣ କରିବା କାରଣରୁ ବିମାନକୁ ଅନ୍ୟ ଅନ୍ୟାନ୍ୟ ଖର୍ଚ୍ଚ ଭରିବାକୁ ପଡ଼ିଥାଏ। ବିମାନ କମ୍ପାନୀଙ୍କୁ ଏଥିପାଇଁ ଯେଉଁ ଜରୁରୀ ଅବତରଣ କରାଯାଇଥିବା ବିମାନବନ୍ଦରକୁ ପାର୍କିଂ ଶୁଳ୍କ ସାଙ୍ଗକୁ ଯାତ୍ରୀ ଏବଂ ପାଇଲଟ, କ୍ରୁ ସଦସ୍ୟଙ୍କ ହୋଟେଲ ରହଣୀ ଖର୍ଚ୍ଚ, ସେମାନଙ୍କ ଖାଦ୍ୟପେୟ ଖର୍ଚ୍ଚ ଆଦି ଭରିବାକୁ ପଡ଼େ। ଯଦି ଯାତ୍ରୀଙ୍କୁ ଅନ୍ୟ କୌଣସି ବିମାନରେ ଯିବାକୁ ଥାଏ, ତେବେ ତାଙ୍କୁ କ୍ଷତିପୂରଣ ମଧ୍ୟ ଦିଆଯାଏ। ଏହା ଦ୍ୱାରା କମ୍ପାନୀକୁ ପାଖାପାଖି ୩ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ସହିବାକୁ ପଡ଼େ ବୋଲି ଜଣେ ବରିଷ୍ଠ ପାଇଲଟ୍ କହିଛନ୍ତି। ଗତ କିଛି ଦିନ ହେବ ଭାରତର ମୋଟ ୪୦ଟି ବିମାନକୁ ବୋମା ଧମକ ମିଳିବା ଦ୍ୱାରା ଜରୁରୀ ଅବତରଣ କରାଯାଇଥିବାରୁ ବିମାନ କମ୍ପାନୀଙ୍କୁ ୬୦-୮୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି।

ପ୍ରକାଶ ଥାଉକି, କିଛି ଦିନ ପୂର୍ବରୁ ଏୟାର ଇଣ୍ଡିଆର ବୋଇଙ୍ଗ ୭୭୭ ବିମାନ ନ୍ୟୁୟର୍କ ଯାଉ ଥିବାବେଳେ ବୋମା ଧମକ ମିଳିଥିଲା। ଫଳରେ ବିମାନକୁ ଦିଲ୍ଲୀ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ଏତବେଳକୁ ବିମାନ ଦୁଇ ଘଣ୍ଟାର ଉଡ଼ାଣ ଭରି ସାରିଥିଲା। କିନ୍ତୁ ଏକ୍ସ ପୋଷ୍ଟ ଯୋଗେ ବୋମା ଧମକ ମିଳିବାରୁ ଦିଲ୍ଲୀ ବିମାନବନ୍ଦରରେ ଜରୁରୀ ଅବତରଣ ହୋଇଥିଲା।

# ଦ୍ୱିତୀୟ ପାଳିରେ ଲଢ଼ିଲା ଭାରତ
# ୯୦୦୦ ରନ୍ କ୍ଲବ୍‌ରେ କୋହଲି

**ବେଙ୍ଗାଲୁରୁ, ୧୯।୧୦:** ନ୍ୟୁଜିଲାଣ୍ଡ୍ ବିପକ୍ଷ ପ୍ରଥମ ଟେଷ୍ଟ୍‌ର ପ୍ରଥମ ପାଳିରେ ମାତ୍ର ୪୬ ରନ୍ କରିଥିବା ଭାରତୀୟ ଦଳ ୩୫୬ ରନ୍ ପଛୁଆ ରହିଥିଲା। ତଥାପି ରୋହିତ ଶର୍ମାଙ୍କ ଦଳ ଦ୍ୱିତୀୟ ପାଳିରେ ଭଲ ଲଢ଼ିଛି। ଦ୍ରୁତ ରନ୍ ସଂଗ୍ରହ କରି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ପ୍ରତିପକ୍ଷର ଅଗ୍ରଣୀ ବ୍ୟବଧାନକୁ ୧୨୫ ରନ୍‌କୁ ଖସାଇ ଆଣିଛି। ଶୁକ୍ରବାର ଷ୍ଟମ୍ପ ବେଳକୁ ଭାରତ ଦିନର ଶେଷ ବଲ୍‌ରେ ବିରାଟ କୋହଲିଙ୍କ ୱିକେଟ୍ ହରାଇ ୨୩୧/୩ରେ ପହଞ୍ଚିଛି।

ପ୍ରଥମ ଦିନ ଖେଳକୁ ବର୍ଷା ଧୋଇନେବା ପରେ ଗୁରୁବାର ଦ୍ୱିତୀୟ ଦିବସରେ ବର୍ଷାସିକ୍ତ ପାଳିରେ ଘରୋଇ ଦଳ ମାତ୍ର ୪୬ ରନ୍ କରିଥିଲା। ଶୁକ୍ରବାର ନ୍ୟୁଜିଲାଣ୍ଡ୍ ଏହାର ଅସମାପ୍ତ ପାଳିକୁ ୧୮୦/୩ରୁ ଖେଳିବା ପରେ ଭାରତୀୟ ବୋଲର ନିୟମିତ ବ୍ୟବଧାନରେ ୱିକେଟ୍ ବାହାର କରି ଭ୍ରମଣକାରୀ ଦଳକୁ ଚାପରେ ରଖିଥିଲେ। କିନ୍ତୁ ଭାରତୀୟ ବଂଶୋଦ୍ଭବ ରାଚିନ ରବୀନ୍ଦ୍ର ପୁଣି ଭାରତ ପାଇଁ କଣ୍ଟା ସାଜିଥିଲେ। ଟିମ୍ ସାଉଦି (୭୩ ବଲ୍‌ରୁ ୬୫ ରନ୍)ଙ୍କ ସହ ମିଶି ରାଚିନ ରବୀନ୍ଦ୍ର (୧୫୭ ବଲ୍‌ରୁ ୧୩୪ ରନ୍) ଅଷ୍ଟମ ୱିକେଟ୍ ଭାଗୀଦାରିରେ ୧୩୭ ରନ୍ ଯୋଡ଼ିବା ନିର୍ଣ୍ଣାୟକ ହୋଇଥିଲା। ରାଚିନଙ୍କୁ ଆଉଟ୍ କରି କୁଲଦୀପ ନ୍ୟୁଜିଲାଣ୍ଡ ପାଳିକୁ ୪୦୨ରେ ଶେଷ କରିଥିଲେ। ଦୁଇ ବାମହାତୀ ସ୍ପିନର୍ କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡ଼େଜା ପ୍ରତ୍ୟେକ ୩ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ଭାରତୀୟ ବ୍ୟାଟର୍ ବିରାଟ କୋହଲି ଶୁକ୍ରବାର ନୂଆ ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି।




ନ୍ୟୁଜିଲାଣ୍ଡ ବିପକ୍ଷ ବେଙ୍ଗାଲୁରୁ ଟେଷ୍ଟ୍‌ରେ ସେ ୯୦୦୦ ଟେଷ୍ଟ୍ ରନ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏହି କ୍ଲବ୍‌ରେ ସାମିଲ ହେବାରେ କୋହଲି ଚତୁର୍ଥ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ଭାରତର ସୁନିଲ ଗାଭାସ୍କର (୧୦୧୨୨), ସଚିନ ତେନ୍ଦୁଲକର (୧୫୯୨୧) ଓ ରାହୁଲ ଦ୍ରାବିଡ଼ (୧୩୬୨୫) ଏହି କ୍ଲବ୍‌ରେ ସାମିଲ ହୋଇଥିଲେ। କୋହଲି ୧୯୭ ପାଳିରେ ୯୦୦୦ ଟେଷ୍ଟ୍ ରନ୍ ପୂର୍ଣ୍ଣ କରିବାରେ ଭାରତର ଚତୁର୍ଥ ଦ୍ରୁତତମ ଏବଂ ମୋଟ ଉପରେ ତ୍ରୟୋଦଶ ହୋଇଛନ୍ତି।

### ପନ୍ତ ବ୍ୟାଟିଂ ଅଭ୍ୟାସ କଲେ

ଗୁରୁବାର କିପିଂ କରୁଥିଲା ବେଳେ ରବୀନ୍ଦ୍ର ଜାଡ଼େଜାଙ୍କ ବଲ୍ ଋଷଭ ପନ୍ତଙ୍କ ଆଣ୍ଠୁରେ ବାଜିଥିଲା। ତାଙ୍କ ଆଣ୍ଠୁରେ ପୂର୍ବରୁ ଅସ୍ତ୍ରୋପଚାର ହୋଇଥିବାରୁ ଏହା ଗମ୍ଭୀର ସ୍ଥିତିକୁ ଚାଲି ଯାଇଥିଲା। ଫଳରେ ସେ ଆଉ କିପିଂ କରି ନଥିଲେ। ଏପରିକି ଶୁକ୍ରବାର ପୂରାଦିନ ସେ ପଡ଼ିଆ ବାହାରେ ରହିଥିଲେ। ତାଙ୍କ ବଦଳରେ ଧ୍ରୁବ ଜୁରେଲ ୱିକେଟ୍‌ରକ୍ଷକ ଦାୟିତ୍ୱରେ ରହିଥିଲେ। ତେବେ ଶୁକ୍ରବାର ପନ୍ତ ବ୍ୟାଟିଂ ଅଭ୍ୟାସ କରିଛନ୍ତି। ତେଣୁ ଶନିବାର ସେ ବ୍ୟାଟିଂ କରିବାର ସମ୍ଭାବନା ରହିଛି। ଯାହା ଭାରତ ପାଇଁ ଖୁସି ଖବର ଆଣିଛି। କାରଣ ବଦଳ ୱିକେଟ୍‌ରକ୍ଷକ ଜୁରେଲଙ୍କୁ ବ୍ୟାଟିଂ ପାଇଁ ଅନୁମତି ମିଳି ନଥାନ୍ତା। ଭାରତ ଦ୍ୱିତୀୟ ପାଳିରେ ବଢ଼ିଆ ଆରମ୍ଭ କରିଥିଲା। ଚା’ପାନ ବିରତି ବେଳକୁ ବିନା କ୍ଷତିରେ ୫୭ ରନ୍ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲା। ଗତ ଭାରତ ଗସ୍ତରେ ୧୦ ୱିକେଟ୍ ସଫଳତା ପାଇଥିବା ବାମହାତୀ ସ୍ପିନର୍ ଏଜାଜ ପଟେଲ୍ କିନ୍ତୁ ଯଶସ୍ୱୀ ଜୟସ୍ୱାଲ (୫୨ ବଲ୍‌ରୁ ୩୫ ରନ୍)ଙ୍କୁ ଷ୍ଟମ୍ପିଂ କରାଇ ଭାରତକୁ ପ୍ରଥମ ଝଟ୍‌କା ଦେଇଥିଲେ। ଏହା ପରେ ରୋହିତ ଶର୍ମା (୬୩ ବଲ୍‌ରୁ ୫୨ ରନ୍) ମଧ୍ୟ ବୋଲ୍ଡ ହୋଇ ଏଜାଜଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହି ସମୟରେ ଚିନ୍ନାସ୍ୱାମୀ ପଡ଼ିଆ ମଝିରେ ଏକାଠି ହୋଇଥିବା ବିରାଟ କୋହଲି ଓ ସର୍ଫରାଜ ଖାନ୍ କିନ୍ତୁ ପ୍ରତି ଆକ୍ରମଣଭରା ଅର୍ଦ୍ଧଶତକ ହାସଲ କରି ଭାରତକୁ ବଡ଼ ଅଗ୍ରଣୀ ଦିଗରେ ବାଟ ଫିଟାଉଥିଲେ। ଦୁର୍ଭାଗ୍ୟଜନକ ଭାବେ କୋହଲି (୧୦୨ ବଲ୍‌ରୁ ୭୦ ରନ୍) ଦିନର ଶେଷ ବଲ୍‌ରେ ଗ୍ଲେନ୍ ଫିଲିପ୍ସଙ୍କ ଦ୍ୱାରା କଟ୍ ବିହାଇଣ୍ଡ୍ ହୋଇ ଫେରିବାରୁ ଆଶା ଓ ଆଶଙ୍କାର ଲୁଚକାଳି ଖେଳ ଆଗକୁ ବଢ଼ିଛି। ଯୁବ ତାରକା ସର୍ଫରାଜ ୭୮ ବଲ୍‌ରୁ ୭୦* ରନ୍ ସଂଗ୍ରହ କରି ବ୍ୟାଟିଂ ଜାରି ରଖିଛନ୍ତି। ପ୍ରଥମ ପାଳିରେ ଭାରତ ବଡ଼ ରନ୍ ବ୍ୟବଧାନର ବୋଝ ବରଣ କରିବା ସତ୍ତ୍ୱେ ସୁନ୍ଦର ଭାବେ ମ୍ୟାଚ୍‌କୁ ନିର୍ଣ୍ଣାୟକ ମୋଡ଼୍‌କୁ ନେଇଥିବାରୁ ପ୍ରଶଂସକ କିଛିଟା ଖୁସି ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର:** ଭାରତ ପ୍ରଥମ ପାଳି: ୪୬ (ଋଷଭ ପନ୍ତ-୨୦, ମ୍ୟାଟ୍ ହେନରି-୫/୧୫, ୱିଲିୟମ୍ ରୁରକୀ-୪/୨୨)। ନ୍ୟୁଜିଲାଣ୍ଡ୍ ପ୍ରଥମ ପାଳି: ୪୦୨ (ରାଚିନ ରବୀନ୍ଦ୍ର-୧୩୪, ଡେଭନ୍ କନୱେ-୯୧, ଟିମ୍ ସାଉଦି-୬୫, ରବୀନ୍ଦ୍ର ଜାଡ଼େଜା-୩/୭୨, କୁଲଦୀପ ଯାଦବ-୩/୯୯, ମହମ୍ମଦ ସିରାଜ-୨/୮୪, ଯଶପ୍ରୀତ୍ ବୁମରା-୧/୪୧, ଆର୍ ଅଶ୍ୱିନ-୧/୯୪)। ଭାରତ ଦ୍ୱିତୀୟ ପାଳି: ୪୯ ଓଭରରେ ୨୩୧/୩ (ବିରାଟ କୋହଲି-୭୦, ସର୍ଫରାଜ ଖାନ୍-୭୦*, ରୋହିତ ଶର୍ମା-୫୨, ଯଶସ୍ୱୀ ଜୟସ୍ୱାଲ-୩୫, ଏଜାଜ ପଟେଲ୍-୨/୭୦, ଗ୍ଲେନ୍ ଫିଲିପ୍ସ-୧/୩୬)।



## ଧୋନୀଙ୍କୁ ପଛରେ ପକାଇ ପନ୍ତ ହେଲେ ‘ନମ୍ବର ୧’

**ନୂଆଦିଲ୍ଲୀ, ୧୯।୧୦:** ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଜବରଦସ୍ତ କମ୍‌ବ୍ୟାକ୍ କରିଛି ଟିମ୍ ଇଣ୍ଡିଆ। ପ୍ରଥମ ଇନିଂସରେ ମାତ୍ର ୪୬ ରନ୍‌ରେ ଅଲଆଉଟ୍ ହେବା ପରେ ଭାରତୀୟ ବ୍ୟାଟ୍ସମ୍ୟାନ୍ ଦ୍ୱିତୀୟ ଇନିଂସରେ ବଡ଼ ଟାର୍ଗେଟ ଦେବାକୁ ଯାଉଛନ୍ତି। ଚତୁର୍ଥ ଦିନ ଲଞ୍ଚ ସୁଦ୍ଧା ମାତ୍ର ୧୨ ରନ୍‌ର ଲିଡ୍ ରହିଥିଲା। ତେବେ ଏହି ପ୍ରଦର୍ଶନରେ ଉଇକେଟକିପର ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତଙ୍କ ପ୍ରମୁଖ ଯୋଗଦାନ ରହିଥିଲା। ସେ ପୁଣିଥରେ ଆବଶ୍ୟକ ବେଳେ ଦଳ ପାଇଁ ଭଲ ଇନିଂସ ଖେଳିବାରେ ସଫଳ ହୋଇଥିଲେ।

ପନ୍ତ ନିଜ ଟେଷ୍ଟ କ୍ୟାରିୟରରେ ୧୨ତମ ଅର୍ଦ୍ଧଶତକ ମାରିଛନ୍ତି। ସେ ସରଫରାଜ ଖାନଙ୍କ ସହ ମିଶି ଟିମ୍ ଇଣ୍ଡିଆକୁ ମଜଭୂତ ସ୍ଥିତିରେ ପହଞ୍ଚାଇଥିଲେ। ଉଭୟଙ୍କ ଭାଗିଦାରିକୁ ନେଇ ପନ୍ତ ସ୍ୱତନ୍ତ୍ର ତାଲିକାରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଛନ୍ତି।

ପନ୍ତ ଏହି ଇନିଂସ ସମୟରେ ନିଜର ୨୫୦୦ ରନ୍ ପୂରଣ କରିଛନ୍ତି। ସେ ଭାରତ ଲାଗି ସବୁଠାରୁ ଦ୍ରୁତ ୨୫୦୦ ରନ୍ କରିଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ୍ ପାଲଟିଛନ୍ତି। ୬୨ ଇନିଂସରେ ସେ ଏହି କାରନାମା କରି ଧୋନୀଙ୍କୁ ପଛରେ ପକାଇଛନ୍ତି। ଧୋନୀ ୬୯ତମ ଇନିଂସରେ ନିଜର ୨୫୦୦ ରନ୍ ପୂରଣ କରିଥିଲେ। ଏହାପୂର୍ବରୁ ପନ୍ତ ଭାରତ ଲାଗି ସବୁଠାରୁ ଦ୍ରୁତ ୫୦୦ ଟେଷ୍ଟ ରନ୍, ୧୦୦୦ ଟେଷ୍ଟ ରନ୍, ୧୫୦୦ ଟେଷ୍ଟ ରନ୍ ଏବଂ ୨୦୦୦ ଟେଷ୍ଟ ରନ୍ କରିଛନ୍ତି।

**ସର୍ବଭାରତୀୟ ସୁପର ସିରିଜ୍ ଟେନିସ୍**

## ଆହାନଙ୍କୁ ତ୍ରିମୁକୁଟ, ଆହନ, ଶାଜଫାଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୧୯।୧୦:** ଏଆଇଟିଏ-ଓଟିଏ ସର୍ବଭାରତୀୟ ସୁପର ସିରିଜ୍ ୧୪ ଓ ୧୬ ବର୍ଷରୁ କମ୍ ର୍ୟାଙ୍କିଂ ଟେନିସ୍ ପ୍ରତିଯୋଗିତା ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଛି। ୧୪ ଓ ୧୬ ବର୍ଷରୁ କମ୍ ବାଳକ ଏକକ ଏବଂ ୧୬ ବର୍ଷରୁ କମ୍ ବାଳକ ଯୁଗଳରେ ଟ୍ରଫି ଜିତି ଆହାନ ମିଶ୍ର ତ୍ରିମୁକୁଟ କରାୟତ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ଫାଇନାଲ୍‌ରେ ସେ ଉତ୍ତରପ୍ରଦେଶର କୌସ୍ତୁଭ ସିଂହଙ୍କୁ ୬-୦, ୬-୦ ସେଟ୍‌ରେ ଏବଂ ୧୬ ବର୍ଷରୁ କମ୍ ଫାଇନାଲ୍‌ରେ କର୍ଣ୍ଣାଟକର ଅଭିବାଦ୍ୟ ମିଶ୍ରାଙ୍କୁ ୬-୩, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ଯୁଗଳରେରେ ଆହାନ ଓ କର୍ଣ୍ଣାଟକର ଅଭିବାଦ୍ୟ ୬-୨, ୬-୧ ସେଟ୍‌ରେ ଓଡ଼ିଶା ଯୋଡ଼ି ଅଂଶୁମାନ ଆଚାର୍ଯ୍ୟ ଓ ସୁତବ୍ୟ କର୍ମକାରଙ୍କୁ ପରାସ୍ତ କରିଥିଲେ। ୧୬ ବର୍ଷରୁ କମ୍ ବାଳିକା ଏକକ ଓ ଯୁଗଳରେ ଓଡ଼ିଶାର ଏକ ନମ୍ବର ଖେଳାଳି ଦ୍ୱିମୁକୁଟ ପାଇଛନ୍ତି। ଜାତୀୟ ପ୍ରତିଯୋଗିତାରେ ଦ୍ୱିମୁକଟ ହାସଲ କରିଥିବା ଆହନ ଏକକରେ ତାମିଲନାଡୁର ଜେମିମା ରେବେକା ଖ୍ରୀଷ୍ଟିନ ଜନ୍‌ଙ୍କୁ ସିଧାସଳଖ ୬-୦, ୬-୦ ସେଟ୍‌ରେ ଏବଂ ଯୁଗଳରେ ସେ ଓ ତାଙ୍କ ସାଥୀ ଶାଜଫା ସେଖ୍ ୬-୧, ୬-୪ ସେଟ୍‌ରେ ପଶ୍ଚିମବଙ୍ଗର ସୁଦୀକ୍ଷା ବାନାର୍ଜୀ ଓ ତାମିଲନାଡୁର ରେବେକାଙ୍କୁ ହରାଇଥିଲେ। ୧୪ ବର୍ଷରୁ କମ୍ ବାଳିକା ଫାଇନାଲ୍‌ରେ ଦୁଇ ଓଡ଼ିଆ ଝିଅ ଖେଳି ଓଡ଼ିଶାକୁ ୧-୨ ସଫଳତା ଦେଇଛନ୍ତି। ଶାଜଫା ୪-୬, ୬-୩, ୬-୨ ସେଟ୍‌ରେ ଚତୁର୍ଥ ମାନ୍ୟତାପ୍ରାପ୍ତ ସଂରଚନା ଦାସଙ୍କୁ ହରାଇ ଟ୍ରଫି ହାତେଇଛନ୍ତି। ଏଥିସହ ଶାଜଫା ମଧ୍ୟ ଦ୍ୱିମୁକୁଟ ସଫଳତା ପାଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ଯୁଗଳରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଦିଲ୍ଲୀର ଅର୍ଶ କାଠୁରିଆ ଓ ଆସାମର ଚାନ୍ଦୋଗ୍ୟ ତ୍ରିଦେବ ପାଠକ ୭-୫, ୬-୩ ସେଟ୍‌ରେ କର୍ଣ୍ଣାଟକର ଯଶ କୁମାର ଓ ଉତ୍ତରପ୍ରଦେଶର କୌସ୍ତୁଭ ସିଂହଙ୍କୁ ମାତ୍ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଓଟିଏର ଯୁଗ୍ମ ସମ୍ପାଦକ ତଥା ପ୍ରତିଯୋଗିତା ନିର୍ଦ୍ଦେଶକ ସଂଜୀବ ପଣ୍ଡା, ଓଟିଏ ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ଓ ଏଆଇଟିଏ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ।




## ରଣଜୀ ପଦାର୍ପଣରେ ସୁମିତଙ୍କୁ ୫ ୱିକେଟ୍




**ଭୁବନେଶ୍ୱର/କଟକ, ୧୯।୧୦:** ବୟସ ଜାଲିଆତି ମାମଲାରେ ଫସି ଗତ ଋତୁରେ ବାସନ୍ଦ ହୋଇଥିବା ବାମହାତୀ ସ୍ପିନର ସୁମିତ ଶର୍ମା ରଣଜୀ ପଦାର୍ପଣରେ ଚମକ ଦେଖାଇଛନ୍ତି। ଓଡ଼ିଶାର ଷଷ୍ଠ ବୋଲର୍ ଭାବେ ପଦାର୍ପଣ ମ୍ୟାଚ୍‌ରେ ୫ ୱିକେଟ୍ ସଫଳତା ପାଇ ବିରଳ କ୍ଲବ୍‌ରେ ସାମିଲ୍ ହୋଇଛନ୍ତି। ଜମ୍ମୁ କାଶ୍ମୀର ବିପକ୍ଷରେ ବାରବାଟୀ ଷ୍ଟାଡିୟମ୍‌ରେ ଶୁକ୍ରବାରଠୁ ଆରମ୍ଭ ହୋଇଥିବା ରଣଜୀ ମ୍ୟାଚ୍‌ର ପ୍ରଥମ ଦିନରେ ସୁମିତ (୧୭-୪-୭୯-୫) ବୋଲିଂ ସଫଳତା ପାଇଥିଲେ। ସେ ଶତକ ଅର୍ଜନକାରୀ ଅବଦୁଲ ସମଦ (୧୨୭)ଙ୍କ ୱିକେଟ୍ ମଧ୍ୟ ନେଇଥିଲେ। ଏପରିକି ପଦାର୍ପଣରେ ଏହି ସଫଳତା ପାଇବାରେ ବାମମତୀ ସ୍ପିନର ଧୀରାଜ ସିଂହଙ୍କ ପରେ ଦ୍ୱିତୀୟ ସ୍ପିନର ହୋଇଛନ୍ତି। ତାଙ୍କ ପୂର୍ବରୁ ଦେବାଶିଷ ମହାନ୍ତି, ଦୀପକ ମଙ୍ଗରାଜ, ବସନ୍ତ ମହାନ୍ତି ଓ ସୁନୀଲ ରାଉଳ ପଦାର୍ପଣ ରଣଜୀ ମ୍ୟାଚ୍‌ରେ ୫ ୱିକେଟ୍ ସଫଳତା ପାଇଛନ୍ତି।

ଜମ୍ମୁ କାଶ୍ମୀର ଟସ୍ ଜିତି ବ୍ୟାଟିଂ କରିଥିଲା ବେଳେ ଘରୋଇ ଦଳକୁ ଆରମ୍ଭରୁ ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୁମିତ ପ୍ରାରମ୍ଭିକ ସଫଳତା ଦେଇଥିଲେ। ତୃତୀୟ ଓଭରରେ ଅଭିନବ ପୁରୀ (୬)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ରାଜେଶ ନିଜ ୱିକେଟ୍ ଖାତା ଖୋଲିଥିଲା ବେଳେ ଷଷ୍ଠ ଓଭରରେ ଗତ ମ୍ୟାଚ୍‌ର ଦ୍ୱିଶତକ ଅର୍ଜନକାରୀ ଶୁଭମ୍ ଖଜୁରିଆ (୭)ଙ୍କୁ ସୁଇଂରେ ପରାସ୍ତ କରି ସୂର୍ଯ୍ୟକାନ୍ତ କଟ୍ ବିହାଇଣ୍ଡ କରିଥିଲେ। ଅବଦୁଲଙ୍କ ସହ ବଡ଼ ଭାଗୀଦାରି ଗଢ଼ିବା ପୂର୍ବରୁ ଶୁଭମ୍ ପୁନ୍ଦିର୍‌ଙ୍କୁ ସୁମିତ ପାଭିଲିଅନ୍ ପଠାଇଥିଲେ। ମଧ୍ୟାହ୍ନଭୋଜନ ପୂର୍ବରୁ ଅଧିନାୟକ ପାରସ୍ ଡୋଗ୍ରାଙ୍କୁ ବୋଲ୍ଡ କରି ସୁମିତ ଦ୍ୱିତୀୟ ୱିକେଟ୍ ପାଇଥିଲେ। କିନ୍ତୁ ଏହାପରେ ଅବଦୁଲ୍‌ଙ୍କ ସହ ସାହିଲ ଲୋଟ୍‌ରା ଓଡ଼ିଶା ବୋଲର୍‌ରୁ ଆଉ ସୁଯୋଗ ନଦେଇ ରନ୍ ବଢ଼ାଇ ଚାଲିଥିଲେ। ତେବେ ଗୋବିନ୍ଦ ପୋଦ୍ଦାର ବାରମ୍ବାର ଉଭୟ ବ୍ୟାଟର୍‌ଙ୍କୁ ଅସୁବିଧାରେ ପକାଉଥିବାରୁ ସ୍ପିନର୍‌ଙ୍କୁ ଆକ୍ରମଣାତ୍ମକ ଖେଳିବାକୁ ବ୍ୟାଟର୍ ଦ୍ୱୟ ମନସ୍ଥ କରିଥିଲେ।

ଫଳରେ ସମଦ୍ ଦ୍ରୁତ ଭାବେ ରନ୍ ସଂଗ୍ରହ କରିବାକୁ ଯାଇ ଗୋବିନ୍ଦ ଓ ସୁମିତଙ୍କୁ ଚୌକା, ଛକା ପ୍ରହାର କରିଥିଲେ। ୯୧ ରନ୍ କରିଥିଲା ବେଳେ ଅବଦୁଲ୍‌ଙ୍କୁ ଆଉଟ୍ କରିବାକୁ ଗୋବିନ୍ଦ ସୁବର୍ଣ୍ଣ ସୁଯୋଗ ପାଇଥିଲେ ମଧ୍ୟ ବାଉଣ୍ଡରି ନିକଟରେ ଦେବବ୍ରତ ପ୍ରଧାନ କ୍ୟାଚ୍ ହାତଛଡ଼ା କରିବାରୁ ସେ ଶତକ ଅର୍ଜନ କରିପାରିଥିଲେ। ଚା’ପାନ ବିରତି ପୂର୍ବରୁ ବୋଲିଂରେ ପରିବର୍ତ୍ତନ କରାଯାଇ ସୂର୍ଯ୍ୟକୁମାରଙ୍କୁ ଅଣାଯାଇଥିଲା ବେଳେ ସେ ସାହିଲ୍ (୩୯)ଙ୍କୁ ବୋଲ୍ଡ କରିବାରୁ ଯୋଡ଼ି ଭାଙ୍ଗିଥିଲା। କିନ୍ତୁ ସେତେବେଳକୁ ଅବଦୁଲ୍-ସାହିଲ ମହତ୍ୱପୂର୍ଣ୍ଣ ୧୩୧ ରନ୍ ଭାଗୀଦାରି ଗଢ଼ି ଦଳକୁ ୨୦୦ ନିକଟତର କରାଇଥିଲେ। ତେବେ ବିରତି ପରେ ସୁମିତ୍‌ଙ୍କୁ ଛକା ମାରିବାକୁ ଯାଇ ଅବଦୁଲ୍ ଏଥର ବାଉଣ୍ଡରିରେ ଅନୁରାଗ ଷଡ଼ଙ୍ଗୀଙ୍କ ହାତରେ ଧରାପଡ଼ିଯାଇଥିଲେ। ଆଉଟ୍ ହେବା ବେଳକୁ ଅବଦୁଲ୍ ୧୧୭ ବଲ୍‌ରୁ ୬ ଚୌକା ଓ ୯ ବିଶାଳ ଛକା ସହାୟତାରେ ବ୍ୟକ୍ତିଗତ ଶ୍ରେଷ୍ଠଠୁ ୧ ରନ୍ ଦୂରରେ ଥାଇ ଆଉଟ୍ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ୱେତାଶ୍ରୀ...

ଆବେଦନ କରିଥିଲେ। ଏହା ମଧ୍ୟରୁ ୪୦୫୮୬ (୧୪୮୫୨-ମହିଳା) ପ୍ରାରମ୍ଭିକ ପରୀକ୍ଷା ଦେଇଥିଲେ। ଏଥିରେ ୮୨୨୦ (୨୭୩୦-ମହିଳା) ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିଲେ। ମେନ ପରୀକ୍ଷାରେ ୬୬୩୯ (୨୩୩୭-ମହିଳା) ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରୁ ୧୩୬୭ (୪୯୩-ମହିଳା) ପ୍ରାର୍ଥୀଙ୍କୁ ଦସ୍ତାବିଜ ଯାଞ୍ଚ ଏବଂ ସାକ୍ଷାତକାର ପରୀକ୍ଷା ପାଇଁ କଟକ ସ୍ଥିତ ଓଡ଼ିଶା ଲୋକସେବା ଆୟୋଗର କାର୍ଯ୍ୟାଳୟକୁ ଡକାଯାଇଥିଲା।

**ବାସୁଦେବପୁରର ଗୌରବ ଶ୍ୱେତାଶ୍ରୀ**

ଓଡ଼ିଶା ପ୍ରଶାସନିକ ସେବାରେ ଟପ୍ପର ହୋଇଥିବା ଶ୍ୱେତାଶ୍ରୀ ମହାପାତ୍ର ବାସୁଦେବପୁର ବ୍ଲକ ପାଇଁ ଗୌରବ ଆଣିଦେଇଛନ୍ତି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ଲୁଙ୍ଗା ପଞ୍ଚାୟତର ଉରୁଣିଆ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ମହାପାତ୍ର ଓ ମାଆ ଶିକ୍ଷୟିତ୍ରୀ ସୁବାସିନୀ ନାୟକଙ୍କ ଦ୍ୱିତୀୟ କନ୍ୟା। ସେ ଇଲେକ୍ଟ୍ରୋନିକ୍ ଏଣ୍ଡ ଟେଲିକମ୍ୟୁନିକେସନ ଏମ୍ ଟେକ୍ କରିଛନ୍ତି। ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଟପ୍ପର ହେବା ଖବର ପାଇ ତାଙ୍କ ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ଶ୍ୱେତାଶ୍ରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ବାସୁଦେବପୁର ବ୍ଲକର ନରସିଂହପୁର ପଞ୍ଚାୟତର କାଳିଦାସପୁର ଅଞ୍ଚଳର ପୁଅ ହୃଷିକେଶ ପଣ୍ଡା ସର୍ବଭାରତୀୟ ସ୍ତରରେ ଆଇଏଏସ ଟପ୍ପର ହୋଇ ବାସୁଦେବପୁର ବ୍ଲକକୁ ଗୌରବାନ୍ୱିତ କରିଥିଲେ। ଦୀର୍ଘ ବର୍ଷର ବ୍ୟବଧାନ ପରେ ଶ୍ୱେତାଶ୍ରୀ ବାସୁଦେବପୁର ପାଇଁ ଗୌରବ ଆଣିଛନ୍ତି।

**ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଓସିଏସ୍‌ରେ କୃତିତ୍ୱ ହାସଲ କରିଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ‘ଏକ୍ସ’ ହ୍ୟାଣ୍ଡେଲରେ ଲେଖିଛନ୍ତି, ଆଗାମୀ ଦିନରେ ସରକାରଙ୍କ ଜଣେ ପ୍ରତିନିଧି ଭାବେ ଲୋକଙ୍କ ଅଧିକାରକୁ ଗୁରୁତ୍ୱ ଦେବା ସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଶେଷ ସୋପାନରେ ପହଞ୍ଚାଇବା ପାଇଁ ସମସ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

### ମୋହନ ମ୍ୟାଜିକ୍...

ଗ୍ରୁପର ଚେୟାରମ୍ୟାନ୍, ସିଇଓ ଓ ନିର୍ଦ୍ଦେଶକମାନେ ବି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ସେହିପରି ଶୁକ୍ରବାର ବେଦାନ୍ତର ଅଧ୍ୟକ୍ଷ ଅନିଲ୍ ଅଗ୍ରୱାଲ୍, ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଲକ୍ଷ୍ମୀ ଅର୍ଗାନିକ୍ ଇଣ୍ଡଷ୍ଟ୍ରିଜର ପରିଚାଳନା ନିର୍ଦ୍ଦେଶକ ରବି ଗୋଏଙ୍କା, ୱେଲସ୍ପନ୍ କମ୍ପାନୀର ବିଜୟ ଗୋଏଙ୍କା, ବାଲକ୍ରିଷ୍ଣ ଗୋଏଙ୍କା ସେହିପରି ଜିଓ ପ୍ଲାଟଫର୍ମ ଲିମିଟେଡ୍ ଏବଂ ରିଲାଏନ୍ସ ନ୍ୟୁ ସୋଲାର ଏନର୍ଜି ଲିମିଟେଡର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଓଡ଼ିଶାରେ ନିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିଳାନ୍ୟାସ ପାଇଁ ଆଗ୍ରହ ପ୍ରକାଶ କରିଛି ଆଦିତ୍ୟ ବିର୍ଲା ଗ୍ରୁପ୍। ପ୍ରାୟ ୩୪ ହଜାର କୋଟି ନିବେଶ କରିବ ହିଣ୍ଡାଲ୍ କୋ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହିତ ଆଲୋଚନା ବେଳେ ବିର୍ଲା ଗ୍ରୁପ ଅଧ୍ୟକ୍ଷ ଓ ହିଣ୍ଡାଲ୍ କୋ ପରିଚାଳନା ନିର୍ଦ୍ଦେଶକ କୁମାର ମଙ୍ଗଳମ ବିର୍ଲା ଏହା କହିଛନ୍ତି। ଓଡ଼ିଶାର ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିରେ ସାମିଲ୍ ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରାୟଗଡ଼ା, ସମ୍ବଲପୁର, ହୀରାକୁଦରେ ଏକାଧିକ ପ୍ଲାଣ୍ଟ ପାଇଁ ଆଲୋଚନା ହୋଇଛି। ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭ ୨୦୨୫ ପ୍ରସ୍ତୁତି କ୍ରମେ ଆଜି ମୁମ୍ବାଇରେ ନିବେଶକଙ୍କ ସହ ରୋଡ୍ ସୋ କରିଛନ୍ତି ଓଡ଼ିଶା ସରକାର।

### ବୁଝିଗଲେ ଚାଲାକ...

ଏଭଳି କାଣ୍ଡକୁ ଅପରିପକ୍ୱତାର ପରିଚୟ ବୋଲି ଦର୍ଶାଇ ଏଭଳି ଆଚରଣ ବିଜେପିକୁ ବୁଡାଇଦେବ ବୋଲି ଦର୍ଶାଯାଇଥିଲା। ବାସ୍ତବତା କ’ଣ ବୁଝିବାପରେ ଲିକୁ ଅତି ଚତୁରତାର ସହ ଭିଡିଓ ଜାରି କରି ନିଜ ଆହୂତ ଏଭଳି କାଣ୍ଡକୁ ନିନ୍ଦା କରିଛନ୍ତି। ସମର୍ଥକମାନଙ୍କୁ ଏଭଳି ନକରିବାପାଇଁ କହିଛନ୍ତି। କାରଣ ଲିକୁ ବୁଝି ପାରିଛନ୍ତି ଯେ ଅଣ୍ଡାମାଡ କରି କେହି ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିବ ନାହିଁ। ଧର୍ମଶାଳାର ଲୋକଙ୍କ ହୃଦୟ ଜିତିବାକୁ ହେଲେ ବିକାଶର ରାସ୍ତାକୁ ବାଛିବାକୁ ପଡ଼ିବ। ଲୋକଙ୍କ ପାଇଁ କାମ କଲେ ସେମାନେ ଛାଏଁ ଛାଏଁ ପୂର୍ବର ଅକର୍ମା ଓ ଲୁଟିଖିଆମାନଙ୍କୁ ବିରୋଧ କରିବେ। ଅତୀତର କଂଗ୍ରେସିଆମାନେ ଅଣ୍ଡାମାଡ ତତ୍ତ୍ୱକୁ ଆପଣାଇ କୌଣସି ଲାଭ ପାଇନାହାନ୍ତି। ଓଲଟା ଅଣ୍ଡାମାଡ ପାଇଁ ହତ୍ୟା ଅଭିଯୋଗର ଦଫା ସେମାନଙ୍କ ମୁଣ୍ଡରେ ଲାଗିଛି। ଅଣ୍ଡାମାଡ ସଂସ୍କୃତିକୁ ବିଜେପି ସବୁବେଳେ ବିରୋଧ କରି ଆସୁଥିବାବେଳେ ବିଜେପିର ସହଯୋଗୀ ସଦସ୍ୟଙ୍କ ଅଣ୍ଡାମାଡକୁ ମଧ୍ୟ ବିଜେପି କୌଣସି ସ୍ଥିତିରେ ଗ୍ରହଣ କରିପାରିବ ନାହିଁ। ଏହା ବୁଝିବାପରେ ଲିକୁ ଏବେ ଅଣ୍ଡାମାଡ ନିଜେ ନିନ୍ଦା କରିବା ସହିତ ଏହାକୁ ବିରୋଧ କରିଛନ୍ତି। ତେଣୁ ଲିକୁଙ୍କର ଏଭଳି ପରିପକ୍ୱ ରାଜନୀତି ଆଗାମୀ ଦିନରେ ଧର୍ମଶାଳା ବିକାଶର ଇଞ୍ଜିନକୁ ଅଧିକ ଶକ୍ତିଦେଇ ଆଗକୁ ନେବ ବୋଲି ଆଲୋଚନା ଆରମ୍ଭ ହୋଇଛି।

### ୨୩ରୁ ବର୍ଷା...

୨୫ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। କିନ୍ତୁ ଏଯାଏଁ ବାତ୍ୟା ଉପରେ କୌଣସି ଆକଳନ କରାଯାଇ ନ ଥିବାବେଳେ ଲଘୁଚାପ ସୃଷ୍ଟି ହେବା ପରେ ହିଁ ଚିତ୍ର ସ୍ପଷ୍ଟହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଲଘୁଚାପ ପ୍ରଭାବରେ ୨୧ରୁ ଅଶାନ୍ତ ରହିବ ସମୁଦ୍ର। ୨୧ ସୁଦ୍ଧା ମତ୍ସଜୀବୀଙ୍କୁ ସମୁଦ୍ର ମଧ୍ୟରୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ୨୨ ରୁ ୨୪ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ୨୧ ତାରିଖ ବେଳକୁ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର। ଯାହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ୨୩ ତାରିଖରେ ଅବପାତର ରୂପ ନେବ। ୨୩ ତାରିଖ ବେଳକୁ ସମୁଦ୍ର ମଧ୍ୟରେ ପବନର ବେଗ ରହିବ ଘଣ୍ଟାପ୍ରତି ୪୫ରୁ ୫୦ କିଲୋମିଟର। ୨୫ ତାରିଖ ମଧ୍ୟରେ ଉପକୂଳ ଓଡ଼ିଶାରେ ହେବ ବର୍ଷା। ଲଘୁଚାପର ପ୍ରଭାବ ଉତ୍ତର ଆନ୍ଧ୍ର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପରେ ରହିବ। ବାତ୍ୟା ସଂପର୍କରେ ଏଯାଏଁ ସେଭଳି କୌଣସି ପୂର୍ବାନୁମାନ କରାଯାଇ ନ ଥିବାବେଳେ ଯେହେତୁ ଏବେ ବାତ୍ୟା ପ୍ରବଣ ମାସ, ତେଣୁ ଆସନ୍ତା ୨୧ ତାରିଖରେ ଲଘୁଚାପ ସୃଷ୍ଟି ହେଲା ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବାତ୍ୟା ପ୍ରବଣ ଅକ୍ଟୋବର ମାସରେ ବଦଳୁଥିବା ଓଡ଼ିଶାର ପାଣି ପବନର ସ୍ଥିତି ଓ କିଛି ବିଦେଶୀ ମଡେଲ୍‌ର ପୂର୍ବାନୁମାନ ଶଙ୍କା ବଢ଼ାଉଛି। ୟୁରୋପିଆନ୍ ସେଣ୍ଟର ଫର ମିଡ଼ିୟମ୍ ରେଞ୍ଜ ୱେଦର୍ ଫୋରକାଷ୍ଟ (ଇସିଏମ୍‌ଡବ୍ଲ୍ୟୁଏଫ୍) ଓ ଜର୍ମାନୀର ପାଣିପାଗ ସଂସ୍ଥା ଆଇସିଓଏନ୍‌ର ପୂର୍ବାନୁମାନ, ଆସନ୍ତା ୨୪ରେ ଏହା ଓଡ଼ିଶା ଉପକୂଳ ବିଶେଷ କରି ପୁରୀ କିମ୍ବା ଗୋପାଳପୁରରେ ସ୍ଥଳଭାଗ ଛୁଇଁବ। କିନ୍ତୁ ଗ୍ଲୋବାଲ୍ ଫୋରକାଷ୍ଟର ଆକଳନ ଅନୁଯାୟୀ, ଲଘୁଚାପ କ୍ରମେ ଅବପାତର ରୂପ ନେବା ପରେ ବଙ୍ଗୋପସାଗରରେ ବଳ ଗୋଟାଇ ୨୪ ବେଳକୁ ପଶ୍ଚିମବଙ୍ଗ ମୁହାଁ ହୋଇ ସୁନ୍ଦରବନ ଅଞ୍ଚଳରେ ସ୍ଥଳଭାଗ ଛୁଇଁବ। ପାଣିପାଗ ବିଶେଷଜ୍ଞଙ୍କ ମତ, ଆସନ୍ତା ୨୨ ତାରିଖ ବେଳକୁ ହିଁ ବାତ୍ୟାର ବାସ୍ତବିକ ଚିତ୍ର ସାମ୍ନାକୁ ଆସିବ। ଯଦି ବି ବାତ୍ୟା ହୁଏ, ତେବେ ଓଡ଼ିଶାରେ ପ୍ରଭାବ ରହିବ।

### ପୂର୍ବତନ ବିଧାୟକ...

ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୨୦୧୯ ରୁ ୨୦୨୩ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଭାବେ ଦାୟିତ୍ୱ ତୁଲାଇ ଥିଲେ । ଉତ୍କଳ କେଶରୀ ପରିଡାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି । ଉତ୍କଳ କେଶରୀ ପରିଡ଼ାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୋକ ପ୍ରକାଶ କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସେ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରି ଲୋକଙ୍କ ସେବା ଓ ଉନ୍ନତି ଦିଗରେ ତାଙ୍କର କାର୍ଯ୍ୟ ସ୍ମରଣୀୟ ରହିବ ବୋଲି କହିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ପ୍ରମୁଖ ପୂର୍ବତନ ବିଧାୟକଙ୍କ ମୃତ୍ୟୁରେ ଶୋକପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଛନ୍ତି।

### ଗୋପବନ୍ଧୁଙ୍କ ...

ରଖାଯାଇଛି। ଗୋପବନ୍ଧୁଙ୍କ ସମାଜ ଅନୁଷ୍ଠାନ ଖବରକାଗଜ ପାଇଁ ଯେତିକି ଚର୍ଚ୍ଚିତ ତାହାର ସେବା କାର୍ଯ୍ୟ ପାଇଁ ସେତିକି ପ୍ରଶଂସିତ । ରାଜ୍ୟ ଭିତରେ ଓ ବାହାରେ ବର୍ଷସାରା ତାହାର ସେବା କାର୍ଯ୍ୟ ଜାରି ରହିଥାଏ । ଚତୁର୍ଦ୍ଧା ଫାଉଣ୍ଡେସନ ସହ ଯୋଡି ହେବାକୁ ଥିବା ଦୁଇ ମିଡିଆ ହାଉସ୍ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କରିବେ। ଚତୁର୍ଦ୍ଧା ଫାଉଣ୍ଡେସନ ସମ୍ପୂର୍ଣ୍ଣ ଭାବେ ଏକ ଟ୍ରଷ୍ଟ ଭଳି କାମ କରିବ ଏବଂ କମ୍ପାନୀ ନିୟମ ଅନୁଯାୟୀ ଏଥିରେ ୧୪ ଜଣ ସଦସ୍ୟ ରହିବେ। ବୋର୍ଡ ଅଫ ଗଭର୍ଣ୍ଣସ ମଧ୍ୟ ରହିବେ, ଯେଉଁମାନେ ପ୍ରତି ଦୁଇ ବର୍ଷରେ ଥରେ ଟ୍ରଷ୍ଟର ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ। କିନ୍ତୁ ଏହି ଫାଉଣ୍ଡେସନକୁ ନେଇ କିଛି ବ୍ୟକ୍ତି ସୋସିଆଲ ମିଡିଆରେ ଭିନ୍ନ ଚର୍ଚ୍ଚା କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ଭାବେ ଅମୂଳକ ବୋଲି ବିଜେଡିର ଜଣେ ବରିଷ୍ଠ ନେତା କହିଛନ୍ତି। ଚତୁର୍ଦ୍ଧା ଫାଉଣ୍ଡେସନ ବାବଦରେ ହେଉଥିବା ଅପପ୍ରଚାର ଆଦୌ ତଥ୍ୟ ଭିତ୍ତିକ ନୁହେଁ, ବରଂ ଫାଉଣ୍ଡେସନ ଗଠନକୁ କିଛି ରାଜନୈତିକ ବ୍ୟକ୍ତିବିଶେଷ ଭିନ୍ନ ଢଙ୍ଗରେ ଚିତ୍ରିତ କରି ବିଜେଡିକୁ ବଦନାମ କରିବାକୁ ଅପଚେଷ୍ଟା କରୁଥିବା ସେ ଅଭିଯୋଗ କରିଛନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ଅପପ୍ରଚାରରେ ପ୍ରଭାବିତ ନହୋଇ ବିଜେଡିର ସେବା ଆଭିମୁଖ୍ୟକୁ ସମ୍ମାନ ଦେବାକୁ ସେ ଅପିଲ କରିଛନ୍ତି।

### ଗରିବ...

ହସ୍ତକ୍ଷେପ ଓ ବଡ଼ ସାହେବ ଙ୍କ ସହ ସମ୍ପର୍କ ପାଇଁ କାର୍ଯ୍ୟାନୁଷ୍ଠାନ ପାଇଁ ଡରୁଛି ଟ୍ରାଫିକ ।

କେବଳ କ୍ୟାପିଟାଲ ହସ୍ପିଟାଲ ନୁହେଁ, ବରଂ ଘାଟିକିଆ ସ୍ଥିତ ମଣିପାଲ ହସ୍ପିଟାଲ, ରବି ଟକିଜ ଶ୍ରୀ ହସ୍ପିଟାଲ, ସମନ୍ତରାପୁର ସ୍ଥିତ ସଂଜୀବନି ହସ୍ପିଟାଲ, ଲକ୍ଷ୍ମୀସାଗର ଛକରେ ସନସାଇନ ହସ୍ପିଟାଲ ସମ୍ମୁଖ କଥା ନକହିବା ଭଲ । ରୋଗୀସେବା ନାଁ ରେ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ହେଲେ ସାମାନ୍ୟ ପାର୍କିଂର ଆବଶ୍ୟକୀୟ ବ୍ୟବସ୍ଥା କରିନାହାନ୍ତି। ଆଉ ଯେଉଁମାନେ କରୁଛନ୍ତି, ତାହା କେବଳ ଲୋକ ଦେଖାଣିଆ । କେବଳ ପ୍ରାଇଭେଟ ହସ୍ପିଟାଲ ନୁହେଁ । କୋର୍ଟ ସାମ୍ନାରେ ମଧ୍ୟ ଗାଡି ପାର୍କିଂ ଯୋଗୁଁ ଅସମ୍ଭାଳ ଟ୍ରାଫିକ ଅସୁବିଧା ହେଉଛି । କିନ୍ତୁ ନିୟମ କାନୁନ ର ପାଠ ପଢ଼ାଉଥିବା ଟ୍ରାଫିକ ପୋଲିସ ଏସବୁ ସ୍ଥାନରେ ଅଜ୍ଞାନୀ ରହିବା ଘଟଣା କମିଶନରେଟ ପୋଲିସର ପାରିବାପଣିଆ ପ୍ରତି ସୃଷ୍ଟି କରିଛି ପ୍ରଶ୍ନବାଚୀ ।

### ବିଜେପି ବିଜୟର...

ନେତାଙ୍କୁ ମଧ୍ୟ ଉତ୍ସାହିତ କରିଥିଲା ଏବଂ ସେମାନେ ପୂର୍ଣ୍ଣ ସାମର୍ଥ୍ୟ ସହ ଲଢ଼ିବାକୁ ରାଜ୍ୟ ବିଜେପିକୁ ସବୁଜ ସଙ୍କେତ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟର ସଂସ୍କୃତି ଓ ପରିଚୟକୁ ନେଇ ଲଢ଼ିଥିଲା ବିଜେପି । ଓଡିଆ ଅସ୍ମିତା ପାଇଁ ଲଢ଼ିଲା ବିଜେପି ଏବଂ ଏହାର ଫଳ ମଧ୍ୟ ପାଇଲା ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ।

ସେହିଭଳି ଗତ ୨୪ ବର୍ଷର ବିଜେଡି ଶାସନରେ ଯେଉଁଭଳି ଭ୍ରଷ୍ଟାଚାର ଓ କୁଶାସନ ବଢ଼ିଯାଇଥିଲା ସେଥିରେ ଅତିଷ୍ଠ ହୋଇପଡିଥିଲେ ରାଜ୍ୟବାସୀ। ରାଜ୍ୟର ଶାସନ ବ୍ୟବସ୍ଥାରେ ରାଜନେତାମାନେ ଗୌଣ ହୋଇଗଲେ ଏବଂ କିଛି ମୁଷ୍ଟିମେୟ ପ୍ରଶାସକଙ୍କ ହାତରେ ରହିଲା ସବୁ କ୍ଷମତା । ପ୍ରଶାସକଙ୍କ ପାଖ ପଶିପାରିଲେନି ସାଧାରଣ ଲୋକେ । ଏଭଳି ଶାସନ ବ୍ୟବସ୍ଥାକୁ ଗ୍ରହଣ କରିବା ସ୍ଥିତିରେ ନଥିଲେ ସ୍ୱାଭିମାନୀ ଓଡିଆ। ସେମାନେ ବିକଳ୍ପ ଖୋଜୁଥିବା ବେଳେ ବିଜେପି ସେମାନଙ୍କୁ ଏଥିପାଇଁ ଲୋକଭିମୁଖୀ ସରକାରର ପ୍ରତିଶ୍ରୁତି ଦେଇଥିଲା। ଓଡିଆ ଭୋଟର ମଧ୍ୟ ସତେ ଯେମିତି ଏଭଳି ଏକ ବିକଳ୍ପକୁ ଅନେଇ ବସିଥିଲେ, ଆଉ ସେମାନେ ନିଜର ସବୁ ଭଲପାଇବା ବିଜେପି ଉପରେ ଅଜାଡି ଦେଇଥିଲେ ବୋଲି କହିଛନ୍ତି ଧର୍ମେନ୍ଦ୍ର।

### ଏବେ ବିକଶିତ...

ସରକାରଙ୍କ ଆଭିମୁଖ୍ୟ ଯୋଗୁଁ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ନିର୍ବାଚିତ ପ୍ରତିନିଧିମାନଙ୍କୁ ଗାଁ ଗାଁରେ ସଶକ୍ତ କରିବେ ବୋଲି ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

SANCHAR
ସଂଚାର
ରବିବାର ୨୦ ଅକ୍ଟୋବର ୨୦୨୪ ଭୁବନେଶ୍ୱର


आକର୍ଷଣ ହରାଉଛି ବ୍ରହ୍ମପୁର

# ଅବହେଳିତ ଅବସ୍ଥାରେ ସୌନ୍ଦର୍ଯ୍ୟସ୍ଥଳୀ

**ବ୍ରହ୍ମପୁର, ୧୯।୧୦ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ସହରକୁ ଆହୁରି ଆକର୍ଷଣୀୟ କରିବା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଗତ ଦିନରେ ଅନେକ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏହାରି ଭିତରେ ସବୁଠୁ ଚର୍ଚ୍ଚାରେ ରହିଥିଲା 'ଆଇ ଲଭ୍ ବ୍ରହ୍ମପୁର'। ଯାହା ସହରବାସୀଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ରଙ୍ଗବେରଙ୍ଗର ଆଲୋକରେ ଚମକୁଥିବା ଏହି ସ୍ଥଳ ଏବେ ଅବହେଳିତ ଅବସ୍ଥାରେ ପଡି ରହିଛି।



### ଅନ୍ଧାରରେ ସେଲ୍ଫି ପଏଣ୍ଟ



ବ୍ରହ୍ମପୁର ସବ୍ ରେଜିଷ୍ଟର କାର୍ଯ୍ୟାଳୟ ସମ୍ମୁଖ ତଥା ବିଇଏମସି କମିଶନରଙ୍କ ସରକାରୀ ବାସ ଭବନ କଡରେ ଏହି ଆକର୍ଷଣୀୟ ସେଲ୍ଫି ପଏଣ୍ଟ ରହିଛି। ଦିନ ଥିଲା ପ୍ରତିଦିନ ସନ୍ଧ୍ୟାରେ ଏଠି ସହରବାସୀଙ୍କ ଭିଡ଼ ଜମୁଥିଲା। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସଭିଏଁ ଏଠି ଭିଡ଼ ଜମାଇବା ସହ ସେଲ୍ଫି ଉଠାଇ ମଜା ନେଉଥିଲେ। କହିବାକୁ ଗଲେ ରଙ୍ଗୀନ୍ ଆଲୁଅରେ ଝଲସୁଥିଲା ଏହି ସ୍ଥାନ। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ଖତ ଖାଇବାକୁ ବସିଲାଣି। ଗତ କିଛି ମାସ ହେବ ଏହି ସେଲ୍ଫି ପଏଣ୍ଟ ଟି ଅବହେଳିତ ଅବସ୍ଥାରେ ପଡି ରହିଛି। ଦୀର୍ଘ ଦିନ ହେବ ଏଠି ଆଲୁଅ ଜଳୁନଥିବା ବେଳେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ବିଇଏମସି କର୍ତ୍ତୃପକ୍ଷ ଧ୍ୟାନ ଦେଉନଥିବା ଅଭିଯୋଗ ହୋଇଛି। ଚର୍ଚ୍ଚା ପ୍ରକାରେ, କେବଳ ଏହି ସେଲ୍ଫି ପଏଣ୍ଟ ନୁହେଁ ବରଂ ସହରର ସୌନ୍ଦର୍ଯ୍ୟ ବଢାଇବାକୁ ବିଭିନ୍ନ ପ୍ରମୁଖ ଛକରେ ଆକର୍ଷଣୀୟ ସେଲ୍ଫି ପଏଣ୍ଟ ନିର୍ମାଣ କରାଯାଇଥିଲା। କିନ୍ତୁ ସୌନ୍ଦର୍ଯ୍ୟକରଣ ଏବେ ସମ୍ପୂର୍ଣ୍ଣ ବିପଦରେ ରହିଥିବା ଜଣାପଡିଛି।

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନିର୍ମିତ ବହୁ ପ୍ରକଳ୍ପ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି। ଜରାଜୀର୍ଣ୍ଣ ଅବସ୍ଥାରେ ବିଭିନ୍ନ ସୌନ୍ଦର୍ଯ୍ୟ ସ୍ଥାନ ପଡି ରହିଛି। ଗତ କିଛି ବର୍ଷ ତଳେ ରେଶମ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ବହୁ ସୌନ୍ଦର୍ଯ୍ୟକରଣ କାମ ହାତକୁ ନେଇଥିବା ବିଇଏମସି ୧୨ ଶହ ବର୍ଗ ଫୁଟ ଅଂଚଳରେ ପ୍ରାୟ ୧୪ ଲକ୍ଷ ଟଙ୍କା ବ୍ୟୟରେ ଏହି ସେଲ୍ଫି ପଏଣ୍ଟ ନିର୍ମାଣ କରିଥିଲା। କେବଳ ସେତିକି ନୁହେଁ ଏହା ପରିସରରେ ଅନେକ ପଶୁପକ୍ଷୀ ଓ ଝରଣା ବି ରହିଛି। ଉଦଘାଟନ ବେଳେ ଏହା ସହରର ଅନ୍ୟତମ ଆକର୍ଷଣୀୟ ସ୍ଥାନ ବି ପାଲଟିଥିଲା। କିନ୍ତୁ କାଳକ୍ରମେ ଏହାର ସଠିକ୍ ପରିଚାଳନା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଜଣାପଡିଛି।



ଏହି ସୌନ୍ଦର୍ଯ୍ୟ ସ୍ଥାନର ପୁନରୁଦ୍ଧାର ପାଇଁ ବିଇଏମସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ତେବେ ତୁରନ୍ତ ପ୍ରଶାସନ ଏସବୁ ଉପରେ ଦୃଷ୍ଟି ଦେଇ ଏହାକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି।

ସେନା ଅଧିକାରୀଙ୍କୁ ନଜରବନ୍ଦୀ ଘଟଣା

# ବୟାନ ରେକର୍ଡ କଲା ପୁଲିସ

**ଖୋର୍ଦ୍ଧା, ୧୯।୧୦ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳର ଅବସରପ୍ରାପ୍ତ ସେନା ଅଧିକାରୀ ଭୁବନେଶ୍ୱର ରାଉତରାୟ, ବୟସ -୮୪ଙ୍କୁ ତାଙ୍କ ସାନପୁଅ ଅଜୟ କୁମାର ରାଉତରାୟ ସମ୍ପତ୍ତି ହଡପ କରିବା ଉଦେଶ୍ୟ ନେଇ ଦୀର୍ଘ ଦିନ ଧରି ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିବା ନେଇ ଅବସରପ୍ରାପ୍ତ ସେନା ଅଧିକାରୀ ଭୁବନେଶ୍ୱରଙ୍କ ବଡପୁଅ କର୍ଣ୍ଣେଲ ଅରୁଣ କୁମାର ରାଉତରାୟ ତା ୩୧ ଅଗଷ୍ଟ ୨୦୨୪ ମସିହାରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ପୁନର୍ବାର କର୍ଣ୍ଣେଲ ଅରୁଣ ଅକ୍ଟୋବର ୧୦ ତାରିଖରେ ଭରତପୁର ଥାନାରେ ଏବଂ ଅକ୍ଟୋବର ୧୮ ତାରିଖରେ ଖୋର୍ଦ୍ଧା ଆଦର୍ଶ ଥାନାରେ ସମାନ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କର୍ଣ୍ଣେଲ ଅରୁଣ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରାଇବା ପରେ ତାଙ୍କ ନିର୍ଦ୍ଦେଶ ପ୍ରକାରେ ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ଭରତପୁର ପୁଲିସର ଏକ ଟିମ



ପୃଥକ ଭାବେ ନଜରବନ୍ଦୀରେ ଥିବା ଭୁବନେଶ୍ୱରଙ୍କ ବୟାନ ରେକର୍ଡ କରିଛି। ଭୁବନେଶ୍ୱର ତାଙ୍କ ବୟାନରେ ପୁଲିସ କୁ କହିଛନ୍ତି ଯେ ଦୁଇଓଳି ଦୁଇ ଗୁଣ୍ଡା ଭାତ ଖାଇ ଏଠାରେ ପଡି ରହିଛି, ଦେହ ଭଲ ରହୁ ନାହିଁ, ଡାକ୍ତର କଣ ଔଷଧ ଦେଇଛନ୍ତି ସେ ବିଷୟରେ କିଛି ଜାଣିନି, ସକାଳେ ଉଠିଲେ ମୁଣ୍ଡ ବୁଲାଇ ହେଉଛି, ଏଠାରେ ରହିବାକୁ ଚାହୁଁନି, ବଡପୁଅ ପାଖକୁ ଯିବେ ବୋଲି ନିଜ ବୟାନରେ କହିଛନ୍ତି । ଭୁବନେଶ୍ୱରଙ୍କ ବଡ ପୁଅ କର୍ଣ୍ଣେଲ ଅରୁଣ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ତାଙ୍କ ସାନ ଭାଇ କୌଣସି କାମ କରୁନଥିବା ବେଳେ ବାପାଙ୍କୁ ଧମକାଇ ସମସ୍ତ ପୈତୃକ ସମ୍ପତ୍ତି ନିଜ ନାମରେ କରି ନେଇଛି । ଏପରିକି ତାଙ୍କ ସାନ ଭାଇ ବାପାଙ୍କୁ ଦେଖା କରିବାକୁ ଦେଉ ନଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଲିଖିତ ଅଭିଯୋଗ କରିବାସ୍ୱତ୍ତେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତାଙ୍କ ବାପାଙ୍କର କୌଣସି ଅସୁବିଧା ହେଲେ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି ।

# ୩ ବର୍ଷରେ ୧୧ ଥର ନିର୍ବାହୀ ଅଧିକାରୀଙ୍କ ବଦଳି

## ଦୀର୍ଘଦିନ ହେବ ନାହାଁନ୍ତି ଯନ୍ତ୍ରୀ, ସ୍ଥାଣୁ ପାଲଟିବ କି ଏନ୍ଏସି

**କୋଣାର୍କ, ୧୯।୧୦ (ସଂଚାର ବ୍ୟୁରୋ) :** ନଗର ଉନ୍ନୟନ ବିଭାଗ ପକ୍ଷରୁ ସହର ମାନଙ୍କରେ ବ୍ୟାପକ ଉନ୍ନତିକରଣ ଓ ସରଳୀକରଣ ପାଇଁ ପୌର ପରିଷଦ ମାନ ଗଠନ କରାଯାଇଛି। କିନ୍ତୁ ସରକାରଙ୍କ ଅପାରଗତା ଯୋଗୁଁ କୋଣାର୍କ ଏନଏସି ଏବେ ସ୍ଥାଣୁ ପାଲଟିବା ଅବସ୍ଥାରେ। ଯାହା ଫଳରେ ଉନ୍ନୟନ ମୂଳକ କାର୍ଯ୍ୟ ଆଗେଇ ପାରୁନି। ନଗର ଉନ୍ନୟନ ବିଭାଗର ଖାମଖିଆଲି ନୀତି ଯୋଗୁଁ ବିଗତ ୩ବର୍ଷରେ ୧୧ ଥର ନିର୍ବାହୀ ଅଧିକାରୀଙ୍କ ଅଦଳ ବଦଳ ହୋଇଛି। ଯାହା କୋଣାର୍କରେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପ୍ରତିବନ୍ଧକ ସାଜିଛି।

ବିଗତ ୩ ବର୍ଷରେ ଏନ ଶ୍ରୀନିବାସ, ଆକୃତି ଗୋଏଙ୍କା, ସୌମେନ୍ଦ୍ର ତେଜ, ଶେଖ୍ ସଗିର୍, ସତ୍ୟପ୍ରକାଶ ମିଶ୍ର, ସରୋଜ ଆଚାର୍ଯ୍ୟ, ଓ ଶ୍ୱେତପଦ୍ମା ଧଳ ପ୍ରମୁଖ ୧୧ ଥର ଅଦଳ ବଦଳ ହୋଇ ଅଧିକାରୀ ଭାବରେ କାର୍ଯ୍ୟ କରିଛନ୍ତି। ଏନ୍ ଶ୍ରୀନିବାସ ପ୍ରାୟ ୪ବର୍ଷ ଓ ଶ୍ୱେତପଦ୍ମା ଧଳ ଏକ ବର୍ଷ ସ୍ଥାୟୀ ଭାବରେ ରହି ଆଖି ଦୃଷ୍ଟିଆ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲା ବେଳେ ଅନ୍ୟମାନେ ସ୍ୱଳ୍ପ ମାସ ମଧ୍ୟରେ ଅଦଳ ବଦଳ ହେଇଛନ୍ତି। ପୂର୍ବତନ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ସାହସିକତା ସହ କାର୍ଯ୍ୟ କରି ଆସୁଥିବା ବେଳେ ଏକ ବର୍ଷ ପରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପୂର୍ବରୁ ସାମୟିକ ସମୟ ପାଇଁ ଥିବା ଆକୃତି ଗୋଏଙ୍କାଙ୍କୁ ପୁନଃ ନିଯୁକ୍ତି କରାଯାଇଛି। ପୂର୍ବରୁ ତାଙ୍କର କାର୍ଯ୍ୟାଳୟରେ ସମୟାନୁବର୍ତ୍ତିତା ନେଇ



ଅଭିଯୋଗ ଓ ଖବର ପ୍ରକାଶ ପାଇଥିଲା। ଏଥି ସହିତ ଦୀର୍ଘ ମାସ ହେବ ଏଠାରେ ନିର୍ବାହୀ ଯନ୍ତ୍ରୀ ନାହାଁନ୍ତି, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ, ଟେଣ୍ଡର କାର୍ଯ୍ୟ ଓ କେତେକ ନିୟମିତ ଅସାଧୁ ଠିକାଦାରଙ୍କୁ ଧରି ଅନିୟମିତତା କରୁଥିବା ଜୈନିକ ଯନ୍ତ୍ରୀଙ୍କୁ ନିର୍ବାହୀ ଅଧିକାରୀ ଶ୍ରୀମତୀ ଶ୍ୱେତପଦ୍ମା ଧଳ ପୁରୀ ବଦଳି କରାଇଥିଲେ। ତାଙ୍କ ସ୍ଥାନରେ କୌଣସି ଯନ୍ତ୍ରୀ ନିଯୁକ୍ତି ହୋଇ ନାହାଁନ୍ତି। ଯାହା ଫଳରେ ଏନଏସି ଉନ୍ନୟନ କାର୍ଯ୍ୟ ଠପ୍ ହେଉଛି। ଏନଏସି ସ୍ଥାଣୁ ପାଲଟିବ ବୋଲି ଅନୁମାନ କରାଯାଉଛି। ଏଣୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ, ପୁରୀ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ବୋଲି ସୁଚନା ଦେଇଛନ୍ତି।

# ଅପମିଶ୍ରିତ ସାମଗ୍ରୀର ହବ୍ ଅସ୍ତରଙ୍ଗ ଓ କୁଣ୍ଢେଇ ହାଟ

**କାକଟପୁର/ଅସ୍ତରଙ୍ଗ, ୧୯।୧୦ (ସଂଚାର ବ୍ୟୁରୋ):** ବାହାର ରାଜ୍ୟ ହେଉ ଅବା ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ରୁ ଆସୁଛି ଅପମିଶ୍ରିତ ମସଲା। ଏହାକୁ ଖାଇ ଲୋକ ରୋଗ କୁ ଆମନ୍ତ୍ରଣ କରୁଛନ୍ତି। ସ୍ୱଳ୍ପ ଅର୍ଥରେ କିପରି ପରିବାର ଚଳିବ ସେଥିପାଇଁ ଗ୍ରାହକ ମାନେ ଏକ କାଳୀନ ସପ୍ତାହକର ସଉଦା କିଣିଥାନ୍ତି। ଏହାର ସୁଯୋଗରେ କଳା ବଜାରୀ ମାନେ ସକ୍ରିୟ ହୋଇ ପଡ଼ିଥାନ୍ତି। ତେଣୁ ବ୍ୟବସାୟୀ ମାନେ ଭେଜାଲ ମସଲା ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ବିକ୍ରି କରି ମୁନାଫା ଉଠାଇ ଥାନ୍ତି। ଏପରି ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କୁଣ୍ଢେଇ ସାପ୍ତାହିକ ହାଟରେ।

ପୁରୀ ଜିଲ୍ଲାର ସର୍ବପୁରାତନ ଅସ୍ତରଙ୍ଗ ଓ କୁଣ୍ଢେଇ ହାଟ। ଅସ୍ତରଙ୍ଗ, କାକଟପୁର ସମେତ ପଡୋଶୀ ଅଂଚଳ ବ୍ୟବସାୟୀ ବେପାର ଉଦେଶ୍ୟରେ ଏହି ୨ଶହ ରୁ ଉର୍ଦ୍ଧ ବର୍ଷର ପୁରୁଣା ସାପ୍ତାହିକ ହାଟକୁ ଆସିଥାନ୍ତି। ପୂର୍ବରୁ ଶୁଖୁଆ ବ୍ୟବସାୟୀ ପାଇଁ ଚାହିଦା ଥିଲା ଅସ୍ତରଙ୍ଗ ହାଟରେ। ଏହା କ୍ରମଶଃ କମିଯାଇଛି ଆଗ ଅପେକ୍ଷା। ବାହାଘର ହେଉ କି ବ୍ରତଘର, ଶୁଦ୍ଧି କ୍ରିୟା ହେଉ କି ପୁନେଇଁ ପର୍ବ ପ୍ରତ୍ୟେକ କାର୍ଯ୍ୟରେ ଅଂଚଳବାସୀ କମ୍ ମୂଲ୍ୟ ପାଇଁ ଏହି ହାଟ ଉପରେ ନିର୍ଭରଶୀଳ।ଏହା ବ୍ୟତୀତ ବାହାର ବଜାର ମାନଙ୍କରେ ଜିରା ଦାମ୍ ୪ରୁ ୫ଶହ ଟଙ୍କା ଥିବା ବେଳେ ଏହି ହାଟରେ କେଜି ପ୍ରତି ୨୫୦ଟଙ୍କା ରୁ ୩ଶହ ଟଙ୍କାରେ ମିଳିଥାଏ। ବାହାର ବଜାରରେ ହଳଦୀ ଗୁଣ୍ଡ



### ଶସ୍ତା ନାମରେ ରୋଗ ବିକୁଛନ୍ତି ବ୍ୟବସାୟୀ

ଦାମ୍ ୧୫୦ଟଙ୍କା ହୋଇଥିବା ବେଳେ ଏଠାରେ ଶହେ ଟଙ୍କାରେ ବିକ୍ରି ହୋଇଥାଏ। କେବଳ ଜିରା କି ହଳଦୀ ନୁହଁ ଏହି ହାଟରେ ଏମିତି ଅନେକ ଭେଜାଲ ପଦାର୍ଥ ରହିଛି ଯାହାକୁ ବିକ୍ରି କରି ବ୍ୟବସାୟୀ ମାଲାମାଲ ହେଉଥିବା ବେଳେ ଗ୍ରାହକ ଏହାକୁ ଖାଇ ରୋଗାକ୍ରାନ୍ତ ହେଉଛନ୍ତି। ମୋଟ ଉପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କୁଣ୍ଢେଇ ହାଟ କଳା ବ୍ୟବସାୟୀ ଙ୍କ ବେପାର ହବ୍ ପାଲଟିଛି।

ଏ ସବୁ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଏହା ଜାଣି ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ବଦଳରେ ନିରବ ରହୁଛି। ତେବେ ସ୍ଥାନୀୟ ବ୍ୟବସାୟୀ ମାନେ ଅପମିଶ୍ରିତ ବା ଭେଜାଲ ଖାଦ୍ୟ ପଦାର୍ଥ ବିକ୍ରି କଥାକୁ ସ୍ୱୀକାର କରୁଛନ୍ତି। କେତେକ ବ୍ୟବସାୟୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ଅବିକଳ ସମାନ ଦେଖାଯାଉଥିବା ସମାଗ୍ରୀର ମାନ କୁ ଚିହ୍ନିବା କଷ୍ଟ। କିନ୍ତୁ ଶସ୍ତା ହୋଇଥିବାରୁ ଗ୍ରାହକଙ୍କ ଆଗ୍ରହକୁ ଚାହିଁ ଆମେ ବ୍ୟବସାୟ କରୁଛୁ। ପ୍ରଶାସନ ଏଥି ପ୍ରତି ଧ୍ୟାନ ଦେବା କଥା। ଅପରପକ୍ଷେ ସାଧାରଣ ଗ୍ରାହକ କହିବା କଥା ହେଲା କମ୍ ଦରରେ ମିଳୁଥିବା ଜାଣି ଆମେ ଏଠାକୁ ଆସୁଛୁ। ଯଦି ଖାଦ୍ୟ ନିରାପତ୍ତା ବିଭାଗ ଏ ଦିଗରେ ତତ୍ପରତା ପ୍ରକାଶ କରନ୍ତେ ତେବେ ସମସ୍ତେ ଏ ବିଷୟରେ ଜାଣି ପାରନ୍ତେ।




# ବିପ୍ଳବୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳିତ

**କଟକ, ୧୯।୧୦ (ସଂଚାର ବ୍ୟୁରୋ):** ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ବିପ୍ଳବୀ ସାରଙ୍ଗଧର ଦାସଙ୍କ ୧୩୭ତମ ଜୟନ୍ତୀ ପାଳିତ ହୋଇଯାଇଅଛି। ଝୋଲାସାହିସ୍ଥ ସାରଙ୍ଗଧର ଶିଶୁ ଉଦ୍ୟାନଠାରେ ଅନୁଷ୍ଠାନର ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂ ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସାରଙ୍ଗଧର ରାଜନୈତିକ ମୂଲ୍ୟବୋଧ କ୍ଷେତ୍ରରେ ଯେଉଁ ପଦଚିହ୍ନ ଛାଡ଼ିଯାଇଛନ୍ତି ତାହା ସାମ୍ପ୍ରତିକ ପରିସ୍ଥିତିରେ ସମସ୍ତଙ୍କ ଧ୍ୟେୟ ହେବା ଉଚିତ୍ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସର୍ବଶ୍ରୀ ସୁରେନ୍ଦ୍ରନାଥ ଛୋଟରାୟ, ଭୂବନାନନ୍ଦ ମହାନ୍ତି, ବିଦ୍ୟୁତ ଲାଲା, ସଙ୍ଗୀତା ଦାସ, ଭଗବତୀ ଖଟୁଆ, ସମରେନ୍ଦ୍ର ଘୋଷ, ଡ଼ଃ ହେମନ୍ତ ପରିଡ଼ା, ଗୋପାଳ ଚନ୍ଦ୍ର ମିଶ୍ର, ନିବାସ ଚନ୍ଦ୍ର ମିଶ୍ର, ଗଜେନ୍ଦ୍ର ପାଣି, ସେକ୍ ଫକିର, ଅବଦୁଲ ଫରିଦ୍, ଅରୁଣ ଅଗ୍ରୱାଲ, ସୁବୋଧ ସେଠୀ, ବାଳକୃଷ୍ଣ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଯାଜପୁର ଗସ୍ତରେ ଦକ୍ଷତା ବିକାଶ ନିର୍ଦ୍ଦେଶିକା

# ମେଡିକାଲ କଲେଜ ବୁଲି ରୋଗୀଙ୍କ ସମସ୍ୟା ବୁଝିଲେ

**ଯାଜପୁର, ୧୯।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ରୋଗୀ ସେବା ବ୍ୟାହତ ନହେବା ପାଇଁ ରାଜ୍ୟ ସରକାର ତତ୍ପର ହୋଇଛନ୍ତି । ଗାଁରୁ ସହର ପର୍ଯ୍ୟନ୍ତ ପ୍ରତିଟି ଜୀବନକୁ ଗୁରୁତ୍ୱ ଦେଇ ରୋଗୀ ସେବା ପାଇଁ ସବୁ ବ୍ୟବସ୍ଥା ହାତ ପାଆନ୍ତାରେ ଯୋଗାଇ ଦେଉଛନ୍ତି। ତେଣୁ ରୋଗର ମୁକାବିଲା ପାଇଁ ରୋଗୀକୁ ସରକାରୀ ବ୍ୟବସ୍ଥା ଓ ସରକାରୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହଯୋଗର ଆବଶ୍ୟକତା ରହିଥିବା ରାଜ୍ୟ ଦକ୍ଷତା ବିକାଶ ଓ ନିୟୋଜନ ତଥା ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା କହିଛନ୍ତି।

ଯାଜପୁର ଜିଲ୍ଲା ନୋଡାଲ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱ ଭାର ନେଇଥିବା ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀମତି ପଣ୍ଡା ଦୁଇ ଦିନିଆ ଯାଜପୁର ଗସ୍ତର ଆଜି ଦ୍ୱିତୀୟ ଦିନରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଯଯାତି କେଶରୀ ହସପିଟାଲ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ବିଭିନ୍ନ ବିଭାଗରେ ରୋଗୀମାନଙ୍କ ସହ ଆଲୋଚନା କରି ସେବା ସଂପର୍କିତ ପ୍ରତିକ୍ରିୟା ସଂଗ୍ରହ କରି



ସେମାନଙ୍କ ସେବା ସଂପର୍କରେ ଆଲୋଚନା କରିଥିଲେ। ରୋଗୀମାନଙ୍କ ସେବାରେ ସ୍ୱଚ୍ଛତା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ପ୍ରତିଦିନ ସଫେଇକୁ ଗୁରୁତ୍ୱ ଦେବାକୁ କହିଥିଲେ। ନିରାମୟରେ ଔଷଧ ବିତରଣ,ପାର୍କିଂ ବ୍ୟବସ୍ଥା ଯାଞ୍ଚ କରିବା ସହ ସିସିଟିଭି କଣ୍ଟ୍ରୋଲ ରୁମ ଯାଇ କିପିରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ତାକୁ ଯାଞ୍ଚ କରିଥିଲେ। ଏହି ସମୟରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ଼ି, ଜେ.କେ ମେଡିକାଲ କଲେଜର ଅଧ୍ୟକ୍ଷ ସୀତାରାମ ମହାପାତ୍ର, ଜେ.କେ ହସପିଟାଲର ସୁପରିଟେଣ୍ଡେଣ୍ଟ ମନୋରମା ସ୍ୱାଇଁ, ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀବାଶିଷ ମହାରଣା,ହସପିଟାଲ ମ୍ୟାନେଜର ସୁଶ୍ରୀ ସଂଗୀତା ନାୟକ,ଡିପିଏମ ବନବିହାରୀ ମିଶ୍ର,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଶାସନିକ ଅଧିକାରିଣୀ ସାଇସ୍ମିତା ଉପାଧ୍ୟାୟ, ମେଡିକାଲ କଲେଜ ପ୍ରଶାସନିକ ଅଧିକାରିଣୀ ନିଲିପ୍ତା ମହାନ୍ତି, ଡିଏମଏଫ୍ର ସଂଯୋଜକ କୁମାର ସୁବାଶିଷ,ପୂର୍ତ୍ତ ବିଭାଗ ଏସଡିଓ ଭଗବାନ ସାହୁ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

# ଜିଲ୍ଲାପରିଷଦ ସଭାପତିଙ୍କୁ ଭେଟିଲେ ପ୍ରତିନିଧିଦଳ

**ବାଲେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ):** ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଗଠିତ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଜିଲ୍ଲାବାସୀଙ୍କର ଏହି ଦାବିପୂରଣ ଦିଗରେ ସହାୟତା ପାଇଁ ଅନୁରୋଧ କରିଥିଲେ। ଗତ ଦୁଇବର୍ଷ ପୂର୍ବରୁ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲ୍ଲା ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଏଥିପାଇଁ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଘଟଣା ସମ୍ପର୍କରେ ପ୍ରତିନିଧିମାନେ ଶ୍ରୀ ପ୍ରଧାନଙ୍କୁ ଅବଗତ କରାଇଥିଲେ।




ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତ ବୈଠକରେ ଏହି ଦାବି ଉପରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଇ ନୂତନ ସରକାରଙ୍କୁ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ଅବଗତ କରାଇବେ ବୋଲି ଶ୍ରୀ ପ୍ରଧାନ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିବାର ଜଣାଯାଇଛି। ଯୁବବର୍ଗ କୃଷି ପ୍ରତି ବିମୁଖ ହେଉଥିବାବେଳେ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣାକ୍ଷେତ୍ର ପ୍ରତିଷ୍ଠା ହେଲେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ବିଭିନ୍ନ କୃଷିଜାତ ସମାଗ୍ରୀ ଉତ୍ପାଦନ ହୋଇପାରିବ ଓ କୃଷକମାନେ ଲାଭବାନ ହୋଇପାରିବେ ବୋଲି ସମିତିର ପ୍ରତିନିଧିମାନେ ପ୍ରକାଶ କରିଛନ୍ତି। ଏହି ସାକ୍ଷାତ ଆଲୋଚନାରେ ସମିତିର ସମ୍ପାଦକ ଅଭୟ କୁମାର ମିଶ୍ରଙ୍କ ସମେତ ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ ଓ ଭାସ୍କର ଚନ୍ଦ୍ର ପାଢ଼ି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଚରମ ଅବହେଳାର ଶିକାର ରାଣୀପୁର ଝରିଆଲ: ହେମନ୍ତ ପଣ୍ଡା

## ୬୪ ଯୋଗିନୀଙ୍କ ନାମ ତାଲିକା ଏଏସ୍ଆଇ ପାଖରେ ନାହିଁ

**ବଲାଙ୍ଗୀର, ୧୯।୧୦ (ସଂଚାର ବ୍ୟୁରୋ):** ନବମ ଶତାବ୍ଦୀର ରାଣିପୁର ଝରିଆଲ ସ୍ଥିତ ଐତିହାସିକ ଚୌଷଠି ଯୋଗିନୀ ପୀଠ ଚରମ ଅବହେଳାର ଶୀକାର ହୋଇଛି ବୋଲି ବଲାଙ୍ଗୀରର ବିଶଷ୍ଟ ସୂଚନା ଅଧିକାର କର୍ମି ହେମନ୍ତ କୁମାର ପଣ୍ଡା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ଏକ ପ୍ରେସ ବିବୃତ୍ତିରେ କହିଛନ୍ତି। ଚଉଷଠି ଯୋଗିନୀ ମୂର୍ତ୍ତିମାନଙ୍କ ମଧ୍ୟରୁ ୪୮ଟି ଯୋଗିନୀ ମୂର୍ତ୍ତି ରହିଥିବା କଥା ଆର୍



ପି ମହାପାତ୍ରଙ୍କ ଦ୍ୱାରା ୧୯୮୬ ମସିହାରେ ଲିଖିତ ଓଡ଼ିଶାର ପ୍ରତ୍ନତତ୍ତ୍ୱ ପୁସ୍ତକରୁ ଜଣାପଡେ ବୋଲି ତଥ୍ୟରେ କୁହାଯାଇଛି। ଚଉଷଠି ଯୋଗିନୀ ମନ୍ଦିରରୁ ଉଭାନ ହୋଇଥିବା ମୂର୍ତ୍ତିଗୁଡିକ ନଷ୍ଟ ହୋଇଯାଇଛି କିମ୍ବା କାଢି ଦିଆଯାଇଛି ବୋଲି ବିଭାଗ ତଥ୍ୟ ପ୍ରଦାନ କରିଛି। ପର୍ଯ୍ୟଟକମାନେ ବର୍ତ୍ତମାନ ଦେଖୁଥିବା ମୂର୍ତ୍ତିଗୁଡିକୁ ସୁରକ୍ଷା ଦୃଷ୍ଟିରୁ ଲୁହା ଜାଲି ଦିଆଯାଇଥିବା କଥା ତଥ୍ୟରୁ ଜଣାପଡ଼ିଛି।

କେନ୍ଦ୍ରୀୟ ସଂସ୍ଥା ପ୍ରତ୍ନତତ୍ତ୍ୱ ବିଭାଗ ରାଣୀପୁର- ଝରିଆଲ ଐତିହାସିକ ସ୍ଥଳୀକୁ ହାତକୁ ନେବା ପୂର୍ବରୁ କୌଣସି ଯୋଗିନୀ ମୂର୍ତ୍ତି ନଥିବା ସୂଚନା ବିଭାଗ ପାଖରେ ନାହିଁ। କେଉଁ କେଉଁ ମୂର୍ତ୍ତି ଚଉଷଠି ଯୋଗିନୀ ରାଣୀପୁର ଝରିଆଲ କିର୍ତ୍ତିରାଜୀରୁ ନିଖୋଜ ହୋଇଛନ୍ତି ସେମାନଙ୍କ ନାମ ବିଭାଗ ପାଖରେ ନାହିଁ ଓ ବର୍ତ୍ତମାନ ରହିଥିବା ଅବଶିଷ୍ଟ ମୂର୍ତ୍ତିଗୁଡିକର ନାମ ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗରେ ନାହିଁ ବୋଲି ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରାଯାଇଛି। କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ ସବୁ ଜାଣି ଅଜଣା ରହିବା ଅଭିନୟ କରୁଛି ବୋଲି ପଣ୍ଡା କହିଛନ୍ତି। ନିଖୋଜ ମୂର୍ତ୍ତିଗୁଡିକ କେଉଁ କେଉଁ ଯୋଗିନୀଙ୍କ ଥିଲା ଏହା ପ୍ରତ୍ନତତ୍ତ୍ୱ ବିଭାଗ ଅନୁସନ୍ଧାନ କରି ସେହି ସ୍ଥାନରେ ନୂତନ ପ୍ରତିକୃତି ସ୍ଥାପନ କରିବା ପାଇଁ ଉଦ୍ୟମ କରିବା ବଦଳରେ କିଛି ଜାଣି ନଥିବା କଥା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଆଲରେ ଦେଶର ଅନ୍ୟତମ ବିରଳ ୬୪ ଯୋଗିନୀ ତନ୍ତ୍ର ପୀଠ ଅବସ୍ଥିତ। ଅନ୍ୟ ୬୪ ଯୋଗିନୀ ତନ୍ତ୍ରପୀଠ ଅପେକ୍ଷା ଏହା ବୃହଦାକାର ଅଟେ। ଏହି ତନ୍ତ୍ର ପୀଠରେ ଚାମୁଣ୍ଡା, ରୁଦ୍ରାଣୀ, ବିକାରିଣି, କାମାଖ୍ୟା, ଅଘୋରି, ତ୍ରିପୁରା ସୁନ୍ଦରି, ଡାକିନୀ. ରାକିନୀ, ଲାକିନୀ, ଶାକିନୀ, ହାକିନୀ, ବାରୁଣୀ, ଜ୍ୱାଳିନୀ, ଭଦ୍ର କାଳୀ, ମାତଙ୍ଗୀ, ଚଣ୍ଡି, ଭୈରବୀ, କାଳରାତ୍ରି ଗୌରୀ, ଉମା, ଶାକଂଭରୀ, ଦୁର୍ଗା, ପାର୍ବତୀ, ମାହେଶ୍ୱରୀ, ବିନ୍ଧ୍ୟବାସିନୀ, କାମେଶ୍ୱରୀ, ତ୍ରେଲୋକ୍ୟମୋହିନୀ ଇତ୍ୟାଦି ୬୪ଟି ଦୁର୍ମୁଲ୍ୟ ଦେବୀ ମୂର୍ତ୍ତି ରହିଥିଲା। ଏହି ସମସ୍ତ ଦେବୀ ମୂର୍ତ୍ତିର ନାମ ଏବଂ ନିଖୋଜ ହୋଇଥିବା ମୁର୍ତ୍ତିଗୁଡିକର ନାମ ଅନୁସନ୍ଧାନ କରାଯାଇ ଖାଲି ରହିଥିବା ନିଖୋଜ ମୂର୍ତ୍ତି ସ୍ଥାନରେ ନୂତନ ପ୍ରତିକୃତି ସ୍ଥାପନ କରିବା ପାଇଁ ପଣ୍ଡା ଦାବୀ କରିଛନ୍ତି।

କଚ୍ଛପ ଗତିରେ ଚାଲିଛି ବାଲୁଗାଁ-ମହୀପୁର ରାସ୍ତା କାମ

# ପେଟି ଠିକାଦାରଙ୍କ ପାଇଁ ହନ୍ତସନ୍ତ ୪୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ

**ନୟାଗଡ଼, ୧୯।୧୦ (ସଂଚାର ବ୍ୟୁରୋ):** କଚ୍ଛପ ଚାଲି ପରି ନିର୍ମାଣ ଚାଲିଛି ବାଲୁଗାଁ-ମହୀପୁର ରାସ୍ତା । ଦିନେ କାମ ହେଲେ ଦଶ ଦିନ କାମ ବନ୍ଦ କରି ମନମାନି କରୁଛନ୍ତି ଠିକାସଂସ୍ଥା । ମୁଖ୍ୟ ଠିକାଦାର ଠାରୁ ନେଇଥିବା ପେଟି ଠିକାଦାର ପାଇଁ ଚାଳିଶି ଗ୍ରାମର ଜନସାଧାରଣ । ହଁ ଆଜ୍ଞା, କେଉଁଠି ଫାଳେ କାମ ହୋଇଛି ତ ଆଉ କେଉଁଠି ଖୋଳା ହୋଇଛି ପଡିଛି । ପ୍ରତିଦିନ ଏହି ରାସ୍ତା ଉପରେ ଶଗଡ଼ଗାଡ଼ି ଠାରୁ ଆରମ୍ଭ କରି ଟ୍ରକ ଚଳାଚଳ କରୁଥିବା ବେଳେ ସାଇଟ ଦୟନୀୟ ଅବସ୍ଥା ଭୋଗୁଛନ୍ତି ସ୍ଥାନୀୟ ବାସିନ୍ଦା।

ନୟାଗଡ଼ ପୂର୍ତ୍ତ ବିଭାଗ ଅଧିନରେ ନିର୍ମାଣ ଚାଲିଥିବା ୫୦ରୁ ଉର୍ଦ୍ଧ୍ୱ ରାସ୍ତା କାମ ଅଧପନ୍ତରିଆ ଅବସ୍ଥାରେ ରହିଛି। ତାହା ମଧ୍ୟରେ ନୟାଗଡ଼ ବ୍ଲକ ବାଲୁଗାଁ ଏବଂ ନୂଆଗାଁ ବ୍ଲକ ମହିପୁରକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାମ ରହିଛି । ଏହି ରାସ୍ତା ନିର୍ମାଣ ଅବଧି ଦେଢ଼ ମାସ ତଳୁ ଶେଷ ହୋଇଥିବା ବେଳେ କାମ କିନ୍ତୁ ୪୦ ପ୍ରତିଶତ ଶେଷ ହୋଇନି । ଏହି ରାସ୍ତା ନିର୍ମାଣ ପାଇଁ ୨୦୨୩ ମସିହା ଜାନୁୟାରୀ ମାସ ୨୫ ତାରିଖରେ ଶିଳାନ୍ୟାସ ହୋଇଥିଲା। ନୟାଗଡ଼ ଓ ଦଶପଲ୍ଲା ନିର୍ବାଚନ ମଣ୍ଡଳୀକୁ ସଂଯୋଗ କରୁଥିବା ଏହି ରାସ୍ତା ନିର୍ମାଣ ଶିଳାନ୍ୟାସ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସାମିଲ ହୋଇଥିଲେ। କ୍ରିଦାଶପୁର ପଞ୍ଚାୟତ ଯଉଡୁକପାଟଣା




ଆମ୍ବତୋଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ରାସ୍ତା ନିର୍ମାଣ ଯଥାଶୀଘ୍ର ଶେଷ ହେବ ବୋଲି ଉଭୟ ବିଧାୟକ ଘୋଷଣା କରିଥିଲେ । ମାତ୍ର ପୂର୍ତ୍ତ ବିଭାଗର ଅବହେଳା ଏବଂ ଠିକାସଂସ୍ଥାର ମନମାନୀ ପାଇଁ ରାସ୍ତା ନିର୍ମାଣ ଅଧା ଅଧୁରା ଅବସ୍ଥାରେ ରହିଛି ।

ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ବାଲୁଗାଁ, କ୍ରିଦାଶପୁର, ମାଳିସାହି, ଢେଙ୍କେଣା, ଚାହାଳୀ, ବଡ଼ଗୋଠ, ଦୁରଦୁରା, ମହୀପୁର ପଞ୍ଚାୟତବାସୀ ନିର୍ଭର କରୁଛନ୍ତି । ୮ ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗ୍ରାମ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ଅଧପନ୍ତରିଆ ରାସ୍ତା ନିର୍ମାଣ ଦ୍ୱାରା ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ଅଧା ନିର୍ମାଣ ଦ୍ୱାରା ବଡ଼ ଗାଡ଼ି ଗୁଡ଼ିକ ଯାତାୟତରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ୧୯ କୋଟି ୯୯ ଲକ୍ଷ ଟଙ୍କ ବ୍ୟୟରେ ୧୩ କୋଲୋମିଟର ୭୪୦ ମିଟର ରାସ୍ତା ନିର୍ମାଣ ପାଇଁ ରଘୁନାଥ କନଷ୍ଟ୍ରକସନ୍ ନାମକ ଠିକାସଂସ୍ଥା କାମ ହାତେଇଥିଲା । ଉକ୍ତ ଠିକାସଂସ୍ଥା ୧୬ କୋଟି ୮୦ ଲକ୍ଷ ବ୍ୟୟରେ ରାସ୍ତା ନିର୍ମାଣ କରିବାକୁ ବିଭାଗ ସହ ଚୁକ୍ତି କରୁଥିବା ବେଳେ ନିର୍ମାଣ କାମ ପେଟି ଠିକାଦାରଙ୍କ ହାତକୁ ଟେକି ଦେଇଥିବା ଦେଖାଯାଉଛି । ଯାହା ଦ୍ୱାରା ରାସ୍ତା ନିର୍ମାଣରେ ବ୍ୟାପକ ମନ୍ଥରତା ସୃଷ୍ଟି ହୋଇଛି । ଅଗଷ୍ଟ ୩୧ ତାରିଖ ନିର୍ମାଣ ଶେଷ କରିବାର ଧାର୍ଯ୍ୟ ସମୟ ରହିଥିବା ବେଳେ କାମ ଶେଷ କରିବାକୁ ଆହୁରି ୬ ମାସ ଲାଗିବ ବୋଲି ଅନୁମାନ କରାଯାଉଛି। ନୟାଗଡ଼ ପୂର୍ତ୍ତ ବିଭାଗ ଅବହେଳା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଥିବା ବେଳେ ରାସ୍ତା ନିର୍ମାଣ ତ୍ୱରାନ୍ୱିତ ନହେଲେ ରାସ୍ତାରୋକ କରାଯିବାକୁ ଚେତାବନୀ ଦେଇଛନ୍ତି ।



# ଆଇଇଡି ବିସ୍ଫୋରଣ, ୨ ଯବାନ ଶହୀଦ

ମାଲକାନଗିରି, ୧୯।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ଓ ଛତିଶଗଡ଼ ସୀମାରେ ମାଓବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ଘଟି ଦୁଇ ଇଣ୍ଡୋ ତିବେତାନ ବୋର୍ଡର୍ ପୁଲିସ୍ (ଆଇଟିବିପି) ଯବାନ ଶହୀଦ ହୋଇଛନ୍ତି। ବିସ୍ଫୋରଣ ପରେ ସେମାନଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଶନିବାର ଶତିଶଗଡ଼ର ସୀମାବର୍ତ୍ତୀ ଅଞ୍ଚଳ ନାୟାରଣପୁର ଜିଲ୍ଲାରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ କରୁଥିଲେ। ଖାନତଲାସୀ ପରେ ସେଠାରୁ ଫେରିବା ସମୟରେ ମୋହାନ୍ଦି ଗାଁ ନିକଟରେ ଆଇଡି ବିସ୍ଫୋରଣ ଘଟିଥିଲା। ଏଥିରେ କିଛି ସୁରକ୍ଷାକର୍ମୀ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଜଣ ଯବାନ ଶହୀଦ ହୋଇଛନ୍ତି। ଏଥିସହ ଦୁଇ ଜଣ ପୁଲିସ କର୍ମୀ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି।

## ପ୍ରଥମ ଅପିଲ ଶୁଣାଣିରେ ଅନୁପସ୍ଥିତ ଜଟଣୀ ଥାନା ଜନସୂଚନା ଅଧିକାରୀ

# ୭ଦିନ ମଧ୍ୟରେ ସୂଚନା ତଥ୍ୟ ପ୍ରଦାନ ନିର୍ଦ୍ଦେଶ




ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ): ଜଟଣୀ କୁଶୁମାଟି ଛକଘର ସ୍ଥିତ ଆଇଓସିଏଲ ଓ ଏଚପିସିଏଲ୍ ଟର୍ମିନାଲରୁ ପେଟ୍ରୋଲ, ଡିଜେଲ ନେଉଥିବା ଟ୍ୟାଙ୍କରରୁ ଜୋର କରି ବଟି ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଗାଡି ପିଛା ୨୦ଟଙ୍କା, ୩୦ଟଙ୍କା ଲେଖାଏଁ ୟୁନିୟନ ନାମରେ ବଟି ଆଦାୟ ସହ ତେଲ ଟ୍ୟାଙ୍କରରୁ ତେଲ କାଟିବା ନେଇ ସ୍ଥାନୀୟ ଜଟଣୀ ଥାନାରେ ଲିଖିତ ଅଭିଯୋଗ ହେବାପରେ ପୂର୍ବପରି ମଧ୍ୟ ବଟି ଆଦାୟ କରାଯାଉଛି। ଏହି ଡିପୋରୁ ଦୈନିକ ୩ଶହରୁ ଊର୍ଦ୍ଧ୍ୱ ତେଲ ଟ୍ୟାଙ୍କରରୁ କେଉଁ ଆଧାରରେ ୨୦-୩୦ଟଙ୍କା ଲେଖାଏଁ ୨-୩ଟି ସ୍ଥାନରେ (ତେଲ ଡିପୋ ଠାରୁ ଜଟଣୀ ମୁଖ୍ୟରାସ୍ତା ମଧ୍ୟରେ) ଦୈନିକ ୨୦-୩୦ହଜାର ଟଙ୍କା ଆଦାୟ ହେଉଛି। ଏକ ଅଫିସ ଘର ନିର୍ମାଣ କରାଯାଇ ଏହି କାର୍ଯ୍ୟ ହେଉଛି। ଏହି ସ୍ଥାନରେ ମଧ୍ୟ ତେଲ ବୋଝେଇ ଟ୍ୟାଙ୍କର ଠାରୁ ଜୋରଜବରଦସ୍ତ ବଟି ଆଦାୟ, ତେଲଚୋରି, ଗାଳିଗୁଲଜ, ମାଡ ମାରିବା ଓ ହତ୍ୟା ଧମକ ନେଇ ଦୁଇ ଦୁଇଥର ଥାନାରେ ଓ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ହୋଇଛି।

ବଟି ଆଦାୟ କରୁଥିବା ୟୁନିୟନ ଏବଂ ଯେଉଁ ଜାଗାରେ ଅଫିସ ନିର୍ମାଣ କରି ଏହା କରାଯାଉଛି, ଏହି ଅର୍ଥ କେଉଁ କାମରେ ଲଗାଯାଇଛି, ୟୁନିୟନ ବାବଦରେ ସତ୍ୟତା ଜାଣିବା ପାଇଁ କଟକର ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଅଗଷ୍ଟ ୧ତାରିଖରେ ଜଟଣୀ ଥାନା ଜନସୂଚନା ଅଧିକାରୀଙ୍କୁ ଆର୍‌ଟିଆଇରେ ୨-୩ ଟି ରସିଦ୍ ସହ ତଥ୍ୟ ମାଗିଥିଲେ। ମାତ୍ର ତଥ୍ୟ ନ ମିଳିବାରୁ ସେପ୍ଟେମ୍ବର ୯ତାରିଖରେ ଭୁବନେଶ୍ୱର ଡିସିପି କାର୍ଯ୍ୟାଳୟ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ କରିଥିଲେ।

ଅକ୍ଟୋବର ୧୮ତାରିଖରେ ଭୁବନେଶ୍ୱର ଡିସିପି କାର୍ଯ୍ୟାଳୟ ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ଡିସିପି ପିନାକ ମିଶ୍ର ଅପିଲ କେସ ନଂ-୭୩/୨୦୨୪ର ଶୁଣାଣି ବେଳେ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ଉପସ୍ଥିତ ଥିଲେ। ମାତ୍ର ଜଟଣୀ ଥାନାର ଜନସୂଚନା ଅଧିକାରୀ ଅନୁପସ୍ଥିତ ଥିଲେ। ଶୁଣାଣି କରି ସମସ୍ତ ତଥ୍ୟ ୭ଦିନ ମଧ୍ୟରେ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି।

ତଥ୍ୟ ନମିଳିଲେ ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ଜିତେନ୍ଦ୍ର ପ୍ରକାଶ କରିଛନ୍ତି। ୟୁନିୟନ ନାମରେ ବଟି ଆଦାୟ, ତେଲଚୋରି, ନାନାପ୍ରକାର ଅପରାଧିକ କାର୍ଯ୍ୟକଳାପ ହେଉଥିବା ସତ୍ତ୍ୱେ ଜଟଣୀ ପୁଲିସ ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସନ୍ଦେହ ସୃଷ୍ଟି ହେଉଥିବା ତେଲଟ୍ୟାଙ୍କର ମାଲିକ ପ୍ରକାଶ କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଟ୍ୟାଙ୍କର ମାଲିକ ସଂଘ ପୁଲିସ ପ୍ରଶାସନକୁ ନିବେଦନ କରିଛି।

# ଚାକିରି ବାହାନାରେ ସେକ୍ସ ରାକେଟ୍ !

## ୨ ଗିରଫ



ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ): ରବି ଟକିଜ୍ ଛକରେ ଥିବା ଏକ ସେଲୁନ୍ ଆଣ୍ଡ୍ ସ୍ପାରେ ଚାଲିଥିଲା ସେକ୍ସ ରାକେଟ୍। ବଡଗଡ ଥାନା ପୋଲିସ ଚଢ଼ାଉ କରି ସ୍ପା ଚଳାଉଥିବା ରାଜ ପଟ୍ଟନାୟକ ଓରଫ ଦୀପୁ ଏବଂ ଜଣେ ଯୁବତୀଙ୍କୁ ଗିରଫ କରିଛି। ଜୋର ଜବରଦସ୍ତ ନାବାଳିକାକୁ ଅନୈତିକ କାର୍ଯ୍ୟ କରିବା ପାଇଁ ବାଧ୍ୟ କରାଯାଉଥିଲା। ମନା କଲେ ଘର ଭିତରେ ବନ୍ଦ କରି ଦିଆଯାଉଥିଲା ମାଡ। ଜଣେ ନାବାଳିକାକୁ ଅନୈତିକ କାର୍ଯ୍ୟ କରିବାକୁ ବାଧ୍ୟ କରାଯିବା ବେଳେ ସେ ଚିତ୍କାର କରିଥିଲା। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ନାବାଳିକାକୁ ଉଦ୍ଧାର କରିବା ସହିତ ସ୍ପାରେ ତାଲା ପକାଇଛି। ସ୍ପାରୁ ଉଦ୍ଧାର ହୋଇଥିବା ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଏଠାରେ ରିସେପ୍ସନରେ ଚାକିରି କରାଇ ଦେବାକୁ କହି ତାଙ୍କର ଜଣେ ସଂପର୍କୀୟ ଭଉଣୀ ଆଣିଥିଲେ । ହେଲେ ଏଠାକୁ ଆସିବା ପରେ ବନ୍ଦ କୋଠରି ଭିତରେ କଷ୍ଟମର ସହ ଖରାପ କାମ କରିବା ପାଇଁ ବାଧ୍ୟ କଲେ । ମନା କରିବାରୁ ଘର ଭିତରେ ବନ୍ଦ କରି ନିର୍ଯାତନା ଦେଲେ । ଏପରିକି ଫୋନ ଛଡାଇ ନେଇଥିଲେ। ବହୁ କଷ୍ଟରେ ଭାଇଙ୍କ ସହ ଯୋଗାଯୋଗ ହୋଇଥିଲା। ଉଦ୍ଧାର କରିବା ପାଇଁ ଆସିଥିବା ଭାଇକୁ ମଧ୍ୟ ମାଡମାରି ଲହୁଲୁହାଣ କରିଦେଲେ ସ୍ପା ମ୍ୟାନେଜର। ବଡଗଡ଼ ଥାନା ପୋଲିସ ୬୮୫ /୨୪ରେ ଏକ ମାମଲା ରୁଜୁ କରିବା ସହିତ ପୀଡିତାଙ୍କ ଡାକ୍ତରୀ ମାଇନା କରାଇ ତଦନ୍ତ ଚଳାଇଛି।

## ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ସମୀକ୍ଷା

# ପ୍ରଶିକ୍ଷଣ, ଭିତ୍ତିଭୂମି ବିକାଶ ଓ ସଚେତନତାକୁ ଗୁରୁତ୍ୱ



ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ): ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ୍ସ୍ୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା କ୍ଷେତ୍ରରେ ପ୍ରଶିକ୍ଷଣ, ଭିତ୍ତିଭୂମି ବିକାଶ ଓ ସଚେତନତା ପ୍ରସାର ଉପରେ ଗୁରୁତ୍ୱ ଦେଇଛନ୍ତି।

ଶନିବାର ପୂର୍ବାହ୍ନରେ ମତ୍ସ୍ୟ ନିର୍ଦ୍ଦେଶାଳୟ ଓ ଅପରାହ୍ନରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟରେ ଅନୁଷ୍ଠିତ ପୃଥକ୍ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରି ଉପରୋକ୍ତ ମର୍ମରେ ମତ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ ମତ୍ସ୍ୟଚାଷ କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯକ୍ରମ ଯଥା: ବାୟୋ ଫ୍ଲକ୍, କେଜ କଳଚର୍, ମଧୁର ଜଳ ମାଛଚାଷ, ଖାରି ଜଳ ଓ ଲୁଣି ଜଳ ମାଛଚାଷ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନଙ୍କୁ ଉଚିତ ସମୟରେ ସହାୟତା ପ୍ରଦାନ ସାଙ୍ଗକୁ ସେମାନଙ୍କ ଉନ୍ନତି ସହିତ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେବା ଉପରେ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଓ କେନ୍ଦ୍ରୀୟ ସହଭାଗିତାରେ ଚାଲିଥିବା ପ୍ରଧାନମନ୍ତ୍ରୀ ମତ୍ସ୍ୟସଂପଦ ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟଗୁଡ଼ିକ ଉପରେ ମନ୍ତ୍ରୀ ଅବଗତ ହୋଇଥିଲେ। ମତ୍ସ୍ୟ କ୍ଷେତ୍ର ସହ ଜଡ଼ିତ ରାଜ୍ୟର ସମସ୍ତ ହିତାଧିକାରୀମାନଙ୍କ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସୁଚାରୁ ରୂପେ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ସମୀକ୍ଷା ବୈଠକରେ ବିଭିନ୍ନ ସୂଚନା ଦେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ଅନୁରୂପ ଭାବରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀ ନେଇ ସମୀକ୍ଷା କରିଥିଲେ। ପ୍ରାଣୀ ପ୍ରଜନନ, ଟୀକାକରଣ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ, ପ୍ରାଣୀଚିକିତ୍ସାସେବାକୁ ସୁଦୃଢ଼ କରିବା ନିମନ୍ତେ ଉଲ୍ଲେଖ କରିବା ସହିତ ସେ ପ୍ରାଣୀକଲ୍ୟାଣ ପାଇଁ ଆନିମାଲ୍ସ ହେଲ୍‌ପ ଲାଇନର ନିରନ୍ତର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ କହିଥିଲେ। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ଓ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ବୋହୂଙ୍କୁ ବିଜେପି ଟିକଟ

ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ): ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ତାଲିକାରେ ମୋଟ ୬୬ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ରହିଛି। ବିଜେପି ରାଜ୍ୟର ୮୧ଟି ଆସନରୁ ୬୮ଟିରେ ଲଢ଼ିବ ଓ ସହଯୋଗୀଙ୍କ ପାଇଁ ବାକି ଆସନ ଛାଡ଼ିବାକୁ ନିଷ୍ପତ୍ତି ନେଇଛି।

ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପୂର୍ବତନ ସହଯୋଗୀ ଚମ୍ପାଇ ସୋରେନ ସଢ଼େଇକଳା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖ୍ୟ ବାବୁଲାଲ ମାରାଣ୍ଡି ଧନୱାର ଆସନରୁ ଟିକେଟ ପାଇଛନ୍ତି। ଉଭୟ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ। ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ଦାସ ସାହୁଙ୍କୁ ଜାମସେଦପୁର ଇଷ୍ଟରୁ ବିଜେପି ଟିକେଟ ଦେଇଛି। ଜଗନ୍ନାଥପୁରରୁ ଗୀତା କୋଡା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଦର୍ଶନ ଭଗତ ବିଜେପି ଟିକେଟରେ ଗୁମଲାରୁ ଲଢ଼ିବେ। ଝାଡ଼ଖଣ୍ଡରେ ଦୁଇଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ।

# ଓଡ଼ିଶାରେ ପ୍ରଥମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ



ଭୁବନେଶ୍ୱର, ୧୯।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବ ପ୍ରବାସୀ ଭାରତୀୟ ଦିବସ। ୨୦୨୫ ମସିହା ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୧୮ ତମ ପ୍ରବାସୀ ଭାରତୀୟ ଦିବସ ଜନତା ମୈଦାନରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଉକ୍ତ ସମାରୋହ ବହୁ ଆଲୋଚିତ ମେକ୍ ଇନ୍ ଓଡ଼ିଶା ଏବଂ ଉତ୍କର୍ଷ ଓଡ଼ିଶାକୁ ବଳ ଯୋଗାଇବ। ଏଥି ପାଇଁ ବିଦେଶ ମନ୍ତ୍ରାଳୟ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ଅନୁମୋଦନ କରିଛନ୍ତି।

ସମାରୋହର ପ୍ରସ୍ତୁତି ସଂପର୍କରେ ଗୁରୁବାର ଅପରାହ୍ନରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗଶ୍ରୀ ସତ୍ୟବ୍ରତ ସାହୁଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଭାରତର ବିକାଶରେ ପ୍ରବାସୀ ଭାରତୀୟମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ଲାଗି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ୧୯୧୫ ଜାନୁଆରୀ ୯ ରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିଥିବା ସ୍ମୃତିରେ ପ୍ରବାସୀ ଭାରତୀୟ ଦିବସ ୨୦୦୩ରୁ ଅନୁଷ୍ଠିତ ହୋଇଆସୁଛି। ୨୦୧୫ ପରଠାରୁ ଏହା ପ୍ରତି ୨ ବର୍ଷରେ ଥରେ ଅନୁଷ୍ଠିତ ହେଉଛି ଏବଂ ଅଦ୍ୟାବଧି ୧୭ ଥର ଏହା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇସାରିଛି। ୨୦୨୩ରେ ଏହା ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଅନୁଷ୍ଠିତ ହୋଇଥିଲା।

ଭାରତପ୍ରତି ପ୍ରବାସୀଭାରତୀୟଙ୍କ ଚିନ୍ତାଧାରାକୁ ଦେଶବାସୀଙ୍କ ନିକଟରେ ପ୍ରକାଶ କରିବା ସହିତ ସକରାତ୍ମକ କଥାବାର୍ତ୍ତା ପାଇଁ ଏକମଞ୍ଚ ଯୋଗାଇବା, ନିଜନିଜ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟମାନଙ୍କୁ ସମ୍ମାନିତ କରିବା, ସେମାନଙ୍କୁ ଦେଶବାସୀଙ୍କ ଆଶା ବିଷୟରେ ଜଣାଇବା, ଭାରତର ଯୁବପିଢ଼ିକୁ ପ୍ରବାସୀ ଭାରତୀୟମାନଙ୍କ ସହିତ ସଂଯୋଗ କରିବା ଆଦି ପ୍ରସଙ୍ଗରେଏହି ସମ୍ମିଳନୀ ଗୁରୁତ୍ୱ ବହନକରେ।

ଏହି ବୃହତ୍ କାର୍ଯ୍ୟକ୍ରମର ପ୍ରାରମ୍ଭିକ ପ୍ରସ୍ତୁତି ନିମନ୍ତେ ଆଲୋଚନା ପାଇଁ ବିଦେଶ ମନ୍ତ୍ରାଳୟର ୫ ଜଣିଆ ଅଧିକାରୀ ପ୍ରତିନିଧି ଦଳ ସେପ୍ଟେମ୍ବର ୨୫ରୁ ୨୭ତାରିଖ ଯାଏ ଓଡ଼ିଶାରେ ରହି ମୁଖ୍ୟ ଶାସନ ସଚିବ ଓ ଅନ୍ୟ ସଚିବମାନଙ୍କ ସଙ୍ଗେ ଆଲୋଚନା କରିବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରବାସୀ ଭାରତୀୟ ସମ୍ମିଳନୀରେ ପ୍ରାୟ ୫୦୦୦ ଅଂଶଗ୍ରହଣକାରୀ ଭାଗନେବେ। ବିଦେଶରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଯୋଗଦେବେ। ପ୍ରଥମ ଦିବସରେ 'ଯୁବ ପ୍ରବାସୀ ଭାରତୀୟ ଦିବସ', ୨ୟ ଦିବସରେ ୧୮ତମ ପ୍ରବାସୀ ଭାରତୀୟ ଦିବସର ମୁଖ୍ୟ ସମାରୋହ ଓ ୩ୟ ଦିନରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସରେ ପ୍ରଧାନମନ୍ତ୍ରୀ ଯୋଗଦେଇ ପ୍ରବାସୀ ଭାରତୀୟ ତୀର୍ଥ ଏକ୍ସପ୍ରେସ୍ର ଡିଜିଟାଲ ଫ୍ଲାଗଅପ କରିବେ।

## ମେକ୍‌ଇନ୍ ଓଡ଼ିଶା-ଉତ୍କର୍ଷ ଓଡ଼ିଶାକୁ ବଳ ଦେବ

# ଆରାଧନା ଦାସ ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ ଦ୍ୱିତୀୟ ରନର୍-ଅପ୍




ଦୁବାଇ, ୧୯।୧୦: ଦୁବାଇରେ ସେପ୍ଟେମ୍ବର ୮ରେ ଅନୁଷ୍ଠିତ ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ ଫାଇନାଲ୍‌ରେ ଓଡ଼ିଆ ଝିଅ ଆରାଧନା ଦାସ ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ ଦ୍ୱିତୀୟ ରନର୍-ଅପ୍ ମୁକୁଟ ହାସଲ କରିଛନ୍ତି । ମିସେସ୍ ଇଣ୍ଡିଆ ମିଡିଲ୍ ଇଷ୍ଟ ପ୍ରତିଯୋଗିତାରେ ପୋଡିୟମ୍ ଫିନିଶ୍ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ମହିଳା। ଚଳିତ ବର୍ଷ ପ୍ରତିଯୋଗିତାର ଦ୍ୱିତୀୟ ସିଜନ୍ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଭାରତୀୟ ମହିଳାଙ୍କ ସୌନ୍ଦର୍ଯ୍ୟ, ବୁଦ୍ଧି ଏବଂ ସାଂସ୍କୃତିକ ଐତିହ୍ୟ ଜ୍ଞାନକୁ ସମ୍ମାନିତ କରିବା ପାଇଁ ଉଦ୍ଦିଷ୍ଟ। ବିବାହିତ ଭାରତୀୟ ମହିଳାମାନେ ଏଥିରେ ଭାଗ ନେଇଥିଲେ। ଆରାଧନା ବିଜୟୀ ହୋଇ ଓଡ଼ିଶାକୁ ଗର୍ବିତ କରିଛନ୍ତି।

## ବରିଷ୍ଠ ସେବାୟତଙ୍କୁ ଆକ୍ରମଣ

# ପନ୍ତିବଡ଼ୁ ସେବକଙ୍କୁ ଶ୍ରୀମନ୍ଦିର ବାରଣ

ପୁରୀ, ୧୯।୧୦ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ବରିଷ୍ଠ ସେବାୟତ ତଥା ସୁପରଭାଇଜର ବକ୍ସି ରାମଚନ୍ଦ୍ର ପ୍ରତିହାରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆକ୍ରମଣରେ ସମ୍ପୃକ୍ତି ଅଭିଯୋଗରେ ପନ୍ତିବଡ଼ୁ ସେବକ ଚନ୍ଦନ ସାମନ୍ତରାଙ୍କୁ ନିଲମ୍ବିତ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।

ଏଥିସହ ମହାପ୍ରଭୁଙ୍କ ସେବା ପୂଜାରୁ ତାଙ୍କୁ ନିଲମ୍ବିତ କରାଯାଇଛି। ଶ୍ରୀମନ୍ଦିର ପରିସର କିମ୍ବା ଶ୍ରୀମନ୍ଦିର ରୋଷରେ ତାଙ୍କ ପ୍ରବେଶ ଉପରେ ବି ନିଷିଦ୍ଧାଦେଶ ଜାରି କରାଯାଇଛି। ବରିଷ୍ଠ ସେବାୟତଙ୍କୁ ଆକ୍ରମଣ ଘଟଣାରେ ପନ୍ତିବଡ଼ୁ ସେବକ ଚନ୍ଦନଙ୍କ ସଂପୃକ୍ତି ଥିବା ନେଇ ଜଣାପଡ଼ିବା ପରେ ମୁଖ୍ୟ ପ୍ରଶାସକ ଏପରି କର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପରବର୍ତ୍ତୀ ସମୟରେ ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତି ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସକ କହିଛନ୍ତି। ଗତକାଲି ପଶ୍ଚିମ ଦ୍ୱାର ନିକଟରେ ବରିଷ୍ଠ ସେବାୟତ ରାମଚନ୍ଦ୍ର ପ୍ରତିହାରୀଙ୍କୁ ଆକ୍ରମଣ କରିଥିଲେ କିଛି ଦୁର୍ବୃତ୍ତ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କେଉଁ କାରଣ ପାଇଁ ରାମଚନ୍ଦ୍ରଙ୍କୁ ଆକ୍ରମଣ କରାଯାଇଛି ତାହାର କାରଣ ସ୍ପଷ୍ଟ ହୋଇନାହିଁ।



# ଜାନୁଆରୀ ୩ରୁ ଧନୁଯାତ୍ରା

ବରଗଡ଼, ୧୯।୧୦ (ସଂଚାର ବ୍ୟୁରୋ): ବରଗଡର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା-୨୦୨୫ ପାଇଁ ତାରିଖ ଘୋଷଣା ହୋଇଛି। ଜାନୁଆରି ୩ ତାରିଖରୁ ଧନୁଯାତ୍ରା ଆରମ୍ଭ ହେବ। ଏକାଦଶ ଦିବସୀୟ ଏହି ମୁକ୍ତାକାଶ ରଂଗମଞ୍ଚ ୧୩ ତାରିଖ ଯାଏଁ ଜାରି ରହିବ। ୧୧ ଦିନ ଧରି ବରଗଡରେ ଚାଲିବ ଏହି ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ମହାରାଜ କଂସଙ୍କ ସଂଳାପରେ ପ୍ରକମ୍ପିତ ହେବ ଗଗନ ପବନ। ମହାରାଜ କଂସଙ୍କ ରାଜୁତି ଚାଲିବ ବରଗଡରେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧନୁଯାତ୍ରାର ପ୍ରଥମ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବୈଠକରେ ୨୦୨୩-୨୪ ଆୟ ବ୍ୟୟ ଖର୍ଚ୍ଚ ବାବଦରେ ଆଲୋଚନା ହୋଇଛି। ଚଳିତବର୍ଷ ଏହି ଧନୁଯାତ୍ରାକୁ କିଭଳି ସରସ ସୁନ୍ଦର କରାଯିବ ସେନେଇ ସଦସ୍ୟଙ୍କ ସହ ଆଲୋଚନା କରାଯାଇଛି। ସବୁ ବିଭାଗ ସହିତ ସମନ୍ୱୟ ରଖି କିଭଳି ଧନୁଯାତ୍ରା ସୁଚାରୁ ରୂପେ ଶେଷ କରାଯିବ ସେନେଇ ପ୍ରଥମ ବୈଠକରେ ଆଲୋଚନା ହୋଇଛି। ଚଳିତବର୍ଷ ମହାରାଜ କଂସ ଭୂମିକାରେ ହୃଷୀକେଶ ଭୋଇ ଅଭିନୟ କରିବେ।

# କ୍ରିକେଟ ବଲ ଆଣିବାକୁ ଯାଇ ବୁଡ଼ିଗଲେ ୩ ସାଙ୍ଗ

ବାରିପଦା, ୧୯।୧୦ (ସଂଚାର ବ୍ୟୁରୋ): କ୍ରିକେଟ୍ ବଲ୍ ଆଣିବାକୁ ଯାଇ ସୁବର୍ଣ୍ଣରେଖା କେନାଲ୍‌ରେ ବୁଡ଼ିଗଲେ ୩ ସାଙ୍ଗ। ଶନିବାର ଅପରାହ୍ଣରେ ଏପରି ହୃଦୟବିଦାରକ ଘଟଣା ମୟୂରଭଞ୍ଜ ଜିଲ୍ଲାରେ ଘଟିଛି। ୩ ସାଙ୍ଗଙ୍କ ବୟସ ୧୨ରୁ ୧୪ ବର୍ଷ ହେବ। ସାରସକଣା ବ୍ଲକ୍ ନୂଆଗାଁର ଶ୍ରୀୟାଂଶୁ ସାହୁ, ମଦନ ସାହୁ ଓ ସାଇଶଙ୍କର ସାହୁ ସୁବର୍ଣ୍ଣରେଖା କେନାଲ ପାଖରେ କ୍ରିକେଟ୍ ଖେଳୁଥିଲେ। ଖେଳୁଥିବା ବେଳେ ହଠାତ୍ କ୍ରିକେଟ୍ ବଲଟି କେନାଲ୍ ପାଣିରେ ପଡ଼ିଥିଲା। ଏହା ପରେ ୩ ସାଙ୍ଗ ବଲ୍ ଆଣିବା ପାଇଁ ହାତ ଧରାଧରି ହୋଇ କେନାଲ୍ ଭିତରେ ପଶିଥିଲେ। ହେଲେ କେନାଲ୍‌ରୁ ବାହାରି ପାରିନଥିଲେ। କେନାଲ୍‌ର ଗଭୀର ପାଣିରେ ତିନି ସାଙ୍ଗ ହାତ ଧରାଧରି ହୋଇ ବୁଡି ଯାଇଥିଲେ।

ତିନି ସାଙ୍ଗଙ୍କ ଚିତ୍କାର ଶୁଣି ଗାଁର କିଛି ଯୁବକ କେନାଲ୍‌ରେ ଖୋଜାଖୋଜି କରି ଚେତାଶୂନ୍ୟ ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

## ମାମଲା ହାରିବା-ସରକାରଙ୍କ ପାଇଁ ମୁଣ୍ଡବିନ୍ଧା

# ଅପରାଧିକ ମାମଲାରେ ଦଣ୍ଡବିଧାନ ହାର ନଗଣ୍ୟ

ଭୁବନେଶ୍ୱର, ୧୯।୧୦ : ସଂଖ୍ୟାଧିକ ମାମଲାରେ ଆଇନ୍ ଅଦାଲତରେ ରାଜ୍ୟ ସରକାର ହାରିବା, ସରକାରୀ ଅଧିକାରୀମାନଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ସଂଖ୍ୟା ବଢ଼ିବା, ମୋଟାମୋଟି ଭାବେ କମ୍ ମାମଲା ଫଏସଲା ହେଉଥିବାବେଳେ ଅଧିକ ସଂଖ୍ୟକ ମାମଲା ରୁଜୁ ହେଉଛି। ଫଳରେ ମାମଲା ସଂଖ୍ୟା ବୃଦ୍ଧିପାଇବା ଏବଂ ବିଶେଷକରି ଅପରାଧିକ ମାମଲାରେ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହିବା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

ସରକାରୀ ତଥ୍ୟ ମୁତାବକ ଏବେ ରାଜ୍ୟର ବିଭିନ୍ନ ଆଇନ୍ ଅଦାଲତରେ ୨୦ଲକ୍ଷରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ସେଥିରୁ ୧୫ଲକ୍ଷରୁ ଅଧିକ ହେଉଛି ଅପରାଧିକ ମାମଲା। ମହିଳାଙ୍କ ପ୍ରତି ବଢ଼ି ଚାଲିଥିବା ଅପରାଧ ଘେନି ସରକାରୀ ଓ ବେସରକାରୀ ମହଲରେ ଉଦବେଗପ୍ରକାଶ ପାଉଥିବାବେଳେ ଏଭଳି କିସମର ୨ଲକ୍ଷରୁ ଅଧିକ ମାମଲା ପଡ଼ି ରହିଛି। ଏଥିରୁ ବର୍ଷରେ ୫ ପ୍ରତିଶତ ମାମଲା ଫଏସଲା ହୋଇପାରୁ ନ ଥିବାବେଳେ ଦଣ୍ଡବିଧାନ ହାର ବି ୧୦ ପ୍ରତିଶତରୁ କମ୍ ରହିବା ଏନ୍‌ସିଆର୍‌ବି ତଥ୍ୟ କହୁଛି।



ଅଭିଯୋଗ ଫଏସଲା ପ୍ରକ୍ରିୟା ସକାରାତ୍ମକ ନ ଥିବାରୁ ଉଭୟ ଦେୱାନୀ ଓ ଫୌଜଦାରୀ ମାମଲା ସମେତ ଚାକିରି ସର୍ତ୍ତାବଳୀ ଓ ପେନସନ ସଂକ୍ରାନ୍ତୀୟ ମାମଲା ବି ବଢ଼ି ଚାଲୁଛି। ଆଇନ୍ ବିଶେଷଜ୍ଞମାନେ କହୁଛନ୍ତି ଯେ ତଦନ୍ତରେ ତ୍ରୁଟିବିଚ୍ୟୁତି ଠାରୁ ଆରମ୍ଭକରି ମାମଲା ପରିଚାଳନାରେ ଦୁର୍ବଳତା, ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବାରେ ସରକାରୀକଳର ସକ୍ରିୟତାର ଅଭାବ ଆଦି କାରଣରୁ ସଂଖ୍ୟାଧିକ ମାମଲାରେ ସରକାର ହାରୁଛନ୍ତି।

ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସ୍ୱୀକାର କରିଛନ୍ତି ଯେ ତଳୁ ଉପର ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟାର ଅଧିକାରୀମାନଙ୍କ ବିରୁଦ୍ଧରେ ଏବେ ପାଖାପାଖି ୨ହଜାର ଅଦାଲତ ଅବମାନନା ମାମଲା ପଡ଼ି ରହିଛି। ଏହା ପଦସ୍ଥ ଅଧିକାରୀମାନଙ୍କର ମୁଣ୍ଡବିନ୍ଧାର ପ୍ରମୁଖ କାରଣ ହେଉଛି। ଅନେକ କ୍ଷେତ୍ରରେ ଠିକଣା ସମୟ ଭିତରେ ହାରିଥିବା ମାମଲା ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟରେ ଏସଏଲ୍‌ପି ଦାଖଲ କରାଯାଇ ପାରୁନଥିବାରୁ ଏହା ସହଜରେ ଖାରଜ ହୋଇଯାଉଛି। ଯେଉଁ ସମୟସୀମା ମଧ୍ୟରେ ଆଇନ୍ ଅଦାଲତ ତାଙ୍କ ନିର୍ଦ୍ଦେଶ ପାଳନପାଇଁ କହୁଛନ୍ତି ଅଧିକାଂଶ କ୍ଷେତ୍ରରେ ଅମଲାତାନ୍ତ୍ରିକ ମନ୍ଥରତା ଓ ନକରାତ୍ମକ ମନୋଭାବ ଯୋଗୁଁ ତାହାର ଠିକଣା ଅନୁପାଳନ କରାଯାଇ ପାରୁନାହିଁ। ଆଉ କେତେକ କ୍ଷେତ୍ରରେ ବିଭିନ୍ନ ବିଭାଗ ଓ ଦପ୍ତର ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ସମସ୍ୟା ଉପୁଜୁଛି।

ବରିଷ୍ଠ ଅଧିକାରୀମାନେ ଏକଥା ମଧ୍ୟ ସ୍ୱୀକାର କରୁଛନ୍ତି ଯେ ସରକାରଙ୍କ ମାମଲା ପରିଚାଳନା ପାଇଁ ଅଧିବକ୍ତା ନିଯୁକ୍ତି ସମୟରେ ସଂଖ୍ୟାଧିକ କ୍ଷେତ୍ରରେ ଦକ୍ଷତା, ଅଭିଜ୍ଞତା ଓ ସଚ୍ଚୋଟତାକୁ ଉପେକ୍ଷାକରି ରାଜନୈତିକ ଥଇଥାନ ପ୍ରମୁଖ ପ୍ରସଙ୍ଗ ହେଉଥିବାରୁ ସରକାରଙ୍କୁ ଅପଦସ୍ତ ହେବାକୁ ପଡୁଛି। ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟରେ ନୂଆ ସରକାର ଗଢ଼ାଯିବାର ଇତି ମଧ୍ୟରେ ୫ମାସ ଚାଲିଥିଲେ ମଧ୍ୟ ଆଡଭୋକେଟ ଜେନେରାଲଙ୍କ ବ୍ୟତିତ ଅନ୍ୟ କୌଣସି ସରକାରୀ ଓକିଲଙ୍କୁ କୌଣସି ଅଦାଲତ ପାଇଁ ନିଯୁକ୍ତି ଦିଆଯାଇ ପାରିନାହିଁ।

ଇତି ମଧ୍ୟରେ ରାଜ୍ୟ ସରକାର ଆଇନ୍ କମିଶନ ଦୁଇମାସ ମଧ୍ୟରେ ଗଠନ କରିବେ ବୋଲି ଘୋଷଣା କରିଛନ୍ତି। କମିଶନରେ ନିଯୁକ୍ତି ପାଇଁ ବି ଆଶାୟୀଙ୍କ ସଂଖ୍ୟା ବଢ଼ୁଛି। ତେଣେ ସରକାରୀ ଓକିଲ ପ୍ୟାନେଲରେ ନିଯୁକ୍ତି ପାଇବା ଲାଗି ଆଶାୟୀମାନେ ରାଜନୈତିକ ଲବି ଜୋରଦାର କରୁଥିବା ଦେଖାଯାଉଛି। ଦୀର୍ଘବର୍ଷ ଧରି ଏଭଳି ପରମ୍ପରା ଚାଲି ଆସୁଥିବାରୁ ଦୁର୍ବଳ ମାମଲା ପରିଚାଳନା ଯୋଗୁଁ ସରକାର ବହୁ କ୍ଷେତ୍ରରେ ହାରିବା ସହିତ ଅପଦସ୍ଥ ହେଉଥିବା ପରିପ୍ରେକ୍ଷୀରେ ଏଥର କେବଳ ଦକ୍ଷ ଓ ଯୋଗ୍ୟ ବ୍ୟକ୍ତିମାନଙ୍କୁ ବାଛି ବାଛି ନିଯୁକ୍ତି ଦିଆଯିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।(ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର


# ଅଫିସ ଆସିବାକୁ ଚାହୁଁନଥିଲେ ଚାକିରି ଛାଡ: ଆମାଜନ




**ନୂଆଦିଲ୍ଲୀ, ୧୯।୧୦:** କରୋନା ଅବଧିରେ, କମ୍ପାନୀଗୁଡିକ ନିଜ କର୍ମଚାରୀମାନଙ୍କୁ ଘରୁ କାର୍ଯ୍ୟ କରିବାର ସୁବିଧା ଦେଇଥିଲେ। ବର୍ତ୍ତମାନ କର୍ମଚାରୀମାନେ ଏହି ସୁବିଧାକୁ ଏତେ ପସନ୍ଦ କରୁଛନ୍ତି ଯେ ସେମାନେ ଅଫିସକୁ ଫେରିବାକୁ ଚାହୁଁନାହାଁନ୍ତି। ମହାମାରୀ ପରେ ପରିସ୍ଥିତି ସ୍ୱାଭାବିକ ହେବାପରେ କମ୍ପାନୀଗୁଡିକ ହାଇବ୍ରିଡ୍ କାର୍ଯ୍ୟ ପ୍ରକ୍ରିୟା ପ୍ରୟୋଗ କରିଥିଲେ। ଅର୍ଥାତ ଏଥିରେ ଅଫିସରୁ କିଛି ଦିନ ଏବଂ ଘରୁ କିଛି ଦିନ କାମ କରିବାକୁ ପଡିଲା। ଏହା ପରେ କମ୍ପାନୀଗୁଡିକ ଧୀରେ ଧୀରେ କର୍ମଚାରୀମାନଙ୍କୁ ଅଫିସ୍ କୁ ଡାକିବା ଆରମ୍ଭ କଲେ। କିନ୍ତୁ ଆଜି ବି ଅନେକ କମ୍ପାନୀର କର୍ମଚାରୀମାନେ ଘରୁ କାମ କରୁଛନ୍ତି। ଏହାର ଅନେକ ଲାଭ ହେତୁ ସେମାନେ ୱାର୍କ ଫ୍ରମ ହୋମକୁ ପସନ୍ଦ କରନ୍ତି। ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ଇ-କମର୍ସ କମ୍ପାନୀ ଆମାଜନର ଏଡ଼ବ୍ଲ୍ୟୁଏସ ସିଇଓ କର୍ମଚାରୀମାନଙ୍କୁ ଅଫିସକୁ ଆସିବାକୁ ଚାହୁଁ ନଥିଲେ କମ୍ପାନୀ ଛାଡିବାକୁ କହିଛନ୍ତି।

ଆମାଜନର ଏଡ଼ବ୍ଲ୍ୟୁଏସ ସିଇଓ ମ୍ୟାଟ ଗାରମାନ ସପ୍ତାହରେ ୫ ଦିନ ଅଫିସ୍ରୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ଯିଏ ଏହି ନୀତିକୁ ସମର୍ଥନ କରୁନାହାଁନ୍ତି ସେ କମ୍ପାନୀ ଛାଡି ପାରିବେ। ବଜାରରେ ଅନେକ କମ୍ପାନୀ ଅଛି। ଗାରମାନ କହିଛନ୍ତି ଯେ ଯଦି ଏପରି ଲୋକ ଅଛନ୍ତି ଯେଉଁମାନେ ଏହି ପରିବେଶରେ ଭଲ କାମ କରିବାକୁ ଚାହାଁନ୍ତି ନାହିଁ ତେବେ ଠିକ ଅଛି। ବଜାରରେ ଅନ୍ୟାନ୍ୟ କମ୍ପାନୀ ଅଛି। ସେ ଆହୁରି କହିଛନ୍ତି, 'ମୁଁ ଏହା ଏକ ଖରାପ ଢଙ୍ଗରେ କହୁନାହିଁ। ଆମେ ଏକ ପରିବେଶ ଚାହୁଁ ଯେଉଁଠାରେ ଆମେ ଏକାଠି କାମ କରୁ।

ଗାରମାନ ଆହୁରି କହିଛନ୍ତି, 'ଯେତେବେଳେ ଆମେ ବାସ୍ତବରେ କୌତୁହଳପ୍ରଦ ଉତ୍ପାଦ କରିବାକୁ ଚାହୁଁ, ସେତେବେଳେ ଅଫିସରେ ଏକାଠି କାମ କରିବା ଜରୁରୀ ।' ସପ୍ତାହରେ ୫ ଦିନ ଅଫିସରୁ କାମ କରିବାର ନୀତିକୁ ଅନେକ ଆମାଜନ୍ କର୍ମଚାରୀଙ୍କୁ କ୍ରୋଧିତ କରିଛି। କର୍ମଚାରୀମାନେ କହିଛନ୍ତି ଯେ ଅଫିସରୁ କାମ ଯାତାୟାତରେ ସମୟ ନଷ୍ଟ କରିଥାଏ ଏବଂ ଅଫିସରୁ କାମ କରିବାର ଲାଭ ବିଷୟରେ କୌଣସି ତଥ୍ୟ ନାହିଁ। ଆମାଜନ ପୂର୍ବରୁ ଅଫିସରୁ ସପ୍ତାହରେ ୩ ଦିନ କାମ କରିବାର ନୀତି ପ୍ରଣୟନ କରୁଥିଲା, କିନ୍ତୁ ସିଇଓ ଆଣ୍ଡି ଜାସି ଗତ ମାସରେ କହିଥିଲେ ଯେ ଉଦ୍ଭାବନ, ସହଯୋଗ ଏବଂ ସଂଯୁକ୍ତ ରହିବା ପାଇଁ ଆମେ ସପ୍ତାହରେ ୫ ଦିନ ଅଫିସରୁ କାର୍ଯ୍ୟ କରିବୁ। ୱାଲମାର୍ଟ ପରେ ଆମାଜନ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ଘରୋଇ ନିଯୁକ୍ତିଦାତା।




# ୧୦ ବର୍ଷରେ ପ୍ରତ୍ୟକ୍ଷ ଟିକସ ୧୮୨% ବଢ଼ିଛି

**ନୂଆଦିଲ୍ଲୀ, ୧୯।୧୦:** ଗତ ଦଶନ୍ଧିରେ ଦେଶରେ ପ୍ରତ୍ୟକ୍ଷ ଟିକସ ଆଦାୟରେ ୧୮୨ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୪-୧୫ରେ ନିଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ରାଶି ୬.୯୫ ଲକ୍ଷ କୋଟି ଟଙ୍କା ରହିଥିଲା। କିନ୍ତୁ ୨୦୨୩-୨୪ରେ ଏହା ୧୯.୬୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ମୁଖ୍ୟତଃ ବ୍ୟକ୍ତିଗତ ଆୟକର ବୃଦ୍ଧି ପାଇଁ ଏହା ହୋଇଛି। ଗତ ଦଶନ୍ଧିରେ ବ୍ୟକ୍ତିଗତ ଆୟକରରେ ୨୯୪.୩ ପ୍ରତିଶତ ବୃଦ୍ଧି ଘଟି ୨୦୨୩-୨୪ରେ ୧୦.୪୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୪-୧୫ରେ ବ୍ୟକ୍ତିଗତ ଆୟକର ରାଶି ୨.୬୫ ଲକ୍ଷ କୋଟି ଟଙ୍କା ରହିଥିଲା।

- ଟିକସ-ଜିଡିପି ଅନୁପାତ ୬.୬୪%
- ବ୍ୟକ୍ତିଗତ ଆୟକର ବଢ଼ିଛି ୨୯୪%
- ଟିକସ-ଜିଡିପି ଅନୁପାତ ୬.୬୪%

ସେହିଭଳି କମ୍ପାନି ଟିକସ ଆଦାୟ ରାଶିରେ ୧୧୨.୮୫ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୪-୧୫ରେ କମ୍ପାନି ଟିକସ ରାଶି ୪.୨୯ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୩-୨୪ରେ ୯.୧୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆୟକର ରିଟର୍ଣ୍ଣ ଦାଖଲ ସଂଖ୍ୟା (ସଂଶୋଧିତ ରିଟର୍ଣ୍ଣ ଦାଖଲ ସମେତ) ୨୦୧୪-୧୫ରେ ୪.୦୪ କୋଟି ରହିଥିଲା। ୨୦୨୩-୨୪ରେ ଏହା ୮.୬୧ କୋଟିକୁ ବୃଦ୍ଧି ପାଇଛି। ୨୦୧୪-୧୫ରେ ପ୍ରତ୍ୟକ୍ଷ ଟିକସ ଓ ଜିଡିପି ଅନୁପାତ ୫.୫୫ ପ୍ରତିଶତ ରହିଥିଲା। ୨୦୨୩-୨୪ରେ ଏହା ୬.୬୪ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରତ୍ୟକ୍ଷ ଟିକସର ଯୋଗଦାନ ବଢ଼ିବାରେ ଲାଗିଛି। ଦେଶରେ ଟିକସଦାତାଙ୍କ ସଂଖ୍ୟା ୨୦୧୪-୧୫ ଆକଳନ ବର୍ଷରେ ୫.୭୦ କୋଟି ରହିଥିଲା। କିନ୍ତୁ ୨୦୨୩-୨୪ ଆକଳନ ବର୍ଷରେ ଏହା ୧୦.୪୧ କୋଟିରେ ପହଞ୍ଚିଛି।

# ତନିସ୍କର ୩ ନୂଆ ଷ୍ଟୋର୍‌ର ଶୁଭାରମ୍ଭ




**ଭୁବନେଶ୍ୱର,୧୯।୧୦:** ଟାଟାର ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୩ଟି ନୂଆ ଷ୍ଟୋରର ଶୁଭାରମ୍ଭ କରିଛି। ଶୁକ୍ରବାର ଭୁବନେଶ୍ୱରର ପାତ୍ରପଡ଼ା ଓ କଟକ ସିଡିଏସ୍ଥିତ ସେକ୍ଟର-୧ ଷ୍ଟୋରକୁ ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ, ପୂର୍ବ କ୍ଲଷ୍ଟର ବ୍ୟବସାୟ ମୁଖ୍ୟ ଆଲୋକ ରଞ୍ଜନ, ବିଜ୍‌ନେସ୍ ଆସୋସିଏଟ ମନଜିତ ସିଂହ ଓ ବିଜ୍‌ନେସ୍ ଆସୋସିଏଟ ଅବିନାଶ ଛପୋଲିଆ ଉଦ୍‌ଘାଟନ କରିଛନ୍ତି। ସେହିପରି ଗୁରୁବାର ଢେଙ୍କାନାଳ କୁଞ୍ଜକାନ୍ତ ନିକଟ କଲେଜ ରୋଡ୍‌ସ୍ଥିତ ଷ୍ଟୋରକୁ ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ, ପୂର୍ବ କ୍ଲଷ୍ଟର ବ୍ୟବସାୟ ମୁଖ୍ୟ ଆଲୋକ ରଞ୍ଜନ ଓ ବିଜ୍‌ନେସ୍ ଆସୋସିଏଟ ଅଙ୍କିତ ପୋଦ୍ଦାର ଉଦ୍‌ଘାଟନ କରିଥିଲେ। ନୂଆ ଷ୍ଟୋର ଖୋଲିବା ଅବସରରେ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି । ଗ୍ରାହକମାନେ ସୁନା ଅଳଙ୍କାର ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ଭାରତର କୌଣସି ଗହଣା ବ୍ୟବସାୟୀଙ୍କଠାରୁ କିଣାଯାଇଥିବା ପୁରୁଣା ସୁନା ଉପରେ ୧୦୦% ମୂଲ୍ୟ ପାଇପାରିବେ ବୋଲି ଘୋଷଣା କରାଯାଇଛି। ଅତିରିକ୍ତ ଭାବେ ଗ୍ରାହକମାନେ ସୁନା ଅଳଙ୍କାର କ୍ରୟ ଉପରେ ପ୍ରତି ଗ୍ରାମରେ ୧୦୧ ଟଙ୍କା ରିହାତି ପାଇପାରିବେ । ଏହି ଅଫର ୨୦୨୪ ଅକ୍ଟୋବର ୧୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ ବୈଧ ରହିବ। ମୋଟ ୧୪,୨୦୦ ବର୍ଗଫୁଟ ପରିମିତ ଏହି ବୃହତ୍ ଫର୍ମାଟ ଷ୍ଟୋରଗୁଡ଼ିକରେ ସୁନା, ହୀରା, କୁନ୍ଦନ ଏବଂ ପୋଲକି ସମେତ ସ୍ୱତନ୍ତ୍ର ଡିଜାଇନର ଗହଣା ଉପଲବ୍ଧ ହୋଇଛି। ଏହି ଷ୍ଟୋରଗୁଡ଼ିକରେ 'ଦୋର' ଓ 'ନବ-ରାନୀ' ଭଳି କଲେକ୍ସନ ରହିଛି। ଏହାବ୍ୟତୀତ ଏହି ଷ୍ଟୋରଗୁଡ଼ିକରେ 'ଷ୍ଟ୍ରିଙ୍ଗ୍ ଇଟ୍' ସହିତ 'ଗ୍ଲାମଡେଜ' ସହ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଗହଣା 'ଅବୀର' ଏବଂ ବିବାହ ଉସତ୍ଵ ପାଇଁ ସ୍ୱତନ୍ତ୍ର ଅଳଙ୍କାର ସବ୍-ବ୍ରାଣ୍ଡ 'ରିଭା' କଲେକ୍ସନ ରହିଛି।

ଉଦ୍‌ଘାଟନୀ ଅବସରରେ ପୂର୍ବାଞ୍ଚଳ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ କହିଛନ୍ତି, ତନିସ୍କରେ ଗ୍ରାହକ ସନ୍ତୋଷ ଆମର ସର୍ବୋଚ୍ଚ ପ୍ରାଥମିକତା ଏବଂ ଓଡ଼ିଶାରେ ଏକ ପ୍ରିୟ ଗହଣା ବ୍ରାଣ୍ଡ ଭାବେ ଆମେ ଆମର ଉକତ୍ରୃଷ୍ଟ ସଂଗ୍ରହକୁ ଅଧିକ ସୁଲଭ କରିବା ପାଇଁ ସମର୍ପିତ।

## ପ୍ରାଇମ୍ ଭିଡିଓରେ ସବ୍‌ସ୍କ୍ରିପସନ୍ ପରେ ବି ଦେଖିବାକୁ ମିଳିବ ବିଜ୍ଞାପନ!

**ନୂଆଦିଲ୍ଲୀ, ୧୯।୧୦:** ଖୁବ୍ ଶୀଘ୍ର ଆପଣଙ୍କୁ ଟିଭି ଓ ଫୋନ୍‌ରେ ବିଜ୍ଞାପନ ଦେଖିବା ପାଇଁ ଟଙ୍କା ଦେବାକୁ ହେବ। କାରଣ ଓଟିଟି ପ୍ଲାଟ୍‌ଫର୍ମ ସବ୍‌ସ୍କ୍ରିପସନ୍ ପରେ ବି ଲୋକଙ୍କୁ ବିଜ୍ଞାପନ ଦେଖାଇବାକୁ ଯୋଜନା ହେଉଛି। ଆମେରିକା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, କାନ୍ନାଡ଼ା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ମେକ୍ସିକୋ, ସ୍ପେନ୍ ଏବଂ ୟୁକେ ପରେ ଏବେ ଭାରତରେ ବି ଲାଗୁ ହେବାକୁ ଯାଉଛି। ଏହି ସବୁ ଦେଶରେ ବର୍ଷ ଆରମ୍ଭରୁ ଆମାଜନ୍ ସବ୍‌ସ୍କ୍ରିପ୍‌ସନ ସହିତ ବିଜ୍ଞାପନ ଦେଖାଇବା ଆରମ୍ଭ କରିଦେଇଛି। ଆସନ୍ତାବର୍ଷ ଆରମ୍ଭରେ ଭାରତରେ ବି ଏହା ଲାଗୁ ହେବାକୁ ଯାଉଛି। ଆମାଜନ୍ ନିଶ୍ଚିତ କରିଛି ଯେ ପ୍ରାଇମ୍ ଭିଡିଓ ଖୁବ୍ ଶୀଘ୍ର ଭାରତରେ ବିଜ୍ଞାପନ ଦେଖାଇବା ଆରମ୍ଭ କରିଦେବ। କେବଳ ଭାରତରେ ନୁହେଁ; ବ୍ରାଜିଲ୍, ଜାପାନ, ନେଦରଲାଣ୍ଡ୍ ଓ ନ୍ୟୁଜିଲାଣ୍ଡ୍ ଆଦି ଦେଶରେ ବି ବିଜ୍ଞାପନ ପ୍ରଦର୍ଶିତ ହେବ। ସହଜ ଭାଷାରେ କହିବାକୁ ଗଲେ, ଓଟିଟି ପ୍ଲାଟ୍‌ଫର୍ମରେ ଯେତେ ବି ସବୁ ଭଲ କଣ୍ଟେଣ୍ଟ୍ ରହିବ ସେଥିରେ ବିଜ୍ଞାପନ ଦେଖାଇବ। ତେବେ କମ୍ପାନିର କହିବା କଥା ହେଉଛି ଓଟିଟି ପ୍ଲାଟ୍‌ଫର୍ମରେ ଟିଭି ତୁଳନାରେ କମ୍ ବିଜ୍ଞାପନ ଦେଖାଇବ। କିଛି କଣ୍ଟେଣ୍ଟ୍ ସହିତ ବିଜ୍ଞାପନ ଆସିଲେ ବି ବ୍ୟବହାରକାରୀଙ୍କ ନିକଟରେ ଆଡ୍-ଫ୍ରି ସବ୍‌ସ୍କ୍ରିପସନ୍ ବି ରହିବ। କମ୍ପାନି ଖୁବ୍ ଶୀଘ୍ର ଏହାର ଦର ଘୋଷଣା କରିବ।



# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ ଉଦ୍‌ଘାଟିତ



**ଭୁବନେଶ୍ୱର,୧୯।୧୦:** ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଦଶମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା- ୨୦୨୪ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ଏହି ମେଳାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସଜନ ଶର୍ମା, ଭାଜପା ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଏବଂ ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟଙ୍କ ସହ ଏମ୍‌ଏସ୍‌ଏମ୍‌ଇର ନିର୍ଦ୍ଦେଶକ ପି. କେ .ମିଶ୍ର ଯୋଗଦେଇଥିଲେ। ଏହି ମଲ୍ଟି ସେକ୍ଟର ବିଟୁବି ଏବଂ ବିଟୁସି ପ୍ରଦର୍ଶନୀରେ ୨୫ଟି ରାଜ୍ୟ ଏବଂ ୧୩ଟି ଦେଶରୁ ବ୍ୟବସାୟୀ ଓ ପ୍ରଦର୍ଶନକାରୀ ଯୋଗ ଦେଇଛନ୍ତି। ରିଏଲ ଇଷ୍ଟେଟ, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଉତ୍ପାଦମାନ ପାଇପାରିବେ। ଥାଇ ଫୁଲ, ଆଫଗାନିସ୍ତାନ ଡ୍ରାଏ ଫ୍ରୁଟସ୍, ପାକିସ୍ତାନୀ ଡ୍ରେସ୍, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, ତୁର୍କୀ ମିଠା, କଶ୍ମୀରୀ ଫର୍ନିଚର, ଇରାନୀ ଗହଣା, ମାଲେସିଆର ପାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଏହି ମେଳାରେ ଅଛି । ଫୁଡ୍ ଜୋନ୍‌ରେ ଗ୍ରାହକ ସୁସ୍ୱାଦୁ ଖାଦ୍ୟ ମଜା ପାଇପାରିବେ। ୫୦ହଜାରରୁ ଅଧିକ ପରିଦର୍ଶକ ଏହି ୧୧ ଦିନିଆ ଇଭେଣ୍ଟର ଭରପୂର ଲାଭ ଉଠାଇବା ସହ ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରେ ସୁଲଭ ମୂଲ୍ୟରେ ପାଇପାରିବ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା କହିଛନ୍ତି।

## ଆଦାନୀଙ୍କ ବଡ଼ ଘୋଷଣା

## ଏଣିକି ଶସ୍ତାରେ ବୁକ୍ କରିପାରିବେ ଟ୍ରେନ-ବସ୍ ଟିକେଟ୍

**ନୂଆଦିଲ୍ଲୀ,୧୯।୧୦:** ଯଦି ଆପଣ ସବୁବେଳେ ଯାତ୍ରା କରିବାକୁ ପସନ୍ଦ କରୁଛନ୍ତି, ଆପଣଙ୍କ ପାଇଁ ଖୁସି ଖବର। ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀ ଦ୍ୱାରା ଏକ ଏପରି ଆପ୍ ଲଞ୍ଚ ହୋଇଛି ଯାହାଦ୍ୱାରା ଆପଣ ଶସ୍ତାରେ ଟ୍ରେନ୍, ବସ୍ ଓ ବିମାନ ଟିକେଟ୍ ବୁକିଂ କରିପାରିବେ। ଏଥିପାଇଁ ଆପଣଙ୍କୁ କୌଣସି ପ୍ରିମିୟମ ଚାର୍ଜ ଦେବାକୁ ପଡିବନାହିଁ। ଏହି ଆପ୍‌ର ନାଁ ହେଉଛି ଆଦାନୀ ଓ୍ୱାନ ଆପ୍। ଏଥିରେ ଆପଣ ଟିକେଟ୍ ବୁକିଂ କରିବା ସହ ବିଭିନ୍ନ ଅଫର୍‌ର ମଧ୍ୟ ଫାଇଦା ଉଠାଇପାରିବେ। ଆଉ ଯାତ୍ରାବେଳେ ଖାଦ୍ୟ ଅର୍ଡର କରି ମଧ୍ୟ ଖାଇପାରିବେ। ଆଦାନୀ ଓ୍ୱାନ ଆପ୍‌କୁ ଆଣ୍ଡ୍ରଏଡ କିମ୍ବା ଆଇଓଏସରେ ମଧ୍ୟ ଡାଉଡ଼ଲୋଡ କରିପାରିବେ।




# ଏଣିକି ଏଟିଏମରେ ମିଳିବ ବିଏସଏନଏଲ ସିମ

**ନୂଆଦିଲ୍ଲୀ, ୧୯।୧୦:** ବର୍ତ୍ତମାନ ଉପଭୋକ୍ତାମାନଙ୍କୁ ବିଏସଏନଏଲ ସିମ୍ କାର୍ଡ କିଣିବା ପାଇଁ ଏକ୍ସଚେଞ୍ଜ କିମ୍ବା ଷ୍ଟୋର୍ ଚକ୍କର ଲଗାଇବାକୁ ପଡିବ ନାହିଁ। ସରକାରୀ ଟେଲିକମ୍ କମ୍ପାନୀ ବର୍ତ୍ତମାନ ଏଟିଏମ୍ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ସିମ୍ କାର୍ଡ ପ୍ରଦାନ କରିବ। ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଚାଲିଥିବା ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମସି)ରେ ଭାରତ ସଞ୍ଚାର ନିଗମ ଲିମିଟେଡ ଏହାର ସିମ ଭେଣ୍ଡିଂ ମେସିନ ପ୍ରଦର୍ଶନ କରିଛି। ଉପଭୋକ୍ତାମାନେ ଯେକୌଣସି ସମୟରେ ବିଏସଏନଏଲ ର ସେଲ୍ଫ କେୟାର ଆପ୍ ଏବଂ ସିମ୍ ଭେଣ୍ଡିଂ ମେସିନ୍ ବ୍ୟବହାର କରି ସିମ୍ କାର୍ଡ ପାଇପାରିବେ।

ବିଏସଏନଏଲର ଏହି ସିମ୍ ଭେଣ୍ଡିଂ ମେସିନ୍ ରେଳ ଷ୍ଟେସନ ଏବଂ ବିମାନବନ୍ଦର ପରି ପ୍ରମୁଖ ସର୍ବସାଧାରଣ ସ୍ଥାନରେ ସ୍ଥାପନ କରାଯିବ। ଗ୍ରାହକଙ୍କ ସଂଖ୍ୟାକୁ ଶୀଘ୍ର ବଢାଇବା ପାଇଁ ଏଟିଏମ୍ ପରି ଦେଖାଯାଉଥିବା ସିମ୍ ଭେଣ୍ଡିଂ ମେସିନ୍ ସଂସ୍ଥାପନ କରିବାକୁ କମ୍ପାନୀ ପ୍ରସ୍ତୁତ ହେଉଛି। କମ୍ପାନୀ ଖୁବ ଶୀଘ୍ର ସାରା ଦେଶରେ ୪ଜି ସେବା ଆରମ୍ଭ କରିବାକୁ ଯାଉଛି। ଏହା ବ୍ୟତୀତ ୫ଜି ନେଟୱାର୍କ ପାଇଁ ପରୀକ୍ଷା ମଧ୍ୟ ଆରମ୍ଭ ହୋଇଛି।

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ ଭାରତ ସଞ୍ଚାର ନିଗମ ଲିମିଟେଡର ୫ଜି ସେବା ଆସନ୍ତା ବର୍ଷ ଜୁନରୁ ଆରମ୍ଭ ହେବ। ବିଏସଏନଏଲର ଏହି ସିମ୍ ଭେଣ୍ଡିଂ ମେସିନ୍ ସେହି ଉପଭୋକ୍ତାମାନଙ୍କ ପାଇଁ ବିଶେଷ ଲାଭଦାୟକ ପ୍ରମାଣିତ ହେବ ଯେଉଁମାନେ ଟେଲିକମ୍ କମ୍ପାନୀର କାର୍ଯ୍ୟାଳୟ କିମ୍ବା ଟେଲିଫୋନ୍ ଏକ୍ସଚେଞ୍ଜକୁ ଯିବାକୁ ଚାହୁଁନାହାଁନ୍ତି। ସେମାନେ ବିଏସଏନଏଲ ସେଲ୍ଫ କେୟାର ଆପ୍ ଏବଂ ଭେଣ୍ଡିଂ ମେସିନ୍ ମାଧ୍ୟମରେ ଏକ ନୂତନ ସିମ୍ କାର୍ଡ କିଣିବାକୁ ସକ୍ଷମ ହେବେ।

## ହୋଣ୍ଡା ସ୍କୁଟରକୁ ପଛରେ ହିରୋ ସ୍ପ୍ଲେଣ୍ଡର

**ନୂଆଦିଲ୍ଲୀ୧୯।୧୦:** ଦେଶରେ ସର୍ବାଧିକ ବିକ୍ରି ହେଉଥିବା ଦୁଇ ଚକିଆ ଯାନର ତାଲିକା ଆସିଛି। ଏଥର ମଧ୍ୟ ଗ୍ରାହକମାନେ ଇକୋନୋମି ମଡେଲକୁ ସର୍ବାଧିକ କିଣିଛନ୍ତି। ଉତ୍ସବର ଋତୁରେ ବିକ୍ରୟ ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଗତ ମାସରେ, ହିରୋର ସ୍ପ୍ଲେଣ୍ଡର ପ୍ଲସ୍ ପୁଣି ଥରେ ସର୍ବାଧିକ ବିକ୍ରି ହେଉଥିବା ବାଇକ୍ ଏବଂ ସ୍କୁଟର ତାଲିକାରେ ରହିଛି। ଗତ ମାସରେ ହିରୋ ସ୍ପ୍ଲେଣ୍ଡର ବହୁତ ବିକ୍ରି ହୋଇଛି। କମ୍ପାନୀ ସ୍ପ୍ଲେଣ୍ଡରର ୩୭୫୮୮୬ ୟୁନିଟ୍ ବିକ୍ରି କରିଥିଲା। ଯେତେବେଳେ କି ଚଳିତ ବର୍ଷ ଅଗଷ୍ଟ ମାସରେ ୩୦୨୯୩୪ ୟୁନିଟ୍ ସ୍ପ୍ଲେଣ୍ଡର ବିକ୍ରି ହୋଇଥିଲା।

ସେହିପରି ହୋଣ୍ଡା ଆକ୍ଟିଭା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଗତ ମାସରେ, ଆକ୍ଟିଭା ସ୍କୁଟରର ୨୬୨୩୧୬ ୟୁନିଟ୍ ବିକ୍ରି ହୋଇଥିଲା। ଏହା ବ୍ୟତୀତ ଗତ ମାସରେ ୧୮୧୮୩୫ ୟୁନିଟ୍ ହୋଣ୍ଡା ସାଇନ୍ ବିକ୍ରି ହୋଇଥିଲା ଏବଂ ଏହା ତୃତୀୟ ସ୍ଥାନରେ ଥିଲା। ଚଳିତ ମାସରେ ମଧ୍ୟ ନୂତନ ବିକ୍ରୟ ରେକର୍ଡ କରାଯିବ ବୋଲି ଆଶା କରାଯାଉଛି। ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ର ଏକ୍ସ-ସୋ ରୁମ୍ ମୂଲ୍ୟ ୭୬ ହଜାରରୁ ଆରମ୍ଭ ହୋଇଛି। ଏହି ବାଇକରେ ସର୍ବୋତ୍ତମ ୧୦୦ସିସି ଇଞ୍ଜିନ୍ ଅଛି । ଏହାର ୪ ସ୍ପିଡ୍ ଗିଅରବକ୍ସ ଅଛି। ଏହି ଇଞ୍ଜିନ୍ କେବଳ ଭଲ କାର୍ଯ୍ୟଦକ୍ଷତା ଦେଇନଥାଏ ବରଂ ଉନ୍ନତ ମାଇଲେଜ୍ ମଧ୍ୟ ଭଲ ଦେଇଥାଏ। ଏହି ବାଇକ୍ ଏକ ଲିଟରରେ ୭୩ କିଲୋମିଟର ମାଇଲେଜ୍ ପ୍ରଦାନ କରେ। ହିରୋ ସମୟ ସହିତ ଏହି ଇଞ୍ଜିନ୍ ଅପଡେଟ୍ କରିଛି କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର କାର୍ଯ୍ୟଦକ୍ଷତା ଖରାପ ହୋଇନାହିଁ। ସ୍ପ୍ଲେଣ୍ଡର ପ୍ଲସରେ ୱୈଶିଷ୍ଟ୍ୟର କୌଣସି ଅଭାବ ନାହିଁ। ସମୟ ସହିତ କମ୍ପାନୀ ଏହି ବାଇକରେ ଅନେକ ଭଲ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରିଛି। ଏହି ବାଇକରେ ସମ୍ପୂର୍ଣ୍ଣ ଡିଜିଟାଲ୍ ସ୍ପିଡୋମିଟର ଅଛି। ଏଥିରେ ଆପଣ ରିଅଲ୍ ଟାଇମ୍ ମାଇଲେଜ୍ ସୂଚନା ପାଇବେ। ଏହା ବ୍ୟତୀତ ଏଥିରେ ବ୍ଲୁଟୁଥ୍, କଲ୍, ଏମଏମଏସ ଏବଂ ବ୍ୟାଟେରୀ ଆଲର୍ଟ ସୁବିଧା ରହିଛି। କେବଳ ଏତିକି ନୁହେଁ, ଏଥିରେ ଏକ ୟୁଏସବି ପୋର୍ଟ ରହିବ ଯେଉଁଥିରେ ଆପଣ ନିଜ ଫୋନକୁ ଚାର୍ଜ କରିପାରିବେ।

# ବଜାରରେ ମିଳୁଥିବା ନକଲି ଆଳୁ ପ୍ରତି ହୁଅନ୍ତୁ ସାବଧାନ!

**ନୂଆଦିଲ୍ଲୀ, ୧୯।୧୦:** ଆଳୁ ପ୍ରତ୍ୟେକଙ୍କ ଘରେ ସାଧାରଣତଃ ବ୍ୟବହୃତ ହେଉଥିବା ପନିପରିବା ମଧ୍ୟରୁ ଗୋଟିଏ। ତେବେ ବଜାରରେ ଏଣିକି ନକଲି ଆଳୁ ବିକ୍ରି ହେବା ଆରମ୍ଭ ହୋଇଯାଇଛି। ଏଥିପ୍ରତି ଗ୍ରାହକଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଆଳୁ କିଣିବା ସମୟରେ ଅସଲି କି ନକଲି ତାହାକୁ ଭଲଭାବେ ପରଖିବା ପରେ ଯାଇ କିଣନ୍ତୁ। ନଚେତ ସମସ୍ୟାରେ ପଡ଼ିବାର ଅନେକ ସମ୍ଭାବନା ରହିଛି। ଉତ୍ତରପ୍ରଦେଶର ବାଲିୟାରେ ଖାଦ୍ୟ ନିରାପତ୍ତା ଏବଂ ଔଷଧ ପ୍ରାଧିକରଣ ବିଭାଗ ଦ୍ୱାରା କରାଯାଇଥିବା ଏକ ଚଢ଼ାଉ ସମୟରେ ନକଲି ଏବଂ ରଙ୍ଗୀନ ଆଳୁ ମିଳିବା ଘଟଣା ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଧିକାରୀମାନେ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ ଯେ ବ୍ୟବସାୟୀମାନେ ଏକ କ୍ୱିଣ୍ଟାଲ ଆଳୁରେ ୪୦୦ଟଙ୍କାର ଅତିରିକ୍ତ ଲାଭ ପାଇବା ପାଇଁ ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳ ଖେଳୁଛନ୍ତି।



ବିଶେଷଜ୍ଞମାନେ କହିଛନ୍ତି ଯେ ବ୍ୟବସାୟୀମାନେ କୃତ୍ରିମ ରଙ୍ଗ ପ୍ରୟୋଗ କରି ଆଳୁକୁ ସତେଜ ଏବଂ ଆକର୍ଷଣୀୟ ଦେଖାଇବା କାମ କରୁଛନ୍ତି। ଗ୍ରାହକମାନେ ଉକ୍ତ ଆଳୁକୁ ସତେଜ ଆଳୁ ଭାବି ଖୁସିରେ ଘରକୁ କିଣି ନେଇଯାଉଛନ୍ତି। ବାସ୍ତବରେ ଏହି ରଙ୍ଗୀନ ଆଳୁ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ । ଏହିପରି ଆଳୁର କ୍ରମାଗତ ବ୍ୟବହାର କରିବା ସ୍ୱାସ୍ଥ୍ୟପକ୍ଷେ ସାଂଘାତିକ ହୋଇପାରେ। ଅଧିକାରୀମାନଙ୍କ କହିବାନୁସାରେ, ବଜାରରେ ନକଲି ଆଳୁ ମିଳିବାର ଅଭିଯୋଗ କ୍ରମାଗତ ଭାବରେ ହୋଇଥିଲା। ଏହାପରେ ଏକ ଦଳ ଗଠନ କରାଯାଇ ମଣ୍ଡି ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ୨୧ କ୍ୱିଣ୍ଟାଲ୍ କୃତ୍ରିମ ରଙ୍ଗର ଆଳୁ ଜବତ କରାଯାଇଥିଲା, ଯାହାର ମୂଲ୍ୟ ପ୍ରାୟ ୫୬,୦୦୦ଟଙ୍କା ଥିବା ଅନୁମାନ କରାଯାଉଛି। ଜବତ ହୋଇଥିବା ଆଳୁରେ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ବ୍ୟବହାର କରି ଚକଚକ୍ କରାଯାଇଥିଲା। ଏହି ରାସାୟାନିକ ପଦାର୍ଥ ବ୍ୟବହୃତ ହୋଇଥିବା ଆଳୁକୁ ବ୍ୟବହାର କଲେ ଗ୍ରାହକମାନଙ୍କ ଶରୀରରେ ଲିଭର ଓ ଯକୃତଜନିତ ସମସ୍ୟା ଉପୁଜିପାରେ ବୋଲି ଡାକ୍ତରଙ୍କ ପକ୍ଷରୁ ପ୍ରକାଶ।

# ଉପକୂଳ ରାଜପଥ ପାଇଁ ସର୍ଭେ

## ସ୍ୱତନ୍ତ୍ର ଡିଜି କ୍ୟାମେରାରେ ୧୨ଜଣିଆ ଏକ୍ସପଟ ଟିମ୍



**ଅସ୍ତରଙ୍ଗ,୧୯।୧୦(ସଂଚାର ବ୍ୟୁରୋ):** ଉପକୂଳ ରାଜପଥ ନିର୍ମାଣ ପାଇଁ ୧୨ଜଣିଆ ସ୍ୱତନ୍ତ୍ର ଏକ୍ସପଟ ଟିମ୍ ଙ୍କ ଦ୍ୱାରା ଅସ୍ତରଙ୍ଗ ଅଂଚଳର ବିଭିନ୍ନ ସ୍ଥାନରେ ଡିଜି ଡ୍ରୋନ କ୍ୟାମେରା ସହ ଆନୁଷଙ୍ଗିକ ଯନ୍ତ୍ରରେ ସର୍ଭେ ଆରମ୍ଭ।

ଜାତୀୟ ରାଜପଥ ପ୍ରାଧିକରଣ ଉପକୂଳ ରାଜପଥ ର ୩ ଟି ବିଭାଗ ପାଇଁ ଟେଣ୍ଡର ବାତିଲ କରିବାର ଦିନକ ପରେ ଆଲାଏନମେଣ୍ଟ ସଂଶୋଧନ, ପ୍ରକଳ୍ପର ପ୍ୟାକେଜ ନଂ ୩ ଓ ପରିବେଶ ମଞ୍ଜୁରୀ ପାଇଛି। ୩୪୬କିଲୋମିଟର ଉପକୂଳ ରାଜପଥ ପ୍ରକଳ୍ପକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ୧୭୬କିଲୋମିଟର ରାମେଶ୍ୱର -ରତନପୁର ଏବଂ ୧୭୦କିଲୋମିଟର ରତନପୁର ରୁ ଦିଘା ପର୍ଯ୍ୟନ୍ତ ଏହା ଅନେକ ପ୍ୟାକେଜରେ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ବୈଷୟିକ ତ୍ରୁଟି ଓ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଓ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମିଳିତ ଉପକୂଳ କ୍ରିୟାନୁଷ୍ଠାନ କମିଟି ପ୍ରସ୍ତାବିତ ଉପକୂଳ ରାଜପଥ ନକ୍ସାରେ ପରିବର୍ତ୍ତନ କୁ ନେଇ ଜୋରଦାର ବିରୋଧ କରିଥିଲେ।

ଏଥିସହ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ମଣ୍ଡଳୀ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ଙ୍କୁ ସାକ୍ଷାତ କରି ପ୍ରସ୍ତାବିତ ରାଜ ପଥ କୁ ଅସ୍ତରଙ୍ଗ -ବାଲିକୁଦା ଉପକୂଳଠାରୁ ୨୫କିଲୋମିଟର ଦୂରରେ ନିର୍ମାଣ ନ କରିବାକୁ ନିବେଦନ କରିଥିଲେ। ଫଳରେ ଟେଣ୍ଡର ଗୁଡିକ ବାତିଲ ହୋଇଯାଇଥିଲା। ଏବେ ରାଜପଥ ଆଲାଏନମେଣ୍ଟ କୁ ପୁନଃ ସଂଶୋଧିତ କରାଯାଇଛି। ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ବିଭିନ୍ନ ସ୍ଥାନ ଉକୁଳେଇ ରୁ ଜିଉଁନ୍ତି ମଧ୍ୟରେ,ଦେବୀ ନଦୀ ପାଶ୍ୱର୍ବର୍ତ୍ତୀ ଓସିଆ ରୁ ପାଟସୁନ୍ଦରପୁର ମଧ୍ୟରେ ୧୨ଜଣିଆ ଏକ୍ସପଟ ବିଭିନ୍ନ ଯାନ୍ତ୍ରିକ ସରଞ୍ଜାମ ସହ ସ୍ୱତନ୍ତ୍ର ଡିଜି ଡ୍ରୋନ କ୍ୟାମେରା ମାଧ୍ୟମରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପକୂଳ ରାଜପଥ ପାଇଁ ବିଭାଗୀୟ ଅଧିକାରୀ ସର୍ଭେ କରିଥିଲେ।

୨୦୧୫ରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ଶ୍ରୀଗଡ଼କରୀ ଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏହି ପ୍ରସ୍ତାବିତ ରାଜପଥ ରାଜ୍ୟର ୭ଟି ଉପକୂଳବର୍ତ୍ତୀ ଜିଲ୍ଲା ଦେଇ ଗତି କରିବ, ଏବଂ ଜାତୀୟ ରାଜପଥ ୧୬ରେ ଯାତାୟତ କୁ ସହଜ କରିବା ସହ ପର୍ଯ୍ୟଟନ କୁ ଅଧିକ ତ୍ୱରାନୀତି କରିବ।

# ବାଣ ଭିଡୁଥିବାବେଳେ ବିସ୍ଫୋରଣ: ୬ ଛାତ୍ର ଗୁରୁତର



**ଗଞ୍ଜାମ,୧୯।୧୦(ସଂଚାର ବ୍ୟୁରୋ):** ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରମାନେ ବାଣ ଭିଡୁଥିଲେ। ହଠାତ୍ ବିସ୍ଫୋରଣ ହୋଇଥିଲା। ଯେଉଁଥିରେ ୬ ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଦୀପାବଳି ପୂର୍ବରୁ ଏପରି ଭୟଙ୍କର ବିସ୍ଫୋରଣ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅଞ୍ଚଳରେ ଘଟିଛି। ଖଲ୍ଲିକୋଟ ଥାନା ମାଣିକପୁର ଗାଁ ନୂଆ ସାହିଠାରୁ କିଛି ଦୂରରେ ଏକ ନିଛାଟିଆ ସ୍ଥାନରେ ରହିଛି ଗୋଟିଏ ଘର। ଆଜି ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ୬ ଜଣ ଦଶମ ଶ୍ରେଣୀ ଛାତ୍ର ସେହି ଘର ଭିତରେ ବାଣ ଭିଡୁଥିଲେ। ଅସାବଧାନତା ଯୋଗୁ ବାଣ ଗୁଡିକ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘରର ଆଜବେଷ୍ଟସ୍ ଉଡି ଯାଇଥିଲା। ୩ ପାର୍ଶ୍ୱର କାନ୍ଥ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ଟିମ୍ ଓ ପୁଲିସ୍ ଗୁରୁତର ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ଭିତରୁ ୪ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ଦଶମ ଶ୍ରେଣୀରେ ପଢୁଥିବା ଛୋଟ ଛୋଟ ପିଲାମାନେ କାହିଁକି ବାଣ ଭିଡୁଥିଲେ। ବାଣ ତିଆରି ପାଇଁ ବାରୁଦ ଓ ଅନ୍ୟାନ୍ୟ ସରଞ୍ଜାମ କେଉଁଠୁ ଆଣିଥିଲେ? ଏ ସମ୍ପର୍କରେ ପରିବାର ଲୋକେ ଜାଣିଥିଲେ କି ନାହିଁ। କେଉଁ ଉଦ୍ଦେଶ୍ୟରେ ଏମାନେ ବାଣ ତିଆରି କରୁଥିଲେ। ଦୀପାବଳିରେ ବାଣ ଫୁଟାଇବା ପାଇଁ ନା ବ୍ୟବସାୟ ପାଇଁ। ବାଣ ବିସ୍ଫୋରଣ ପରେ ଏମିତି ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛି।

# ଭସାଣି ବେଳେ ହତ୍ୟା: ୪ ଗିରଫ

**ନବରଙ୍ଗପୁର,୧୯।୧୦(ସଂଚାର ବ୍ୟୁରୋ):** ଦୁର୍ଗାପୂଜା ଭସାଣି ଦିନ ହୋଇଥବା ହତ୍ୟାକାଣ୍ଡ ଘଟଣାରେ ସଂପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ସମ୍ପର୍କରେ ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ ବେହେରା। ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତ । ଘଟଣା ଅନୁଯାୟୀ, ଗତ ୧୪ ତାରିଖ ଦିନ ଦଶହରା ପୂଜା ମେଢ ଭସାଣି ସମୟରେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଜଣଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ମାରାଣାତ୍ମକ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଘଟଣାରେ ଦଣ୍ଡାସି ସାହିର କିରଣ ହରିଜନଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ହତ୍ୟା ପରେ ମୃତକ ପରିବାର ଓ ସମର୍ଥକଙ୍କ ପକ୍ଷରୁ ହତ୍ୟାକାରୀ ମାନଙ୍କ ଗିରଫ ଦାବିରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ନବରଙ୍ଗପୁର ଥାନା ଅଧିକାରୀ ଏହି ଘଟଣାର ତଦନ୍ତ ଭାର ନେଇ ବିଭିନ୍ନ ସ୍ଥାନରେ ଚଢାଉ କରି ଏହି ଘଟଣାରେ ଜଡିତ ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ସାବାଳକମାନେ ହେଲେ ସୌରା ସାହିର ବନି ନାୟକ, ନିଶନାହାଣ୍ଡିର ସୁରଜ ହରିଜନ ଓ ବଡ ହରିଜନ ସାହିର ସୁମିତ ଅରଫ ମୋହିତ ନାୟକ । ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିବା ସହ ଏହି ଘଟଣାରେ ଜଡିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି ବୋଲି ଆଇ ଆଇ ସି ସୂଚନା ପ୍ରଦାନ କରିଛନ୍ତି ।

# ୨୦୦ ଲିଟର ଦେଶୀ ମଦ ଜବତ, ଯୁବକ ଗିରଫ



**ବାମନାଳ,୧୯।୧୦(ସଂଚାର ବ୍ୟୁରୋ):** କେବଳ ପୁରୀ ସହରରେ ନୁହେଁ। ଜିଲ୍ଲାର ଗ୍ରାମାଞ୍ଚଳରେ ମଧ୍ୟ ଦେଶୀ ମଦ ଭାସୁଛି। ପୁରୀ ସହରର ଶ୍ରୀସେତୁ ଅଞ୍ଚଳରୁ ଆଜି ସକାଳୁ ୪୦୪ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିବା ବେଳେ ବଳଙ୍ଗା ଥାନା ଅଧୀନ ମିର୍ଜାପୁର ଛକରେ ବ୍ୟାପକ ପରିମାଣରେ ମଦ ଜବତ କରାଯାଇଛି। ମଦ କାରବାର ଘଟଣାରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାମ ଚିନ୍ମୟ ଜେନା (୨୪)। ସୂଚନା ମୁତାବକ ବଳଙ୍ଗା ଥାନା ଅଧିକାରୀ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ରତ୍ନାକର ବେହେରାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ମିର୍ଜାପୁର ଛକଠାରେ ଆଜି ପୂର୍ବାହ୍ନ ୯ଟାରେ ବିଭିନ୍ନ ଗାଡ଼ିର ଏମଭି ଯାଞ୍ଚ କରୁଥିଲେ। ଏହି ସମୟରେ କେତକିପାଟଣାବଜାର ପଟୁ ଏକ ଧଳାରଙ୍ଗର କାର (ଓଡି ୦୨ ଏକ୍ସ ୮୮୭୨) ଦ୍ରୁତଗତିରେ ପହଞ୍ଚି ଥିଲା। ପୁଲିସ ଗାଡ଼ି ଅଟକାଇ ଗାଡ଼ିର ନମ୍ବର, ଡିଏଲ ଯାଞ୍ଚ୍ କରୁଥିବାବେଳେ ସନ୍ଦେହ ହେବାରୁ କାରର ପଛପଟେ ଦେଖିଲା ବେଳକୁ ଦେଶୀ ମଦ ୪୦ ପେଟି ଠାବ କରିଥିଲା। ଗାଡ଼ି ସହ ଉକ୍ତ ଯୁବକକୁ ଗିରଫ କରି ଥାନାକୁ ଆଣିଥିଲା। ଅଭିଯୁକ୍ତ ଜଣଙ୍କ ସତ୍ୟବାଦୀ ଥାନା ସୁଆଲ ଗ୍ରାମର ଚିନ୍ମୟ ଜେନା(ମିଥୁନ)। ତାଙ୍କ ଠାରୁ ୪୦ ପେଟିରେ ୨୦୦ ଲିଟର ମଦ, ୨୫୦୦ଟଙ୍କା ସହ କାର ଜବତ୍ ହୋଇଛି।

# ଶୋଇଥିବା ବେଳେ ବାପପୁଅଙ୍କ ଉପରେ ଏସିଡ୍ ମାଡ଼

**କନ୍ଧମାଳ,୧୯।୧୦(ସଂଚାର ବ୍ୟୁରୋ):** ଘର ବାରଣ୍ଡାରେ ଶୋଇଥିଲେ ବାପପୁଅ। ହଠାତ୍ ରାତି ଅଧରେ ସେମାନଙ୍କ ଉପରକୁ ହେଲା ଏସିଡ୍ ମାଡ଼ । ଏହି ଏସିଡ୍ ମାଡ଼ରେ ବାପପୁଅ ଗୁରୁତର ହୋଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ବୁଢ଼ା କୁନ୍ଦେଲି ଗାଁରେ ଘଟିଛି । ଗୁରୁତର ବାପପୁଅଦ୍ୱୟ ହେଲେ ମୋହନ କନ୍ଦର ଓ ନାବାଳକ ପୁଅ ଅନୁଜ କନ୍ଦର । ଉଭୟଙ୍କୁ ପ୍ରଥମଆ ତୁମୁଡ଼ିବନ୍ଧ ଓ ପରେ ବାଲିଗୁଡା ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି।

ଗତ ରାତିରେ ମୋହନ କନ୍ଦର ନିଜ ୧୨ ବର୍ଷୀୟ ନାବାଳକ ପୁଅ ଅନୁଜ କନ୍ଦର ଓ ଅନ୍ୟ ପରିବାର ସଦସ୍ୟଙ୍କ ସହ ଘର ବାରଣ୍ଡାରେ ଶୋଇଥିଲେ। ବିଳମ୍ବିତ ରାତିରେ ହଠାତ୍ କେହି ଦୁର୍ବୃତ୍ତ ପହଞ୍ଚି ଉଭୟ ବାପପୁଅଙ୍କ ଉପରକୁ ଏସିଡ୍ ମାଡ଼ କରିଥିଲେ। ଏହାପରେ ଉଭୟ ବାପପୁଅ ଚିତ୍କାର କରିଥିବା ବେଳେ ପରିବାରର ଅନ୍ୟ ସଦସ୍ୟମାନେ ଉଠି ପଡ଼ିଥିଲେ। ମାତ୍ର ସେତେବେଳକୁ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପରିବାର ଲୋକେ ତୁରନ୍ତ ଉଭୟଙ୍କୁ ତୁମୁଡ଼ିବନ୍ଧ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଏନେଇ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ତନନ୍ତ ଆରମ୍ଭ କରିବା ସହ ଗାଁ ଲୋକଙ୍କୁ ପଚରାଉଚରା କରୁଛି। ତେବେ କିଏ ଓ କାହିଁକି ତାଙ୍କ ଉପରେ ଏସିଡ ଫିଙ୍ଗିଛି ତାର ବର୍ତ୍ତମାନ ସୁଦ୍ଧା କାରଣ ଜଣା ପଡ଼ିନାହିଁ ।

# ମେଗା ଲିଫ୍ଟ ଅଚଳ, ତରଭା ବ୍ଲକରେ ତାତିଲେ ଚାଷୀ

## ପ୍ରଶ୍ନ ବାଣରେ ଝାଳନାଳ ହେଲେ ଅଧିକାରୀ



**ସୁବର୍ଣ୍ଣପୁର,୧୯।୧୦(ସଂଚାର ବ୍ୟୁରୋ):** କୃଷି ଭିତ୍ତିକ ସୁବର୍ଣ୍ଣପୁର ଜିଲ୍ଲାରେ ଦୀର୍ଘ ବର୍ଷରୁ ଖାଲି ପଡିଛି ବୃହତ ଉଠା ଜଳସେଚନ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବୀ। ଶିକାର ହେଉଛନ୍ତି ଚାଷୀ। ସେପଟେ ଚାଲିଛି କୋଟି କୋଟି ଟଙ୍କା ପ୍ରକଳ୍ପ କାମ କିନ୍ତୁ ଜମିକୁ ଆସୁନି ପାଣି। ନେତା, ଅଫିସର ଓ ଠିକାଦାର ହେଉଛନ୍ତି ମାଲା ମାଲ୍। ଏହା ହେଉଛି ଦୁର୍ନୀତି ର ଏକ ଛୋଟ ଝଲକ୍। ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକରେ ତାତିଲେ ଚାଷୀ। ବୃହତ ଉଠା ଜଳସେଚନ ପ୍ରକଳ୍ପରେ ଚାଷୀଙ୍କୁ ପାଣି ଦିଅ ନଚେତ ଏହାକୁ ବାତିଲ କରିବା ଦାବିରେ ଶୁକ୍ରବାର ତରଭା -କଣ୍ଟାମାଳ ରାସ୍ତାର ଗୁଞ୍ଜିମୁଣ୍ଡା ଛକରେ ଚାଷୀଙ୍କ ରାସ୍ତାରୋକ ଫଳରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଓ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସହିତ ଯାତାୟତ ବାଧାପ୍ରାପ୍ତ ହେବା ସହ ସାଧାରଣ ଲୋକ ହଇରାଣ ହୋଇଛନ୍ତି। ୨୦୧୯ ଆର୍ଥିକ ବର୍ଷରେ ତରଭା ବ୍ଲକ ମରାଡୁଗୋଚ୍ଛା ପଞ୍ଚାୟତ ଗୁର୍ଜିମୁଣ୍ଡା ନିକଟରେ ପ୍ରାୟ ୮ଶହ ୩୦ହେକ୍ଟର ଚାଷ ଜମିକୁ ଜଳ ସେଚନ ପାଇଁ ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟରେ ଏଲଏଣ୍ଟଟି କମ୍ପାନୀ ଦ୍ୱାରା ନିର୍ମାଣ ହୋଇଥିଲା। କିନ୍ତୁ ନେତା,ଅଫିସର, ଯନ୍ତ୍ରୀ ଏବଂ ଠିକାଦାରଙ୍କ ଦୂରଦୃଷ୍ଟି ଅଭାବ ଓ ଲାଭଖୋର ମନୋବୃତ୍ତି ଯୋଗୁଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଚାଷୀ ପାଣି ପାଉ ନ ଥିବାରୁ ବର୍ତ୍ତମାନ ଅଞ୍ଚଳରେ ଭୟାବହ ମରୁଡି ଦେଖାଦେଇଛି। ଏ ନେଇ ଚାଷୀମାନେ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ଶୁକ୍ରବାର ଦିନ ଚାଷୀ ମାନେ ରାସ୍ତାର ଗୁଞ୍ଜିମୁଣ୍ଡା ଛକରେ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ତରଭା ତହସିଲଦାର ତୁଳା ମୁଦୁଲି ଉଠା ଜଳସେଚନ ବିଭାଗୀୟ ଯନ୍ତ୍ରୀ ରବିନାରାୟଣ ମେହେର, ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ପହଞ୍ଚି ଚାଷୀଙ୍କ ସହ ସମସ୍ୟା ନେଇ ଆଲୋଚନା କରିଥିଲେ। ମେଗା ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକ୍ଷମ ବେଳେ କାମ ଠିକ ଭାବେ କରାଇବା ପାଇଁ ଚାଷୀମାନେ ଆନ୍ଦୋଳନ କରିଥିବା ବେଳେ ତତ୍କାଳୀନ ସୁବର୍ଣ୍ଣପୁର ଜିଲ୍ଲାପାଳ ମୋନୀଷା ବାନାର୍ଜୀ ପ୍ରକଳ୍ପ ପରିଦର୍ଶନରେ ଆସି ପ୍ରକଳ୍ପ ତ୍ରୁଟିପୂର୍ଣ୍ଣ ଭାବରେ ନିର୍ମାଣ ହୋଇଛି, ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବରେ ଫେଲ ବୋଲି ସୂଚନା ଦେଇଥିଲେ। ହେଲେ କେଉଁ କାରଣରୁ ନିର୍ମାଣକାରୀ ସଂସ୍ଥା ପ୍ରତି ଏତେ ଅନୁକମ୍ପା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ ସମସ୍ୟା ନେଇ ଗତ ୧୪ ତାରିଖରେ ତରଭା ବ୍ଲକରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ଯ ଚାଷୀମାନେ ଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜଣାଇଥିଲେ। ପ୍ରକଳ୍ପ ଫେଲ ବୋଲି ରିପୋର୍ଟ ଦିଆଯାଉ ନଚେତ ଚାଷୀଙ୍କୁ ଜଳ ଯୋଗାଣ କରାଯାଉ ବୋଲି ଚାଷୀମାନେ ଜିଦରେ ଅଟଳ ରହିଛନ୍ତି। ଆନ୍ଦୋଳନରେ ପୂର୍ବତନ ସମିତି ସଭ୍ୟ ତଥା ଚାଷୀ ନେତା ମିତ୍ରବ୍ରତ ମିଶ୍ର, ସରପଞ୍ଚ ମନମୋହନ ସାହୁ ଓ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ପ୍ରଶାସନିକ ଅଧିକାରୀ ସି ଡି ଇ ଓ ଅଶ୍ୱିନୀ ମେହେର ଓ ବିଭାଗୀୟ ଏସ ଡି ଓ ଆଜି ସ୍ପଟ୍ ପରିଦର୍ଶନ କରି ଫେରିଲା ବେଳେ ମିଡ଼ିଆ ଓ ସଧାରଣ ଲୋକ ଙ୍କ ପ୍ରଶ୍ନ ବାଣ ରେ ଘାଇଲା ହୋଇଥିବା ଝାଳ ନାଳ ହୋଇଥିବା ବିଷୟ ଜିଲ୍ଲା ସାରା ଚର୍ଚ୍ଚା ହେଉଛି ।

# ହରିଙ୍କ ନାଁରେ ହରିଲୁଟ୍



**ବଲାଙ୍ଗୀର,୧୯।୧୦(ସଂଚାର ବ୍ୟୁରୋ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ହରିଶଙ୍କର। ସାରା ରାଜ୍ୟରେ ରହିଛି ସ୍ୱତନ୍ତ୍ର ପରିଚୟ। ପ୍ରକୃତିର ଭରପୁର ସମ୍ଭାର। ପାହାଡ, ଝରଣା ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦିଏ। ବର୍ଷ ତମାମ୍ ଏଠି ଦେଖଣାହାରୀଙ୍କ ଭିଡ଼ ଲାଗେ। ହେଲେ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଦୁଃଖ ଲାଗେ। ନିର୍ବାଚନ ପୂର୍ବରୁ ସୌନ୍ଦର୍ଯ୍ୟକରଣ ଆଳରେ ବିକୃତ କରି ଛାଡି ଦିଆଯାଇଛି। ସବୁଜ ବଳୟ ଭିତରେ ୨୦ କୋଟି ବ୍ୟୟରେ ସୃଷ୍ଟି ହୋଇଛି ଯେମିତି କଂକ୍ରିଟ ଜଙ୍ଗଲ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଭିତରେ ହରିଶଙ୍କରଙ୍କ ଦର୍ଶନ ପାଇଁ, ବର୍ଷ ତମାମ ଲୋକଙ୍କ ଭିଡ଼ ଲାଗେ। ଚାରିପଟେ ବିରାଟ ବିରାଟ ଗଛ, ମଝିରେ ଶୀତଳ ଝରଣା, ସମସ୍ତଙ୍କୁ ଆତ୍ମତୃପ୍ତି ଦିଏ। ହରି ଶଙ୍କର ଦର୍ଶନ କରି ପାଖରେ ବହିଯାଉଥିବା ଝରଣାରେ ମନଭରି ଗାଧାନ୍ତି ପର୍ଯ୍ୟଟକ। ହେଲେ ଏଇ କିଛି ମାସ ହେବ ଯେମିତି କଂକ୍ରିଟ ଜଙ୍ଗଲ ପାଲଟି ଯାଇଛି। ପୂର୍ବ ସରକାର ସମୟରୁ ରୂପାନ୍ତରିକରଣ କାମ ଚାଲିଛି। କୋଟି କୋଟି ଖର୍ଚ୍ଚରେ ଜଙ୍ଗଲ କାଟି କୋଠା ତିଆରି ହୋଇଛି। ଯାହା ଅତି ନିମ୍ନମାନର ଓ ଲୋକଙ୍କ କାମରେ ଆସୁନଥିବା ଅଭିଯୋଗ। ଆରଟିଆଇ ରିପୋର୍ଟରୁ ଜଣାପଡିଛି, ୨୦ କୋଟି ଖର୍ଚ୍ଚରେ ହରିଶଙ୍କର ପୀଠର ଉନ୍ନତିକରଣ ନାଁରେ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ କରାଯାଇଛି। ଠିକାଦାରଙ୍କୁ ସୁହାଇବା ଭଳି କାମ ହୋଇଛି। ଏତେ ଟଙ୍କା ଖର୍ଚ୍ଚ ପରେ ମଧ୍ୟ ମହିଳାଙ୍କ ପାଇଁ ଚେଞ୍ଜିଂ ରୁମ କି ଶୌଚାଳୟଟିଏ ହୋଇନାହିଁ। ଯାହା କାମ ହୋଇଛି, ତାହା ଅତି ନିମ୍ନମାନର। କେତେକ ସ୍ଥାନରେ ତଳେ ପକା ଯାଇଥିବା ଟାଇଲ୍ ଭାଙ୍ଗି ଗଲାଣି। ଏନେଇ ଅଭିଯୋଗ କଲେ ମଧ୍ୟ ପଦକ୍ଷେପ ନିଆଯାଇ ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ସାମାଜିକ କର୍ମୀ। ହରିଶଙ୍କରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରାଯାଇଛି। ସରକାରୀ ଅର୍ଥର ଅପଚୟ ହୋଇଛି। ବର୍ତ୍ତମାନର ସରକାର ଏହାର ତଦନ୍ତ କରି ଦୃଢ କାର୍ଯ୍ୟନୁଷ୍ଠାନ ନେବାକୁ ଦାବି ହୋଇଛି।

# ଶୋଇଥିଲେ ବାପ,ଝିଅ ; କାମୁଡ଼ିଲା ସାପ



**ବୌଦ୍ଧ୧୯।୧୦(ସଂଚାର ବ୍ୟୁରୋ):** ବିଷ ଧର ସାପ କାମୁଡାରେ ଚାଲିଗଲା ବାପା, ଝିଅଙ୍କ ଜୀବନ। ଏପରି ଦୁଃଖଦ ଘଟଣା ଘଟିଛି ବୌଦ୍ଧ ଜିଲ୍ଲା ଚାରିଛକରେ। ମୃତକ ହେଲେ ସୁଶାନ୍ତ କହଁର (୪୮) ଓ ତାଙ୍କ ଝିଅ ପ୍ରୀତି କହଁର(୧୬)।

ଗତକାଲି ରାତିରେ ବାପ ଝିଅ ଘରେ ଶୋଇଥିଲେ। ଏହି ସମୟରେ ଏକ ବିଷଧର ସାପ ଉଭୟଙ୍କୁ କାମୁଡ଼ି ଦେଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ପରିବାର ଲୋକେ ବାପଝିଅଙ୍କୁ ଉଦ୍ଧାର କରି ଫୁଲବାଣୀ ଡାକ୍ତରଖାନା ଭର୍ତ୍ତି କରିଥିଲେ। ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲା ବେଳେ ସୁଶାନ୍ତଙ୍କ ଅବସ୍ଥା ଗୁରୁତର ଥିଲା। କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶାନ୍ତ ପେଶାରେ ଶିକ୍ଷକ ଥିଲେ। ତାଙ୍କ ଝିଅ ପ୍ରୀତି କହଁର ଯୁକ୍ତ ଦୁଇର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ପ୍ରୀତି ଗଣିଆର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିଲେ। ଦଶହରା ଛୁଟିରେ ଘରକୁ ଆସିଥିଲେ। ବାପଝିଅଙ୍କ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି।

# ବରାଙ୍ଗ ଜଙ୍ଗଲରେ ହରିଣ ଅସୁରକ୍ଷିତ: ସ୍ୱତନ୍ତ୍ର ପଦକ୍ଷେପ ପାଇଁ ଦାବି



**ଆନନ୍ଦପୁର,୧୯।୧୦(ସଂଚାର ବ୍ୟୁରୋ):** ଜଙ୍ଗଲ ସଂପଦର ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ବନ ମହୋତ୍ସବ, ବନ୍ୟପ୍ରାଣୀ ସପ୍ତାହ ପାଳନ ମାଧ୍ୟମରେ ସଭାସମିତି କରି ଲୋକମାନଙ୍କୁ ସଚେତନ କରାଯାଉଛି । ବନ୍ୟପ୍ରାଣୀ ଓ ଜଙ୍ଗଲ ସଂପଦର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ବନ ବିଭାଗର ଅପାରଗତା ଯୋଗୁ କେନ୍ଦୁଝର ଜିଲ୍ଲାରେ ବନ୍ୟପ୍ରାଣୀ ଡିଭିଜନରେ ଜଙ୍ଗଲ ସଂପଦ ଧ୍ୱଂସ ହୋଇଚାଲିଛି । ସରଂକ୍ଷିତ ଜଙ୍ଗଲ ରେ ବେଆଇନ କାର୍ଯ୍ୟ ଯୋଗୁ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇ ପଡିଛନ୍ତି । ଆନନ୍ଦପୁର ରେଂଜ ଅନ୍ତର୍ଗତ ବରାଙ୍ଗ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ହରିଣ ରହିଥିବାବେଳେ ଏନେଇ କୌଣସି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବନ୍ୟପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବରାଙ୍ଗ ସଂରକ୍ଷିତ ଜଙ୍ଗଲ ୧୩୨୯ ହେକ୍ଟର ପରିସୀମା ମଧ୍ୟରେ ରହିଥିବା ବେଳେ ଜଙ୍ଗଲ ଚାରିପାଖରେ ଗଁପୁର, ପୁରୁଣାବାନ୍ଧଗୋଡ଼ା, ବିଲାବନ୍ଧ, ନଣ୍ଡାବର, କୋଳିପାଳ, ବରାଙ୍ଗ, ନୂଆମାଳିଆ, କିଆପଦା ଆଦି ଗ୍ରାମ ରହିଛି। ଏହି ଜଙ୍ଗଲ ମଧ୍ୟରେ ୧୩୮ଟି ହରିଣ ରହିଥିବା ନେଇ ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଳେଇ ପ୍ରକାଶ କରିଛନ୍ତି। ତେବେ ଜଙ୍ଗଲରେ ଏକହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ହରିଣ ସାଙ୍ଗକୁ କୁଟରା, ଠେକୁଆ, ଝିଙ୍କ, ଭାଲୁ, ନେଉଳ, ଗୋଧି ଓ ବିରଳ ସରୀସୃପ ରହିଥିବା ନେଇ ପୁରୁଣାବାନ୍ଧଗୋଡ଼ାର ସମାଜସେବୀ ତାରିଣୀ ପ୍ରସାଦ ପଟ୍ଟନାୟକ କହିଛନ୍ତି।।

# ବାତ୍ୟା ଆସିଲେ ପ୍ରଶାସନର ନିଦ ଭାଙ୍ଗେ

**କାକଟପୁର୧୯।୧୦(ସଂଚାର ବ୍ୟୁରୋ):** ବାତ୍ୟା ଓ ବନ୍ୟା ସମୟରେ ବାସହୀନ, ତଳିଆ ଅଞ୍ଚଳର କ୍ଷତିଗ୍ରସ୍ତଙ୍କୁ ସୁରକ୍ଷିତ ସ୍ଥାନରେ ରହିବା ନିମନ୍ତେ ସରକାର ଅର୍ଥ ବ୍ୟୟ କରି ପଞ୍ଚାୟତଗୁଡ଼ିକରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବ ଓ ନିମ୍ନମାନର କାମ ଯୋଗୁ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସୁରକ୍ଷା ପାଇଁ ହୋଇଥିବା ଆଶ୍ରୟସ୍ଥଳୀ ଏବେ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହି ବିପଦକୁ ଆମନ୍ତ୍ରଣ କରୁଛି। ଏଭଳି ଅନେକ ଗୁଡିଏ ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ବିଭିନ୍ନ ପଂଚାୟତ ଥିବା ଆଶ୍ରୟସ୍ଥଳୀ। ୧୯୯୯ମସିହା ଅକ୍ଟୋବର ୨୯ତାରିଖ ମହାପ୍ରଳୟଙ୍କରୀ ମହାବାତ୍ୟା ପରେ ଫାଇଲିନ, ହୁଡହୁଡ, ଅମ୍ଫାନ, ତିତିଲ, ଫନି ଭଳି ବାତ୍ୟା ଆସିଲା। ହେଲେ ତଥାପି ଚେତିଲେନି ସରକାର। ମହାବାତ୍ୟା ପରେ ଉପକୂଳ ଅଂଚଳର ଲୋକମାନଙ୍କୁ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ ର ରକ୍ଷଣା ବେକ୍ଷଣ ଅଭାବ ଓ ପରିଚାଳନା ଗତ ତ୍ରୁଟି ଯୋଗୁଁ ଅଧିକାଂଶ ବାତ୍ୟାଆଶ୍ରୟ ସ୍ଥଳୀ ଏବେ ଜରାଜୀର୍ଣ୍ଣ ହୋଇ ଭୂତକୋଠି ପରିଣତ ହୋଇଛି। ୧୯୯୯ମସିହା ପ୍ରଳୟଙ୍କରୀ ମହାବାତ୍ୟା ରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁ କ୍ଷତିଗ୍ରସ୍ତ ହୋଇଥିଲା। ଗାଁ ଲୋକ ଙ୍କ ସୁରକ୍ଷା ପାଇଁ ସରକାରୀ କି ବେସରକାରୀ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ରକ୍ଷଣା ବେକ୍ଷଣ ଅଭାବ ରୁ ଭୂତକୋଠି ପାଲଟିବା ସହ ଭାଙ୍ଗି ରୁଜି ଗଲାଣି। ହେଲେ ମହାବାତ୍ୟା ର ୨୫ବର୍ଷ ମଧ୍ୟରେ ସରକାର ପଦକ୍ଷେପ ନ ନେବାରୁ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ।

# ଲୋୟର ସୁକତେଲ ବିସ୍ଥାପିତ କଲୋନିରେ ନରସିଂହ

## ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ



**ବଲାଙ୍ଗୀର,୧୯।୧୦(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରେ ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ତରବରିଆ ଭାବରେ ଗତ ସରକାର ଉଦ୍‌ଘାଟନ କରିଦେଇଥିଲେ । ବିସ୍ଥାପିତମାନଙ୍କ ତ୍ୟାଗ ବଳରେ ତିଆରି ହୋଇଥିବା ଏହି ପ୍ରକଳ୍ପ ରୁ ଏ ପର୍ଯ୍ୟନ୍ତ ଚାଷୀ ପାଣି ପାଇ ପାରିନାହିଁ । ବିସ୍ଥାପିତମାନେ ମଧ୍ୟ ଆଇନ ମୁତାବକ ତାଙ୍କର ଅନେକ ପ୍ରକାର କ୍ଷତିପୂରଣ ପାଇବାର ବାକି ଅଛି । ଏପରିକି ଏମାନଙ୍କୁ ବିସ୍ଥାପିତ କରି ଥଇଥାନ କରାଯାଇଥିବା କଲୋନିରେ ମୌଳିକ ସୁବିଧା ରୁ ଏମାନଙ୍କୁ ସରକାର ବଂଚିତ କରିଛି । ତେଣୁ ଏ ସବୁ ଯେତେ ଶିଘ୍ର ହେବ ସମାଧାନ କରାଯାଉ ନଚେତ ଆଗାମୀ ଦିନରେ ଲୋକେ ନିଶ୍ଚିତ ଭାବେ ଆନ୍ଦୋଳନମୁହାଁ ହେବେ ବୋଲି ପୂର୍ବତନ ଆଇନମନ୍ତ୍ରୀ, ପୂର୍ବତନ ବିଧାୟକ ନରସିଂହ ମିଶ୍ର ଗତ କାଲି ଝାଙ୍କରପାଲି ନିକଟସ୍ଥ ଲୋୟର ସୁକତେଲ ର ଥଇଥାନ କଲୋନି କୁ ଯାଇ ଲୋକମାନଙ୍କ ଅଭାବ ଅସୁବିଧା ବୁଝିବା ପରେ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଲୋକେ ଆଜି ପର୍ଯ୍ୟନ୍ତ ଥଇଥାନ କଲୋନିରେ ପିଇବା ପାଇଁ ପାଣି, ଗାଧେଇବା ପାଇଁ ପୋଖରୀ ପାଇ ନାହାନ୍ତି । ତେଣୁ ଏ ସବୁ ର ତୁରନ୍ତ ସମାଧାନ କରାଯାଉ ବୋଲି ସେ କହିଛନ୍ତି । ଥଇଥାନ ଓ ବିସ୍ଥାପିତ କଲୋନିରେ ମିଶ୍ର ପହଂଚିବା ପରେ ସେଠାରେ ରହୁଥିବା ପ୍ରାୟ ସମସ୍ତ ମହିଳା ପୁରୁଷ ଆସି ତାଙ୍କ ଅସୁବିଧା ବାବଦରେ ଅଭିଯୋଗ କରିଥିଲେ । ବିଶେଷ କରି ପିଇବା ପାଣି, ଗାଧୋଇବା ପାଇଁ ପୋଖରୀ, ଅନ୍ତେଷ୍ଟି କ୍ରିୟା ପାଇଁ ଶ୍ମଶାନ ଓ ଛୋଟ ଛୋଟ ଛୁଆମାନଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ନିର୍ମାଣ ର ପ୍ରତିଶ୍ରୁତି ଦେଇ ପ୍ରଶାସନ ଓ ସରକାର ବର୍ତ୍ତମାନ ଚୁପ ବସିପଡିଛି । ଆଜିର ଏହି ଆଲୋଚନା ସମୟରେ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ ପରିଷଦ ର ନେତୃତ୍ୱ ନେଉଥିବା ଘନ ସାହୁ, ସରପଂଚ ସଂଜୟ ଗଡତ୍ୟା, ମୀନକେତନ ଚାନ୍ଦ, ଯଜ୍ଞକର ବିଶ୍ୱାଲ, ଚୁଡଙ୍ଗ ସାହୁ, ଭରତ ସାହୁ, ମନ୍ଦିର ପୂଜକ ରାମ ପ୍ରସାଦ ଚାନ୍ଦ, ବିଷ୍ଣୁ ଛତ୍ରିଆ, ଡ. ରାଧାକାନ୍ତ ଭୋଇ, କିଶୋର ଗଡତ୍ୟାଙ୍କ ସହ ଏଠାରେ ରହୁଥିବା ସମସ୍ତ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ବଜ୍ରପାତରେ ଯୁବକ ମୃତ

**ଯାଜପୁରସଦର,୧୯।୧୦(ସଂଚାର ବ୍ୟୁରୋ):** ଯାଜପୁର ସଦର ଥାନା ସାହସପୁର ପଞ୍ଚାୟତ ଡଅଁରକୂଳ ଗ୍ରାମରେ ବଜ୍ରପାତ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ବ୍ରଜ ସେନାପତିଙ୍କ ପୁଅ ବିବେକ ସେନାପତି(୨୨)। ସେ ଆଜି ଅପରାହ୍ନରେ ବିଲରେ ଗୋରୁ ଚରାଉଥିବା ବେଳେ ବଜ୍ରପାତ ହୋଇଥିଲା। ସେଠାରେ ବିଲରେ ହିଁ ଟଳି ପଡିଥିଲେ। ପରିବାର ଲୋକ ଖୋଜାଖୋଜି ତାଙ୍କୁ ଉଦ୍ଧାର କରିବା ସହ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାର ଓ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ଅବହେଳିତ ଅବସ୍ଥାରେ ପଞ୍ଚବଟୀ ଉଦ୍ୟାନ




**ସୁବର୍ଣ୍ଣପୁର,୧୯।୧୦(ସଂଚାର ବ୍ୟୁରୋ):** ସୋନପୁର ସହର ଉପକଣ୍ଠ ଝିଙ୍କି ଟିକ୍ରା ନିକଟରେ ଦୁଇ ବର୍ଷ ପୂର୍ବରୁ ଏକ ଉଦ୍ୟାନ ନିର୍ମାଣ ଆରମ୍ଭ ହେଲା । ଏହି ମନୋରମ ସ୍ଥାନକୁ ଦେଖି ସହରବାସୀ ଖୁସି ହୋଇ ଯାଇଥିଲେ । ଶାନ୍ତିରେ ବୁଲା ବୁଲି କରିବା ପାଇଁ ସବୁଜିମା ଭରା ଏହି ଉଦ୍ୟାନଟି ଏକ ଉତ୍କୃଷ୍ଟ ସ୍ଥାନ ଥିଲା । ମୋଟ ୧୮ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟରେ ଏହି ପଞ୍ଚବଟୀ ଉଦ୍ୟାନ ନିର୍ମାଣ ହେଲା । ଅଶୋକ, ଅର୍ଜୁନ, ଅଁଳା, ନିମ୍ବ, ଗମ୍ଭାରୀ, ହରିଡା, ବାହାଡା, କୁଲେର ଆଦି ୨୫ ପ୍ରକାରର ମୂଲ୍ୟବାନ ଗଛ ଏହି ଉଦ୍ୟାନରେ ଲଗା ଯାଇଛି । ଗତବର୍ଷ ଜାନୁଆରୀ ୨୬ ତାରିଖରେ ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ଏହି ପଞ୍ଚବଟୀ ଉଦ୍ୟାନ ଉଦ୍‌ଘାଟିତ ହୋଇଥିଲା । ତେବେ ରକ୍ଷଣା ବେକ୍ଷଣ ଅଭାବରୁ ଏହି ଉଦ୍ୟାନ ଏବେ ଅବହେଳିତ ଭାବେ ପଡି ରହିଛି । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ୟାନରେ ସମସ୍ତ ଉପାଦାନ ଭରି ରହିଥିଲେ ମଧ୍ୟ ଏହା ଏବେ ସର୍ବଦା ଖାଁ ଖାଁ ଲାଗୁଛି । ଭିତରକୁ ପ୍ରବେଶ ପାଇଁ ଟିକେଟର ବ୍ୟବସ୍ଥା ଥିଲେ ମଧ୍ୟ ଉଦ୍ୟାନକୁ ଅଣଦେଖା କରାଯାଉ ଥିବାରୁ କୌଣସି ଲୋକ ଉଦ୍ୟାନ ଭିତରକୁ ଯିବା ପାଇଁ ପସନ୍ଦ କରୁ ନାହାନ୍ତି । ଏତେ ବ୍ୟୟରେ ନିର୍ମିତ ଉଦ୍ୟାନ ଏବେ ଏକ ତାରବାଡ ଘେରା ଜନଶୂନ୍ୟ ଶ୍ମଶାନ ଭଳି ଲାଗୁଛି । ପାର୍କ ଭିତରେ ଥିବା ଜିମ୍ ଲୋକଙ୍କ କାମରେ ଆସୁନାହିଁ । ଉଦ୍ୟାନ ଭିତରେ ଏକ ସୁନ୍ଦର ପୋଖରୀ ରହିଛି । ଏହି ପୋଖରୀରେ ବୋଟିଂ ବ୍ୟବସ୍ଥା ହୋଇ ପାରନ୍ତା । ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଏକ ୱାଚ୍ ଟାୱାର ରହିଛି । ଜଙ୍ଗଲ ବିଭାଗର ଖାମ ଖିଆଲି ମନୋଭାବ ଯୋଗୁଁ ସରକାରଙ୍କ ୧୮ ଲକ୍ଷ ଟଙ୍କା। ପାଣିରେ ପଡିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଉଦ୍ୟାନର ପରିଚାଳନା ପାଇଁ ଅର୍ଥ ନାହିଁ ବୋଲି ସୋନପୁର ଡିଏଫଓ ମଦନଲାଲ ଶର୍ମା କହିଛନ୍ତି । ଯଦି ଏହି ଉଦ୍ୟାନ ରକ୍ଷଣାବେକ୍ଷଣ ପାଇଁ ଟଙ୍କା ନାହିଁ ରାସ୍ତାର ଅପରପାଶ୍ୱର୍ରେ ଜଙ୍ଗଲ ବିଭାଗ ପୁଣି କାହିଁକି ଏକ ଉଦ୍ୟାନ ନିର୍ମାଣ କରୁଛି ବୋଲି ସହରବାସୀ ପ୍ରଶ୍ନ କରିଛନ୍ତ ।ଏହାର ରକ୍ଷଣାବେକ୍ଷଣ ଶୀଘ୍ର କରି କାର୍ଯ୍ୟକ୍ଷମ ହେଲେ ସୋନପୁର ସହର ତଥା ଜିଲ୍ଲାକୁ ଆସୁଥିବା ପର୍ଯ୍ୟଟକ ଖୁସି ହେବା ସାଙ୍ଗକୁ ମନୋରଞ୍ଜନ କରି ପାରିବେ।